بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3 | ସଂଖ୍ୟା 49

ସାପ୍ତାହିକ ବଦର

The Weekly BADAR Qadian ODIA | କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06 ଡିସେମ୍ବର୍ 2018    06 ଫତାହ୍ 1397 ହି.ଶ    27 ରବିଉଲ୍ ଅୱ୍ୱଲ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

لَا یُکَلِّفُ اللّٰہُ نَفۡسًا اِلَّا وُسۡعَہَا ؕ لَہَا مَا کَسَبَتۡ وَعَلَیۡہَا مَا اکۡتَسَبَتۡ ؕ رَبَّنَا لَا تُؤَاخِذۡنَاۤ اِنۡ نَّسِیۡنَاۤ اَوۡ اَخۡطَاۡنَا ۚ

(سورۃ البقرہ:287)

**ଅନୁବାଦ** - ଅଲ୍ଲାଃ କୌଣସି ବ୍ୟକ୍ତିକୁ ତାହାର ସାମର୍ଥ୍ୟ ବାହାରେ କୌଣସି ଦାୟିତ୍ୱ ଦିଅନ୍ତି ନାହିଁ; ସେ ଯାହାକିଛି (ମହତ୍) କାର୍ଯ୍ୟ ସମ୍ପାଦନ କରିଥାଏ (ତାହା) ନିଜପାଇଁ ଲାଭଦାୟକ ହେବ; ଏବଂ ସେ ଯାହାକିଛି (ମନ୍ଦ) କାର୍ଯ୍ୟ କରିଥାଏ (ତାହା) ତା' ଉପରେ (ଶାସ୍ତି ଆକାରରେ) ନିପତିତ ହେବ; (ଏବଂ ସେମାନେ ପୁଣି କହନ୍ତି) ''ହେ ଆମମାନଙ୍କ ପାଳନକର୍ତା ! ଯଦି ଆମେମାନେ କେବେ ଭୁଲିଯାଉ ବା ଦୋଷ କରିଥାଉ ତେବେ ଆମମାନଙ୍କୁ ଦଣ୍ଡ ଦିଅନାହିଁ ।

***(ବକ୍ରାଃ : ୨୮୭)***

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଙ୍କ[ଅ.ବ] ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଙ୍କୁ[ଅ.ବ] ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ହେ ବୁଦ୍ଧିମାନ୍ ଲୋକେ ! ଏ ସଂସାର ଚିରକାଳ (ରହିବାର) ସ୍ଥାନ ନୁହେଁ । ତୁମ୍ଭେ ସତର୍କ ହୁଅ । ତୁମେ ସମସ୍ତ ପ୍ରକାର ଅସମାନତାକୁ ଛାଡିଦିଅ । ପ୍ରତ୍ୟେକ ନିଶା ଜିନିଷକୁ ପରିତ୍ୟାଗ କର । ମଣିଷକୁ ନିଃଶେଷ କରିଦେଉଥିବା (ବସ୍ତୁ) କେବଳ ମଦ୍ୟ ହିଁ ନୁହେଁ ବରଂ ଅଫିମ୍, ଗଞ୍ଜେଇ, ଚରସ, ଭାଙ୍ଗ, ତାଡି ଏବଂ ପ୍ରତ୍ୟେକ ପ୍ରକାରର ଏପରି ନିଶା ଦ୍ରବ୍ୟ ଯାହାକୁ ସବୁବେଳପାଇଁ ଅଭ୍ୟାସରେ ପରିଣତ କରାଯାଏ, ତାହାସବୁ ମସ୍ତିଷ୍କକୁ ଖରାପ କରିଥାଏ ଓ ଶେଷରେ ହଲାକ୍ (ନିଃଶେଷ) କରିଥାଏ । ତେଣୁ ତୁମେ ଏଥିରୁ ବଂଚିରୁହ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ପବିତ୍ର ହେବାପାଇଁ ଚେଷ୍ଟାକର କି ମନୁଷ୍ୟ ସେତେବେଳେ ପବିତ୍ରତାକୁ ପାଇଥାଏ ଯେତେବେଳେ ନିଜେ ପବିତ୍ର ହୋଇଥାଏ କିନ୍ତୁ ତୁମେ ଏହି ନେମତ୍ (ପୁରସ୍କାର)କୁ କିପରି ପାଇପାରିବ, ଏହାର ଉତର ଇଶ୍ୱର ଦେଇଛନ୍ତି । ସେ ପବିତ୍ର କୋରାନ୍‌ରେ କହୁଛନ୍ତି- *ୱସ୍‌ତଇନୁ ବିସ୍ ସବ୍‌ରେ ୱସ୍ ସଲାତି* ଅର୍ଥାତ୍ ନମାଜ ଓ ଧୈର୍ଯ୍ୟ ଅବଲମ୍ବନ କରି ଇଶ୍ୱରଙ୍କଠାରୁ ସାହାଯ୍ୟ ଭିକ୍ଷା କର । ନମାଜ କି ପ୍ରକାରର ଜିନିଷ, ତାହା ହେଉଛି ଏକ ପ୍ରାର୍ଥନା, ଯାହା ତସ୍‌ବିହ୍ (ଅଲ୍ଲାଃଙ୍କ ସ୍ତୁତିଗାନ), ତହ୍‌ମିଦ୍ (ଅଲ୍ଲାଃଙ୍କ ଗୁଣଗାନ), ତକ୍‌ଦିସ୍ (ଅଲ୍ଲାଃଙ୍କ ପବିତ୍ର ବର୍ଣ୍ଣନା) ଏବଂ ଇସ୍‌ତେଗ୍‌ଫାର୍ (ନିଜ ଦୋଷଦୁର୍ବଳତାର କ୍ଷମା ମାଗିବା) ଓ ଦରୁଦ୍ (ଅଲ୍ଲାଃଙ୍କ ପ୍ରିୟ ରସୁଲ୍ ସ:ଆ:ସଙ୍କ ନିମନ୍ତେ ପ୍ରାର୍ଥନା କରିବା) ଦ୍ୱାରା ଭାବବିହୋଳ ହୋଇ ମଗାଯାଇଥାଏ । ତେଣୁ ତୁମେ ଯେତେବେଳେ ନମାଜ ପାଠ କର, ଅଜ୍ଞାନ ଲୋକଙ୍କ ପରି ନିଜ ଦୁଆ (ପ୍ରାର୍ଥନା) କୁ କେବଳ ଆରବୀ ଶବ୍ଦ ମଧ୍ୟରେ ସିମୀତ ରଖନାହିଁ । କାରଣ ସେମାନଙ୍କ ନମାଜ ଏବଂ ସେମାନଙ୍କ ଇସ୍‌ତେଗ୍‌ଫାର୍ ହେଉଛି ରସମ୍ (ପ୍ରଥା), ଯାହା ସହିତ କୌଣସି ବାସ୍ତବିକତା ନାହିଁ । କିନ୍ତୁ ତୁମେ ଯେବେ ନମାଜ ପଢ଼ିବ ସେତେବେଳେ ପବିତ୍ର କୋରାନ୍, ଯାହା ହେଉଛି ଇଶ୍ୱରଙ୍କ ବାଣୀ ଏବଂ କିଛି ଅଦିୟାଏ ମାସୁରାଃ (ରସୁଲ୍‌ଙ୍କ ବାଣୀ)କୁ ଛାଡିଦେଲେ ଆଉ ସମସ୍ତ ସାଧାରଣ ଦୁଆଗୁଡିକ ନିଜ ଭାଷାରେ, ନିଜ ଶବ୍ଦରେ ମଗ୍ନତାର ସହିତ ଭାବବିହୋଳ ହୋଇ ପାଠକର । ଫଳତ । ତୁମ ମନ ଉପରେ ତା ବିନମ୍ରଭାବର ପ୍ରଭାବ ପଡ଼ିବ । ପାଂଚବେଳା ନମାଜ କଣ ଜିନିଷ । ତାହା ହେଉଛି ତୁମର ଭିନ୍ନ ଭିନ୍ନ ଅବସ୍ଥାର ପ୍ରତିବିମ୍ବ । ତୁମ ଜୀବନର ଏପରି ଅବିଚ୍ଛେଦ ଅବସ୍ଥା (ଯାହା) ବିପତି ସମୟରେ ପାଂଚଥର ପରିବର୍ତିତ ହୋଇ ତୁମ ଉପରେ ପ୍ରକାଶ ହୋଇଥାଏ ଏବଂ ତୁମ ପ୍ରକୃତି ପାଇଁ ସେଗୁଡିକର ପରିପ୍ରକାଶ ହେବା ଜରୁରୀ ଅଟେ । (୧)ପ୍ରଥମେ ତୁମକୁ ସୁଚାଇ ଦିଆଯାଉଛି କି ଗୋଟିଏ ବିପତି ତୁମ ଉପରେ ଆସିବାକୁ ଅଛି । ଉଦାହରଣ ସ୍ୱରୂପ ଯେମିତି ତୁମ ନାମରେ ଗୋଟିଏ ୱାରେଂଟ୍ ଅଦାଲତ୍‌ରୁ ଜାରି କରାଗଲା । ଏହା ହେଉଛି ପ୍ରଥମ ଅବସ୍ଥା ଯାହା ତୁମର ଶାନ୍ତି ଓ ତୁମ ଆନନ୍ଦରେ ହସ୍ତକ୍ଷେପ କଲା । ତେଣୁ ଏପରି ଅବସ୍ଥାକୁ ଜୱ୍ୱାଲ୍ (ସୂର୍ଯ୍ୟ ଢ଼ଳିଯିବାର ବେଳ) ସମାନ । କାରଣ ଏହାଦ୍ୱାରା ତୁମ ଆନନ୍ଦରେ ପତନ ହେବା ଆରମ୍ଭ ହୋଇଗଲା । ଏହା ବିପକ୍ଷରେ ଜୋହର୍ ନମାଜକୁ ରଖାଯାଇଛି ଯାହାର ସମୟ ସୂର୍ଯ୍ୟ ଢ଼ଳିବା ସମୟ ପରେ ଆରମ୍ଭ ହୋଇଯାଇଥାଏ ।

(୨)ଦ୍ୱିତୀୟ ପରିବର୍ତନ ତୁମଠାରେ ସେତେବେଳେ ହୋଇଥାଏ ଯେତେବେଳେ ତୁମେ ବିପତି ମହଲର ଅତି ନିକଟତର ହୋଇଥାଅ । ଉଦାହରଣ ସ୍ୱରୂପ ଯେତେବେଳେ ତୁମେ ୱାରେଂଟ୍ ଜରିଆରେ ଗିରଫ୍ ହୋଇ ହାକିମଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥାଅ । ଏହା ହେଉଛି ସେହି ସମୟ ଯେତେବେଳେ ଭୟରେ ରକ୍ତ ଶୁଖିଯାଏ ଏବଂ (ଆନନ୍ଦ ଓ) ଶାନ୍ତ୍ୱନାର ଜ୍ୟୋତି ତୁମଠାରେ ବିଦାୟ ନେବାକୁ ଚାହୁଁଥାଏ । ସୁତରାଂ ତୁମର ଏପରି ଅବସ୍ଥାକୁ ସେ ସମୟ ସହିତ ଉପମା ଦିଆଯାଇଛି କି ଯେତେବେଳେ ସୂର୍ଯ୍ୟର ଜ୍ୟୋତି କମ୍ ହୋଇଯାଏ ଓ ତା ଉପରେ ଦୃଷ୍ଟିନିକ୍ଷେପ କରାଯାଇପାରେ ଯଦ୍ୱାରା ସ୍ପଷ୍ଟ ରୂପେ ତାହା ଦେଖାଯାଇଥାଏ କି ଏହା ବୁଡିବାର ନିକଟତର । ଏହି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ ଅସର୍ ନମାଜ୍‌କୁ ରଖାଯାଇଛି ।

(୩)ତୃତୀୟ ପରିବର୍ତନ ତୁମଠାରେ ସେତେବେଳେ ଆସିଥାଏ ଯେତେବେଳେ ଏହି ବିପତିରୁ ମୁକ୍ତି ମିଳିବାର ଆଶା ସମ୍ପୂର୍ଣ୍ଣ ରୂପେ ମଉଳି ଯାଇଥାଏ । ଉଦାହରଣ ସ୍ୱରୂପ ଯେତେବେଳେ ତୁମ ନାମଟି ଅପରାଧିଙ୍କ ସହିତ ଯୋଡା ଯାଇଥାଏ ଏବଂ ତୁମକୁ ନିଃଶେଷ କରିଦେବା ପାଇଁ ବିରୋଧିପୁର୍ଣ୍ଣ ସାକ୍ଷୀ ଦିଆଯାଇଥାଏ । ଏ ସମୟଟି ହେଉଛି ଏପରି ସମୟ ଯେତେବେଳେ ତୁମର ବୁଦ୍ଧି ଓ ବିବେକ ଶୂନ୍ୟ ହୋଇଯାଇଥାଏ ଓ ତୁମେ ନିଜକୁ ଜଣେ କଏଦୀ ବୋଲି ଜାଣିପାରିଥାଅ । ସୁତରାଂ ଏପରି ଅବସ୍ଥାର ଉପମା ହେଉଛି ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଏ ଏବଂ ଦିବାଲୋକର ସମସ୍ତ ଆଶା ଶେଷ ହୋଇଯାଇଥାଏ । ଏହି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ ମଗ୍‌ରିମ୍ ନମାଜକୁ ଧାର୍ଯ୍ୟ କରାଯାଇଛି ।

(୪)ତୁମ ମଧ୍ୟରେ ଚତୁର୍ଥ ପରିବର୍ତନ ସେତେବେଳେ ଆସିଥାଏ ଯେତେବେଳେ ବିପତି ତୁମ ଉପରେ ପଡ଼ିଯାଏ ଏବଂ ତା'ର ଭୀଷଣ ଅନ୍ଧକାର ତୁମକୁ ମାଡିବସେ । ଉଦାହରଣ ସ୍ୱରୂପ ଯେତେବେଳେ ସମସ୍ତ ସାକ୍ଷୀଙ୍କ ଶୁଣାଣି ହେବାପରେ ତୁମର ଅପରାଧ ପ୍ରମାଣିତ ହୋଇ ଦଣ୍ଡର ଶୁଣାଣି ହୋଇଥାଏ ଏବଂ ଜଣେ କଏଦୀ ରୂପେ ତୁମକୁ ପୋଲିସ୍ ହାତରେ ଦେଇଦିଆଯାଇଥାଏ । ସୁତରାଂ ଏପରି ଅବସ୍ଥାକୁ ସେ ସମୟ ସହିତ ଉପମା ଦିଆଯାଇଛି ଯେତେବେଳେ ରାତି ବଢ଼ିଯାଏ ଓ ଭୀଷଣ ଅନ୍ଧାର ହୋଇଯାଏ । ଏପରି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ ଇଶା ନମାଜ୍‌କୁ ଧାର୍ଯ୍ୟ କରାଯାଇଛି ।

(୫)ପୁଣି ଯେତେବେଳେ ତୁମେ ବହୁ ସମୟ ପର୍ଯ୍ୟନ୍ତ ବିପତିର ଅନ୍ଧକାରରେ କାଳାତିପାତ କର ସେତେବେଳେ ପରିଶେଷରେ ଇଶ୍ୱରଙ୍କ କରୁଣା ତୁମ ଉପରେ ଅବତୀର୍ଣ୍ଣ ହୋଇ ତୁମକୁ ଉକ୍ତ ଅନ୍ଧକାରମୟ ଅବସ୍ଥାରୁ ନଜାତ୍ (ମୁକ୍ତି) ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ଯେଉଁପରି ଅନ୍ଧାର ପରେ ପୁଣି ଶେଷରେ ସକାଳ ହୋଇଥାଏ ଓ ପୁଣି ସେହି ଆଲୋକ ଚମକ ସହିତ ପ୍ରକାଶ ହୋଇଥାଏ । ସୁତରାଂ ଏହି ଆଧ୍ୟାତ୍ମିକ ଅବସ୍ଥାର ମୁକାବିଲାରେ ଫଜର୍ ନମାଜ୍‌କୁ ରଖାଯାଇଛି ଏବଂ ଖୁଦା ତୁମର ପ୍ରକୃତିଗତ ପାଂଚୋଟି ପରିବର୍ତନ ଅବସ୍ଥାକୁ ଦେଖି ତୁମପାଇଁ ପାଂଚବେଳା ନମାଜ ଧାର୍ଯ୍ୟ କରିଛନ୍ତି । ଏଥିରୁ ତୁମେ ବୁଝିପାରୁଥିବ କି ଏହି ନମାଜ ବିଶେଷ ରୂପେ ତୁମ ନିଜ ହିତପାଇଁ ରହିଛି । ସୁତରାଂ ଯଦି ତୁମେ ଚାହୁଁଛ କି ଏହି ସମସ୍ତ ବିପତିରୁ ବଂଚିଯାଅ ତେବେ ତୁମେ ପାଂଚବେଳା ନମାଜକୁ ଛାଡନାହିଁ । କାରଣ ଏହା ହେଉଛି ତୁମ ଅନ୍ତଃ ଓ ବାହ୍ୟ ପରିବର୍ତନର ଜିଲ୍ (ପ୍ରତିବିମ୍ବ) । ନମାଜରେ ଆସନ୍ତା ବିପତିର ଉପଚାର ରହିଛି । ତୁମେ (ଏକଥା) ଜାଣିନାହଁ କି ଯେଉଁ ନୁଆ ଦିନଟି ଆରମ୍ଭ ହେବାକୁ ଯାଉଛି ତାହା କି ପ୍ରକାରର ଇଶ୍ୱରୀୟ ନିର୍ଣ୍ଣୟ (ଭାଗ୍ୟ) ତୁମପାଇଁ ଆଣିଦେବ । ତେଣୁ ଦିନ ଆରମ୍ଭ ହେବା ପୂର୍ବରୁ ତୁମେ ନିଜ ମୌଲା (ପ୍ରକୃତ ବନ୍ଧୁ ଅର୍ଥାତ୍ ଇଶ୍ୱର)ଙ୍କ ନିକଟରେ ନିବେଦନ କର କି ତୁମପାଇଁ ଏହା ବର୍‌କତ୍ (ବୈଭବ)ର ଦିନ ହେଉ ।

ହେ ଅମୀର୍ ଓ ସମ୍ରାଟମାନେ ! ଏବଂ ବିତଶାଳୀ ଗଣ ! ! ଆପଣମାନଙ୍କ ମଧ୍ୟରେ ଏପରି ବହୁତ କମ୍‌ଲୋକେ ଅଛନ୍ତି, ଯେଉଁମାନେ ଖୁଦାଙ୍କୁ ଡରୁଥିବେ ଓ ତାର ସମସ୍ତ ମାର୍ଗରେ ସଦାଚାରୀ (ଅଭିହିତ) ହେଉଥିବେ । ଅଧିକାଂଶ ଏପରି ଅଟନ୍ତି ଯେଉଁମାନେ ଭୌଗଳିକ ରାଷ୍ଟ୍ର ଓ ସାଂସାରିକ ଧନସମ୍ପତିରେ ମନୋନିବେଶ କରୁଛନ୍ତି ଏବଂ ପୁଣି ଏଥିରେ ଜୀବନ ବିତାଇ ଦେଉଛନ୍ତି ଓ ମୃତ୍ୟୁକୁ ମନେ ରଖୁନାହାଁନ୍ତି । ପ୍ରତ୍ୟେକ ଅମୀର୍ ଯିଏ ନମାଜ ପଢୁନାହିଁ ଏବଂ ଇଶ୍ୱରଙ୍କ ପରବାୟ କରୁନାହିଁ, ତାର ସମସ୍ତ ଚାକର ବାକରଙ୍କ ପାପ ତା ବେକରେ ପଡିବ । ପ୍ରତ୍ୟେକ ଅମୀର୍ ଯିଏ ମଦ୍ୟପାନ କରୁଛି ତା ବେକରେ ସେହି ଲୋକମାନଙ୍କର ପାପ ମଧ୍ୟ ପଡିବ, ଯେଉଁମାନେ ତା ଅନ୍ତର୍ଗତ ରହି ମଦ୍ୟପାନ କରୁଛନ୍ତି । ହେ ବୁଦ୍ଧିମାନ୍ ଲୋକେ ! ଏ ସଂସାର ଚିରକାଳ (ରହିବାର) ସ୍ଥାନ ନୁହେଁ । ତୁମ୍ଭେ ସତର୍କ ହୁଅ । ତୁମେ ସମସ୍ତ ପ୍ରକାର ଅସମାନତାକୁ ଛାଡିଦିଅ । ପ୍ରତ୍ୟେକ ନିଶା ଜିନିଷକୁ ପରିତ୍ୟାଗ କର । ମଣିଷକୁ ନିଃଶେଷ କରିଦେଉଥିବା (ବସ୍ତୁ) କେବଳ ମଦ୍ୟ ହିଁ ନୁହେଁ ବରଂ ଅଫିମ୍, ଗଞ୍ଜେଇ, ଚରସ, ଭାଙ୍ଗ, ତାଡି ଏବଂ ପ୍ରତ୍ୟେକ ପ୍ରକାରର ଏପରି ନିଶା ଦ୍ରବ୍ୟ ଯାହାକୁ ସବୁବେଳପାଇଁ ଅଭ୍ୟାସରେ ପରିଣତ କରାଯାଏ, ତାହାସବୁ ମସ୍ତିଷ୍କକୁ ଖରାପ କରିଥାଏ ଓ ଶେଷରେ ହଲାକ୍ (ନିଃଶେଷ) କରିଥାଏ । ତେଣୁ ତୁମେ ଏଥିରୁ ବଂଚିରୁହ । ଆମେ ବୁଝିପାରୁନାହୁଁ କି ତୁମେ କାହିଁକି ଏ ସବୁ ଜିନିଷ ବ୍ୟବହାର କରୁଛ, ଯାହାର କୁପରିଣାମରୁ ପ୍ରତ୍ୟେକ ବର୍ଷ ତୁମପରି ନିଶା ଅଭ୍ୟାସ କରୁଥିବା ହଜାର ହଜାର ଲୋକେ ଏ ସଂସାର ଛାଡି ଚାଲିଯାଉଛନ୍ତି । *ଏବଂ ଆଖିରତ୍ (ପରକାଳ)ର ଦଣ୍ଡ ପୁଣି ଅଲଗା ରହିଛି । ***(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୬୮-୭୧)***

*ୟୁରୋପ୍‌ର ଲୋକମାନଙ୍କୁ ଯେତେମାତ୍ରାରେ ଶରାବ୍ (ମଦ) କ୍ଷତି ପହଂଚାଇଛି ଏହାର କାରଣ କେବଳ ଏହାଥିଲା କି ଇସା ଆ:ସ ମଦିରା ପାନ କରୁଥିଲେ । ବୋଧହୁଏ କୌଣସି ବେମାରୀ ଯୋଗୁ ବା ପୁରୁଣା ଅଭ୍ୟାସ ଯୋଗୁ (ଏପରି କରିଥିବେ) । କିନ୍ତୁ ହେ ମୁସଲ୍‌ମାନ୍ ଗଣ ! ତୁମ ନବୀ ସ:ଆ:ସ ତ ପ୍ରତ୍ୟେକ ନିଶାରୁ ପବିତ୍ର ଓ ନିରୀହ ଥିଲେ । ଯେପରିକି ବାସ୍ତବରେ ସେ ହେଉଛନ୍ତି ନିରୀହ । ସୁତରାଂ ତୁମେ (ନିଜକୁ) ମୁସଲ୍‌ମାନ୍ ବୋଲାଇ କାହାର ଅନୁସରଣ କରୁଅଛ । ପବିତ୍ର କୋରାନ୍ ଇଞ୍ଜିଲ୍ ସଦୃଶ ଶରାବ୍‌କୁ ହଲାଲ୍ (ବୈଧ) ଅଭିହିତ କରିନାହିଁ । ପୁଣି ତୁମେ କେଉଁ ସାର୍ଟିଫିକେଟ୍ ଦ୍ୱାରା ଶରାବ୍‌କୁ ହଲାଲ୍ (ବୈଧ) ଅଭିହିତ କରୁଅଛ । କଣ ମରିବ ନାହିଁ ? ମିନ୍‌ହୁ ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା-୬ ର ଅବଶିଷ୍ଟାଂଶ......*

ଲାହୋର୍‌ର ସେକ୍ରେଟାରୀ ତେହ୍‌ରିକେ ଜଦିଦ୍ ଲଜ୍‌ନା ଲେଖୁଛନ୍ତି କି- ୱପ୍‌ଡା ଟାଉନ୍‌ର ଜଣେ ସଦସ୍ୟ ଦେଢ଼ବର୍ଷ ହେବ ଶ୍ୱାସଜନିତ କଷ୍ଟ ଭୋଗୁଥିଲେ । ମର୍କଜରୁ ଆସିଥିବା ପ୍ରତିନିଧିଙ୍କ ଗସ୍ତ ସମୟରେ ସେ ନିଜର ଚାନ୍ଦା ତେହ୍‌ରିକ୍ ଜଦିଦ୍‌କୁ ଆହୁରି ଅଧିକା ପଚାଶ ହଜାର ଟଙ୍କା ବଢ଼ାଇଦେଲେ । ଖୁଦାତାଲା ତାଙ୍କ ଉପରେ ବହୁତ ବଡ ଫଜଲ୍ କଲେ । ଯେଉଁ ବେମାରୀଟି ଉପଚାର କରିବା ସତ୍ୱେ ମଧ ବାରମ୍ବାର ଆକ୍ରମଣ କରୁଥିଲା, ତାର ସ୍ୱରୂପ ଅଚାନକ ବଦଳିଗଲା ଓ ଏବେ ସେ ବର୍ଷର ଶେଷ ସୁଧା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟବାନ୍ ହୋଇଗଲେ ।

ଅମୀର୍ ସାହେବ୍ ଗାମ୍ବିୟା ଲେଖୁଛନ୍ତି କି ଇଷ୍ଟ ଡିଷ୍ଟ୍ରିକ୍‌ର ଜର୍‌ରା ଗ୍ରାମର ଜଣେ ବନ୍ଧୁ ନିୟମିତ ତେହ୍‌ରିକ୍ ଯଦିଦ୍ ଚାନ୍ଦା ଦେଇ ଆସୁଥିଲେ । ଏବେ ଅଳ୍ପଦିନ ହେବ ତାଙ୍କ ଗାଁରେ ପଶୁମାନଙ୍କର ଗୋଟିଏ ରୋଗ ପଡ଼ିଲା । ଯେଉଁଥିପାଇଁ ଗାଁର ପଶୁଗୁଡିକ ମରିବାକୁ ଲାଗିଲେ ଓ ଗ୍ରାମର ପାଖାପାଖି ସମସ୍ତ ଲୋକଙ୍କ ପଶୁ ମରିଗଲେ । କିନ୍ତୁ ସାମ୍ବା ସାହେବ୍‌ଙ୍କର ଗୋଟିଏ ପଶୁ ମଧ ମଲାନାହିଁ । ପୁରା ଗ୍ରାମବାସୀ ଆସି ତାଙ୍କୁ ପଚାରିଲେ କି ତୁମର କୌଣସି ପଶୁ ମଧ ମରିନାହାଁନ୍ତି । ଏହାର କାରଣ କଣ ? ସେ ବତାଇଲେ କି ପ୍ରତ୍ୟେକ ବର୍ଷ ମୁଁ ମୋ ପଶୁମାନଙ୍କ ମଧ୍ୟରୁ ଗୋଟିଏ ପଶୁ ବିକ୍ରି କରି ଚାନ୍ଦା ପଇଠ କରିଦେଇଥାଏ ଓ ସେହି ବର୍‌କତ୍‌ରୁ ଅଲ୍ଲାଃତାଲା ଏହି ପଶୁଗୁଡିକୁ ରୋଗରୁ ସୁରକ୍ଷାରେ ରଖିଛନ୍ତି । ଏଥିରେ ଗାଁର ଅନ୍ୟାନ୍ୟ ସାତଜଣ ଲୋକ ମଧ ଯେଉଁମାନେ ଅହେମଦୀ ଥିଲେ, ତେହ୍‌ରିକ୍ ଯଦିଦ୍ ଚାନ୍ଦା ପଇଠ କରିଦେଲେ । ଏଥିରେ ସେ ଦେଖିବାକୁ ପାଇଲେ କି ସେମାନଙ୍କ ପଶୁଗୁଡିକର ସ୍ୱାସ୍ଥ୍ୟ ମଧ ଭଲ ହେବାକୁ ଲାଗିଲା । ଯେବେ କି ପଶୁମାନଙ୍କର ଭେଟ୍‌ନାରୀ ଡାକ୍ତର ଏକଥା କହିଥିଲେ ଯେ ଏ ରୋଗରୁ କୌଣସି ପଶୁ ବଂଚିପାରିବେ ନାହିଁ । କିଛିଦିନ ପରେ ଯେବେ ଭେଟ୍‌ନାରୀ ଡାକ୍ତର ପୁନର୍ବାର ଆସି ପଶୁଗୁଡିକର ଜାଏଜା ନେଇ କହିଲେ କି ତୁମେମାନେ ଏମାନଙ୍କ ଉପଚାର ପାଇଁ କିପ୍ରକାର ଶୈଳୀ ଆପଣାଇଲ, ଯଦ୍ୱାରା ଏହିସବୁ ପଶୁଗୁଡିକ ଠିକ୍ ହୋଇଗଲେ । ତେବେ କହୁଛନ୍ତି କି ଏଥିରେ ସେହି ଗାଁର ଜଣେ ବୁଢ଼ା ଚାନ୍ଦା ରସିଦ୍ ଆଣି କହିଲେ ଆମର ତ ଉପଚାର କରିବାର ଶୈଳୀ ହେଉଛି ଏହା । ଏହା ଦେଖି ଡାକ୍ତର ଜଣକ ବହୁତ ଆଶ୍ଚର୍ଯ୍ୟ ହେଲେ ଓ କହିଲେ କି ସେ ମଧ ଜମାତ୍ ଅହେମଦୀୟା ସମ୍ବନ୍ଧରେ ଗବେଷଣା କରିବେ । ସୁତରାଂ ତାଙ୍କୁ ବହୁ ସଂଖ୍ୟାରେ ଜମାତି ଲିଟେରେଚର୍ ଇତ୍ୟାଦି ଦିଆଗଲା । ତେବେ ଦେଖନ୍ତୁ ଉକ୍ତ ଦୂରଦୂରାନ୍ତ ଇଲାକାର ଲୋକମାନଙ୍କ ମଧ୍ୟରେ ଇମାନ୍ ଏବଂ ନିଷ୍ଠା କିପରି ଉନ୍ନତି କରୁଅଛି ଓ ସେମାନଙ୍କର ସେହି ନିଷ୍ଠା ଏବଂ ଅଲ୍ଲାଃତାଲାଙ୍କ ଉପରେ ଭରଷା ଓ ତାର ପ୍ରତିଶୃତୁ ଉପରେ ବିଶ୍ୱାସ ଥିବା ଯୋଗୁ ଅନ୍ୟମାନଙ୍କୁ ମଧ ଇସ୍‌ଲାମ୍‌ର ସତ୍ୟତା ସମ୍ବନ୍ଧରେ ଚିନ୍ତା କରିବାକୁ ବିବଶ କରୁଅଛି । ଅଲ୍ଲାଃତାଲା ଏହି ସମସ୍ତ ଲୋକମାନଙ୍କ ଇମାନ୍ ୱ ଇକାନ୍ (ବିଶ୍ୱାସ ଓ ଆସ୍ଥା) କୁ ବଢ଼ାଇଚାଲୁ ଓ ସର୍ବଦା ନିଜର ପ୍ରେମପୂର୍ଣ୍ଣ ଦୃଷ୍ଟି ତାଙ୍କ ଉପରେ ପଡୁ ।

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏହି ୱାକେୟା ଗୁଡିକ ବର୍ଣ୍ଣନା କରିବା ପରେ ବର୍ତମାନ ମୁଁ ଯେପରିକି ନଭେମ୍ବର୍ ମାସର ଆରମ୍ଭରେ ତେହ୍‌ରିକ୍ ଯଦିଦ୍‌ର ବର୍ଷ ଆରମ୍ଭର ଘୋଷଣା କରିଥାଏ, ତେହ୍‌ରିକ୍ ଯଦିଦ୍‌ର ନୂଆବର୍ଷ ଆରମ୍ଭ ହେବାର ଘୋଷଣା କରି ପଛବର୍ଷର କିଛି କୱାଇଫ୍ ଉପସ୍ଥାପନ କରୁଅଛି ।

ଏବର୍ଷ ତେହ୍‌ରିକ୍ ଯଦିଦ୍‌ର ୮୫ତମ ବର୍ଷ ୧ ନଭେମ୍ବର୍‌ରୁ ଆରମ୍ଭ ହୋଇସାରିଛି ଓ ୮୪ତମ ବର୍ଷରେ ଅଲ୍ଲାଃତାଲାଙ୍କର ଯେଉଁ ଫଜଲ୍ ହୋଇଥିଲା ତାର ରିପୋର୍ଟ୍ ହେଉଛି ଏହା କି ଅର୍ଥାତ୍ ଯେଉଁ ରିପୋଟ୍ ମିଳିଛି ତା ମୁତାବକ ୧୨.୭୯ ମିଲିୟନ୍‌ରୁ ଅଧିକା ପାଉଣ୍ଡ୍ ଅଲ୍ଲାଃତାଲା ନିଷ୍ଠାବାନ୍ ବ୍ୟକ୍ତିମାନଙ୍କୁ କୁର୍ବାନୀ କରିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ଅର୍ଥାତ୍ ୧କୋଟି ୨୭ଲକ୍ଷ ୯୩ହଜାର୍ ପାଉଣ୍ଡ୍ । ଏହା ବିଗତ ବର୍ଷ ତୁଳନାରେ ୨ଲକ୍ଷ ୧୨ହଜାର ପାଉଣ୍ଡ ଅଧିକା । ଏ ପୃଥିବୀର ପରିସ୍ଥିତି ଖରାପ ହେବା ସତ୍ୱେ ମଧ ଓ ଅନେକ ଦେଶଗୁଡିକରେ କରେନ୍‌ସି ଡିଭାଲ୍ୟୁ ହେବା ସତ୍ୱେ ମଧ ଅଲ୍ଲାଃତାଲା ପୁଣି ବି ଶକ୍ତି ପ୍ରଦାନ କଲେ ।

ମୋଟାମୋଟି ଉସୁଲି ହେବା ଦୃଷ୍ଟିକୋଣରୁ ପାକିସ୍ତାନ୍ ତ ୧ନମ୍ବରରେ ରହି ହିଁ ଥାଏ ତା ପରେ ଜର୍ମାନୀ ହେଉଛି ଏକ ନମ୍ବର୍, ବ୍ରିଟେନ୍ ଦ୍ୱିତୀୟ ନମ୍ବର୍‌ରେ, ଆମେରିକା ତୃତୀୟ ନମ୍ବର୍, କାନାଡା ଚତୁର୍ଥ ନମ୍ବର୍, ପାଂଚ ନମ୍ବର୍‌ରେ ଭାରତ, ଷଷ୍ଠତମ ନମ୍ବରରେ ଅଷ୍ଟ୍ରେଲିଆ, ସପ୍ତମରେ ମିଡିଲ୍ ଇଷ୍ଟ୍‌ର ଗୋଟିଏ ଜମାତ୍ ଅଛି, ପୁଣି ଅଷ୍ଟମରେ ଇଣ୍ଡୋନେସିଆ, ନବମରେ ଘାନା ଓ ଦଶ ନମ୍ବରରେ ପୁଣି ମିଡିଲ୍ ଇଷ୍ଟ୍‌ର ଆଉଗୋଟିଏ ଦେଶ ରହିଛି ।

ମୁଣ୍ଡପିଛା ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ସ୍ୱିଜର୍‌ଲାଣ୍ଡ୍ ଏକନମ୍ବରରେ, ଆମେରିକା ଦ୍ୱିତୀୟ ନମ୍ବରରେ, ପୁଣି ତା ପରେ ୟୁ.କେ ପୁଣି ଅଷ୍ଟ୍ରେଲିଆ, ପୁଣି ସିଙ୍ଗାପୁର୍, ପୁଣି ସ୍ୱିଡେନ୍, ବେଲ୍‌ଜିୟମ୍, ଜର୍ମାନୀ , କାନାଡା ଏବଂ ଫିନ୍‌ଲାଣ୍ଡ୍ ।

ଆଫ୍ରିକୀୟ ଦେଶଗୁଡିକରେ ମୋଟାମୋଟି ଉସୁଲି ହେବା ଦୃଷ୍ଟିକୋଣରୁ ଭଲ ପ୍ରଦର୍ଶନ କରିଥିବା ଜମାତ୍ ଗୁଡିକ ହେଉଛନ୍ତି – ଘାନା, ନାଇଜେରିଆ, ଗାମ୍ବିୟା ଏବଂ ତାନ୍‌ଜାନିଆ ।

ଚାନ୍ଦାରେ ସାମିଲ୍ ହୋଇଥିବା ଲୋକମାନଙ୍କର ମୋଟ ସଂଖ୍ୟା ପ୍ରତି ମଧ ଧ୍ୟାନ ଦିଆଯାଉଅଛି । ଏବର୍ଷ ୧୭ଲକ୍ଷ ୧୭ହଜାର୍ ଲୋକେ ଏଥିରେ ସାମିଲ୍ ହୋଇଛନ୍ତି ଏବଂ ସାମିଲ୍ ହୋଇଥିବା ସଂଖ୍ୟାରେ ୧ଲକ୍ଷ ୧୭ହଜାର୍‌ର ବୃଦ୍ଧି ଘଟିଛି ଓ ଏମାନଙ୍କ ମଧ୍ୟରୁ ଆଫ୍ରିକୀୟ ଦେଶମାନଙ୍କରେ ଅଧିକ ବୃଦ୍ଧି ଘଟିଛି । ସେଗୁଡିକ ହେଉଛନ୍ତି– ନାଇଜେର, ଗାମ୍ବିୟା, ବେନିନ୍, ବୁର୍କିନାଫାଶୋ, ଘାନା, ନାଇଜେରିଆ, କ୍ୟାମେରୁନ୍, କଙ୍ଗୋ କନ୍‌ସାସା, ଲାଇବେରିଆ, ମୋରିସସ୍ ଏବଂ ଆଇଭରିକୋଷ୍ଟ୍ । ବଡ ବଡ ଜମାତ୍ ମଧ୍ୟରେ ଇଣ୍ଡୋନେସିଆ, ଜର୍ମାନୀ, ଇଣ୍ଡିଆ, ପାକିସ୍ତାନ, କାନାଡା, ଆମେରିକା, ନର୍‌ୱେ ଏବଂ ମାଲେସିଆର ଯୋଗଦାନକାରୀ ସାମିଲ୍ ଅଛନ୍ତି ।

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସମସ୍ତ ଦଫ୍‌ତର୍ ଅୱଲ୍‌ର ଖାତା ମଧ ଜାରି ରହିଛି ଯାହାର ସଂଖ୍ୟା ହେଉଛି ୫୯୨୭ । ମାଲି କୁର୍ବାନୀରେ ପାକିସ୍ତାନ୍‌ର ତିନୋଟି ବଡ ବଡ ଜିଲ୍ଲା ଗୁଡିକର ଯେଉଁ ରିପୋର୍ଟ୍ ମିଳିଛି ସେଥିରେ ଏକନମ୍ବର୍‌ରେ ଲାହୋର୍ ଅଛି, ଦୁଇନମ୍ବର୍‌ରେ ରବ୍‌ୱା ଏବଂ ତିନି ନମ୍ବରରେ କରାଚି । ରବ୍‌ୱାକୁ ଜିଲ୍ଲା ସୁଚୀରେ ସାମିଲ୍ କରାଯାଇଥାଏ । ଯଦିଚ ତାହା ଜିଲ୍ଲା ନୁହେଁ ଗୋଟିଏ ସହର । ଅଧିକା କୁର୍ବାନୀ କରିଥିବା ଜିଲ୍ଲାଗୁଡିକ ମଧ୍ୟରେ ସିଆଲ୍‌କୋଟ୍, ସର୍‌ଗୋଧା, ଗୁଜୁରାତ୍, ଗୁଜରାଁୱାଲା, ଉମରକୋଟ୍, ହାଇଦ୍ରାବାଦ୍, ନାରୁୱାଲ୍, ମିର୍‌ପୁର୍‌ଖାସ୍, ଟୋବା ଟେକ୍‌ସିଂ ଏବଂ ମିର୍‌ପୁର୍ ଆଜାଦ୍ କାଶ୍ମୀର୍‌ର ନାମ ରହିଛି ।

ଅର୍ଥ ଉସୁଲି ଦୃଷ୍ଟିକୋଣରୁ ଯେଉଁ ଜମାତ୍ ଗୁଡିକ ଆଗରେ ଅଛନ୍ତି ସେଗୁଡିକ ହେଉଛନ୍ତି ଇସ୍‌ଲାମାବାଦ୍ ଅମାରତ୍, ଡିଫେନ୍‌ସ୍ ଲାହୋର୍ ଅମାରତ୍, ଟାଉନ୍‌ସିପ୍ ଲାହୋର୍ ଅମାରତ୍, ଅଜିଜାବାଦ୍ କରାଚି, ପେଶାୱର୍ ଅମାରତ୍, ଗୁଲ୍‌ଶନ୍ ଇକ୍‌ବାଲ୍ କରାଚି ଅମାରତ୍, କରିମ୍ ନଗର୍ ଫୈସ୍‌ଲାବାଦ୍, କୋଏଟା, ନୱାବ୍ ଶାହ୍, ବହୱଲ୍‌ପୁର୍ ଏବଂ ଔକାଡା ।

ଜର୍ମାନୀର ପ୍ରଥମ ଦଶଗୋଟି ଜମାତ୍ ହେଉଛନ୍ତି- ନେୱସ୍ (Neus), ରୋଏଡର୍‌ମାର୍କ୍ (Roedermark), ପିନ୍‌ବର୍ଗ୍ (Pinneberg), ମେହ୍‌ଦୀବାଦ୍ (Mehdi-Abad), କିଲ୍ (Kiel), ଫ୍ଲୋରେଜ୍ ହାଏମ୍ (Floersheim), କୋବୋଲଞ୍ଜ୍ (Koblenz), ୱାଇନ୍‌ଗାର୍ଟନ୍ (Weingarten), କୋଲୋନ୍ (Koeln), ଲିମ୍ବର୍ଗ୍ (Limburg) । ଏବଂ ସ୍ଥାନୀୟ ଅମାରତ୍‌ର ଦଶଗୋଟି ନାମ ହେଉଛି ଏପରି- ହାମ୍‌ବର୍ଗ୍ (Hamburg), ଫ୍ରାଙ୍କଫର୍ଟ୍ (Frankfurt), ମୋର୍ ଫେଲ୍‌ଡନ୍ (Moerfelden), ଗ୍ରସ୍ ଗେରାଓ (Gross Gerau), ଡିଟ୍‌ସନ୍ ବାକ୍ (Ditzenbach), ୱିଜ୍‌ବାଡନ୍ (Wiesbaden), ମନ୍‌ହାଏମ୍ (Mannheim), ରେଡ୍‌ଷ୍ଟାର୍ଡ୍ (Reidstadt), ୱଫନ୍‌ବାଖ୍ (Offenbach) ଏବଂ ଡାମ୍‌ଷ୍ଟଡ୍ (Darmstadt).

ମୋଟାମୋଟି ପଇଠ ଦୃଷ୍ଟିକୋଣରୁ ବ୍ରିଟେନ୍‌ର ପ୍ରଥମ ପାଂଚଟି ରିଜିଅନ୍ ହେଉଛି ଏପରି– ଲଣ୍ଡନ୍ ବି (London B), ଲଣ୍ଡନ୍ ଏ (London A), ମିଡ୍‌ଲାଣ୍ଡ୍‌ସ୍ (Midlands), ନର୍ଥଇଷ୍ଟ୍ (North East), ଏବଂ ସାଉଥ୍ (South) । ମୋଟାମୋଟି ଅର୍ଥ ପଇଠ କରିଥିବା ଦୃଷ୍ଟିକୋଣରୁ ବ୍ରିଟେନ୍ ପ୍ରଥମ ଦଶଟି ବଡ ବଡ ଜମାତ୍ ହେଉଛନ୍ତି ଏପରି – ମସ୍‌ଜିଦ୍ ଫଜଲ୍ (Fazal Mosque)ଏକ ନମ୍ବରରେ, ପୁଣି ୱେଷ୍ଟର୍ ପାର୍କ୍ (Worcester Park) ପୁଣି ବ୍ରିମିଂହମ୍ ସାଉଥ୍ (Birmingham South), ନିଉ ମାଲ୍‌ଡନ୍ (New Malden), ବ୍ରାଡ୍‌ଫୋର୍ଡ୍ ନର୍ଥ (Bradford North), ଇସ୍‌ଲାମାବାଦ୍ (Islamabad), ବ୍ରମିନ୍‌ହମ୍ ୱେଷ୍ଟ୍ (Birmingham West), ଗ୍ଲାସ୍‌ଗୋ (Glasgow), ଜିଲିଂହମ୍ (Gilingham), ସ୍କନ୍ଥୋରୋପ୍ (Scumthorpe), ଏବଂ ଯେଉଁ ପାଂଚଗୋଟି ଛୋଟଛୋଟ ଜମାତ୍ ଅଛନ୍ତି ସେଗୁଡିକ ହେଉଛି ଏପରି – ସ୍ୱେନ୍‌ଭାଲି (Spen Valley), ସ୍ୱାନ୍‌ଜି (Swansea), ନର୍ଥୱେଲ୍‌ସ୍ (North Wales), ସାଉଥ୍ ଫିଲ୍‌ଡ୍‌ସ୍ (Southfields), ଏଡ଼ିନ୍‌ବର୍ଗ୍ (Edinburgh) । ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ପ୍ରଥମ ପାଂଚଟି ରିଜିଅନ୍ ହେଉଛି ଏପରି – ସାଉଥ୍ ୱେଷ୍ଟ୍ (South West), ମିଡ୍‌ଲାଣ୍ଡ୍‌ସ୍ (Midlands), ପୁଣି ଇସ୍‌ଲାମାବାଦ୍ (Islamabad), ପୁଣି ନର୍ଥ ଇଷ୍ଟ୍(North East) ଏବଂ ସ୍କଟଲାଣ୍ଡ୍ (Scotland) ।

ମୋଟାମୋଟି ଉସୁଲି ଦୃଷ୍ଟିକୋଣରୁ ଆମେରିକାର ଜମାତ୍‌ଗୁଡିକ ହେଉଛନ୍ତି ଏପରି – ଓସ୍‌କୋସ୍, (Oshkosh) ସିଲିକନ୍ ଭ୍ୟାଲି (Silicon Valley), ସିଟଲ୍ (Seattle), ଡେଟ୍ରଏଟ୍ (Detroit) ସିଲ୍‌ଭର୍‌ସ୍ପ୍ରିଙ୍ଗ୍ (Silver Spring), ୟର୍କ୍ (York), ସେଂଟ୍ରାଲ୍ ଭର୍ଜିନିଆ (Central Virginia), ଜର୍ଜିଆ (Georgia), ଆଟ୍‌ଲାଂଟା (Atlanta), ଲସ୍ ଏଞ୍ଜେଲ୍‌ସ୍ ଇଷ୍ଟ୍ (Los Angeles East), ସେଂଟ୍ରାଲ୍ ଜର୍ସି (Central Jersey) ଏବଂ ଲରଏଲ୍ (Laurel) ।

ଉସୁଲି ହୋଇଥିବା ଦୃଷ୍ଟିକୋଣରୁ କାନାଡାର ଲୋକାଲ୍ ଅମାର୍‌ତ ଗୁଡିକ ହେଉଛି ଏପରି– ବ୍ରାମ୍ପଟନ୍ (Brampton), ୱାନ୍ (Vaughan), ପିସ୍ ଭିଲେଜ୍ (Peace Village), କାଲ୍‌ଗେରି (Calgary), ୱାଙ୍କୋଭର୍ (Vancouver), ୱେଷ୍ଟର୍ନ୍ (Weston), ମିସିସାଗା ( Missisaauga) । ଉସୁଲି ଦୃଷ୍ଟିକୋଣରୁ କାନାଡାର ପାଂଚଟି ଚର୍ଚ୍ଚିତ ଜମାତ୍ ହେଉଛନ୍ତି ଏପରି – ଏଡ୍‌ମଂଟନ୍ ୱେଷ୍ଟ୍ (Edmonton West)ଏକ ନମ୍ବରରେ ପୁଣି ଡର୍‌ହମ୍ (Burham), ହାମିଲ୍‌ଟନ୍ ସାଉଥ୍ (Hamilton South), ବ୍ରାଡ୍‌ଫୋର୍ଡ୍ (Bradford) ଏବଂ ସାସ୍‌କାଟୁନ୍ ନର୍ଥ (Saskatoon North) ।

କୁର୍ବାନୀ କରିଥିବା ଦୃଷ୍ଟିକୋଣରୁ ଭାରତର ଦଶଟି ବଡ ଜମାତ୍ ହେଉଛନ୍ତି ଏପରି – କାଦିଆନ୍ ପଞ୍ଜାବ୍, ହାଇଦ୍ରାବାଦ୍ ତେଲେଙ୍ଗାନା, ପିଥାପେରମ୍ କେରଳ, ଚେନେଇ ତାମିଲ୍‌ନାଡୁ, କାଲିକଟ୍ କେରଳ, ବାଙ୍ଗାଲୋର୍ କର୍ଣ୍ଣାଟକ, କଲିକତା ବେଙ୍ଗଲ, ପେଙ୍ଗାଡି କେରଳ, କାନାନୁର୍ ଟାଉନ୍ କେରଳ, ଯାଦ୍‌ଗିର୍ କର୍ଣ୍ଣାଟକ । ଭାରତରେ ପ୍ରାଦେଶିକ କୁର୍ବାନୀ ଦୃଷ୍ଟିକୋଣରୁ ପ୍ରଥମ ନମ୍ବର୍‌ରେ ରହିଛି କେରଳ ପୁଣି କର୍ଣ୍ଣାଟକ ପୁଣି ତାମିଲ୍‌ନାଡୁ, ତେଲେଙ୍ଗାନା, ଜାମୁ କାଶ୍ମୀର୍, ଓଡ଼ିଶା, ପଞ୍ଜାବ, ବେଙ୍ଗଲ୍, ଦିଲ୍ଲୀ ଏବଂ ମହାରାଷ୍ଟ୍ର ।

ମୋଟାମୋଟି ଉସୁଲି ଦୃଷ୍ଟିକୋଣରୁ ଅଷ୍ଟ୍ରେଲିଆର ଦଶଟି ଜମାତ୍ ହେଉଛନ୍ତି ଏପରି – କାସଲ୍‌ହିଲ୍ (Castle Hill), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ଏସିଟି କାନ୍‌ବେରା (ACT Canberra), ପ୍ୟାନ୍‌ରିଥ୍ (Penrith), ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରେନ୍ (Melbourne Long Varren), ମାର୍ସ୍‌ଡନ୍ ପାର୍କ୍ (Marsden Park), ଏଡ଼ିଲେଡ୍ ସାଉଥ୍ (Adelaide South), ବ୍ରିସ୍‌ବେନ୍ ଲୋଗାନ୍ (Brisbane Logan), ବ୍ରିସ୍‌ବେନ୍ (Brisbane), ପ୍ଲମ୍ପ୍‌ଟନ୍ (Plumpton) । ଏବଂ ମୁଣ୍ଡପିଛା ପଇଠ କରିଥିବା ଦୃଷ୍ଟିକୋଣରୁ ତସ୍‌ମାନିଆ (Tasmania), ଏସିଟି କାନ୍‌ବେରା (ACT Canberra), କାସଲ୍‌ହିଲ୍ (Castle Hill), ଡାର୍‌ୱିନ୍ (Darwin), ମାସ୍‌ଡନ୍ ପାର୍କ୍ (Marsden Park), ମେଲ୍‌ବର୍ଣ୍ଣ ବେରୱିକ୍ (Melbourne Berwick), ସିଡ୍‌ନି ସିଟି (Sydney City), ପର୍ଥ୍ (Perth), କ୍ୟାମ୍ପ୍‌ବେଲ୍ ଟାଉନ୍ (Cambelltown)ଏବଂ ପାରାମାଟ୍ଟା (Parramatta) ।

ଅଲ୍ଲାଃତାଲା ଏହି ସମସ୍ତ ଉତ୍ସର୍ଗକାରୀଙ୍କ ଧନ ଓ ଜନରେ ବହୁଳ ବର୍‌କତ୍ ପ୍ରଦାନ କରନ୍ତୁ । ଲୋକମାନଙ୍କର ଏ ଧାରଣା ଥାଏ କି ସଫର୍ (ଗସ୍ତ) ପରେ ମୁଁ ଗସ୍ତ ବିଷୟରେ ବର୍ଣ୍ଣନା କରିବି ବୋଲି । ତେବେ ଆସନ୍ତା ଖୁତ୍‌ବାରେ ଇନ୍‌ଶାଅଲ୍ଲାଃ (ବର୍ଣ୍ଣନା କରାଯିବ) ।

# ଖୁତ୍‌ବା ଜୁମା

●ଅଲ୍ଲାଃତାଲା ମଧ୍ୟ ଉଧାର ରଖିଲେ ନାହିଁ ●ହଜ୍‌ରତ୍ ଇମାମ୍ ମେହ୍‌ଦୀ ଆ:ସଙ୍କୁ ମାନୁଥିବା ବ୍ୟକ୍ତି ଠିକ୍ ରୂପେ ବୁଝିପାରିବ କି ଅଲ୍ଲାଃତାଲା ତା ଫଜଲ୍‌ରୁ ବିନା କୌଣସି ସାଂସାରିକ ସାଧନ (ସତ୍ୱେ ମଧ୍ୟ) ନିଜ ମାର୍ଗରେ କୁର୍ବାନୀ କରିଥିବା ଯୋଗୁ ଏହି ବର୍‌କତ୍ ପ୍ରଦାନ କରିଛନ୍ତି ● ମୋର ଏ ବିଶ୍ୱାସ ଥିଲା କି ଅଲ୍ଲାଃତାଲାର ଏହାର ବ୍ୟବସ୍ଥା କରିଦେବେ କିନ୍ତୁ ଏକଥା ଜଣାନଥିଲା କି ଅଲ୍ଲାଃତାଲା ୨୪ ଘଂଟା ମଧ୍ୟରେ ଏପରି ବ୍ୟବସ୍ଥା କରିଦେବେ ବୋଲି ● ପ୍ରଥମେ ମୁଁ ଏହିଭଳି ଘଟଣା ବିଷୟରେ ଯେତେବେଳେ ଶୁଣୁଥିଲି ସେତେବେଳେ ଏକଥା ଭାବୁଥିଲି କି ଅଲ୍ଲାଃତାଲା କଣ ବାସ୍ତବରେ ନିଜ ଭକ୍ତଙ୍କ ସହିତ ଏପରି ବ୍ୟବହାର କରୁଥିବେ ● କିନ୍ତୁ ଏବେ ମୋତେ ନିଜେ ହିଁ ଏହାର ଅନୁଭବ ହୋଇଗଲା ● ଆମକୁ ସେହି ଛୋଟ ପିଲା ଉପରେ ବହୁତ ସ୍ନେହ ହେଲା କି ଏତେ ଛୋଟ ବୟସରେ ତାର କିଭଳି ମାଲି କୁର୍ବାନୀ କରିବାର ସଉକ୍ ଅଛି ● ଏଥରକ ମୁଁ ନିଜ ପକେଟ୍ ଖର୍ଚ୍ଚରୁ ଚାନ୍ଦା ପଇଠ କରିପାରିଲି ନାହିଁ ● ସେଇଥିପାଇଁ ମୁଁ ଚାହୁଁଛି କି ଆଜି କେଉଁଠି କାମ କରିବି ଓ ଯେଉଁ ପାରିଶ୍ରମିକ ମିଳିବ ସେଥିରୁ ଚାନ୍ଦା ପଇଠ କରିଦେବି ● ଏହି ନିଷ୍ଠା ଓ ଅଲ୍ଲାଃତାଲାଙ୍କ ଉପରେ ଭରଷା କରିବା ଏବଂ ତା ପ୍ରତିଶୃତି ଉପରେ ବିଶ୍ୱାସ ରଖିବା ଦ୍ୱାରା ଅନ୍ୟମାନଙ୍କୁ ମଧ୍ୟ ଇସ୍‌ଲାମ୍‌ର ସତ୍ୟତା ସମ୍ବନ୍ଧରେ ଚିନ୍ତା କରିବା ପାଇଁ ବିବଶ କରୁଅଛି ।

## ତେହ୍‌ରିକ୍ ଯଦିଦ୍‌ର ୮୪ତମ ବର୍ଷ (୨୦୧୭-୨୦୧୮) ମଧ୍ୟରେ ବିଶ୍ୱବ୍ୟାପୀ ଜମାତ୍ ଅହେମଦୀୟାକୁ ୧କୋଟି ୨୭ଲକ୍ଷ ୯୩ହଜାର୍ ପାଉଣ୍ଡ୍ ଷ୍ଟ୍ରଲିଂ ଅଲ୍ଲାଃତାଲାଙ୍କ ଗୋଚରେ ଉପସ୍ଥାପନ କରିବା ପାଇଁ ସୌଭାଗ୍ୟ ମିଳିଲା । ଅଲ୍‌ହମ୍‌ଦୋଲିଲ୍ଲାଃ

ବିଶ୍ୱ ସ୍ତରରେ ଜମାତ୍ ଗୁଡିକର ପୋଜିସନ୍ ଦୃଷ୍ଟିକୋଣରୁ ପାକିସ୍ତାନ୍ ୧ନମ୍ବର୍‌ରେ ଏବଂ ତା ପରେ ଜର୍ମାନୀ, ବ୍ରିଟେନ୍ ଏବଂ ଆମେରିକା ରହିଛନ୍ତି ।

ମୁଣ୍ଡପିଛା ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ସୁଇଜର୍‌ଲାଣ୍ଡ, ଆଫ୍ରିକୀୟ ଦେଶଗୁଡିକରେ ମୋଟ ଉସୁଲି ଦୃଷ୍ଟିକୋଣରୁ ଘାନା, ଯୋଗଦାନକାରୀଙ୍କ ବୃଦ୍ଧି ଦୃଷ୍ଟିକୋଣରୁ ଆଫ୍ରିକାରେ ନାଇଜର୍ ଯେବେକି ବଡ ଜମାତ୍ ଦୃଷ୍ଟିକୋଣରୁ ଇଣ୍ଡୋନେସିଆ ସର୍ବାଗ୍ରେ ରହିଛି ।

ବିଭିନ୍ନ ପାର୍ଶ୍ୱରୁ ପାକିସ୍ତାନ୍, ଜର୍ମାନୀ, ବ୍ରିଟେନ୍, ଆମେରିକା, କାନାଡା, ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆର ଦୃଷ୍ଟାନ୍ତମୂଳକ କୁର୍ବାନୀ କରିଥିବା ଜମାତ୍ ଗୁଡିକର ଅନୁଶୀଳନ ।

ତେହ୍‌ରିକ୍ ଯଦିଦ୍‌ର ୮୫ତମ ବର୍ଷର ଘୋଷଣା ଅବସରରେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାର ଅହଦ୍ (ପ୍ରତିଶୃତି) ପାଳନ କରିଥିବା ପୃଥିବୀର ବିଭିନ୍ନ ଦେଶଗୁଡିକ ସେହିତ ସମ୍ପର୍କ ରଖିଥିବା ନିଷ୍ଠାବାନ୍ ଜମାତ୍ ଅହେମଦୀୟାର ମାଲି କୁର୍ବାନୀ ସମ୍ବନ୍ଧିତ ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣାବଳୀ ।

### ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
### (ପ୍ରଦତ୍ତ: ୯ ନଭେମ୍ବର୍ ୨୦୧୮ ଅନୁଯାୟୀ ୯ ନବୁଓ୍ୱତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ

أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ۔ بِسْمِ اللّٰهِ الرَّحْمٰنِ الرَّحِيمِ۔

اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔

اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

مَثَلُ الَّذِيْنَ يُنْفِقُوْنَ أَمْوَالَهُمْ فِيْ سَبِيْلِ اللّٰهِ كَمَثَلِ حَبَّةٍ أَنْبَتَتْ سَبْعَ سَنَابِلَ فِيْ كُلِّ سُنْۢبُلَةٍ مِّائَةُ حَبَّةٍ ؕ وَاللّٰهُ يُضٰعِفُ لِمَنْ يَّشَآءُ ؕ وَاللّٰهُ وَاسِعٌ عَلِيْمٌ ○ اَلَّذِيْنَ يُنْفِقُوْنَ أَمْوَالَهُمْ فِيْ سَبِيْلِ اللّٰهِ ثُمَّ لَا يُتْبِعُوْنَ مَآ أَنْفَقُوْا مَنًّا وَّلَآ أَذًى ۙ لَّهُمْ أَجْرُهُمْ عِنْدَ رَبِّهِمْ ۚ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ (البقرة:263،262)

وَمَثَلُ الَّذِيْنَ يُنْفِقُوْنَ أَمْوَالَهُمُ ابْتِغَآءَ مَرْضَاتِ اللّٰهِ وَتَثْبِيْتًا مِّنْ أَنْفُسِهِمْ كَمَثَلِ جَنَّةٍۢ بِرَبْوَةٍ أَصَابَهَا وَابِلٌ فَاٰتَتْ أُكُلَهَا ضِعْفَيْنِ ۚ فَإِنْ لَّمْ يُصِبْهَا وَابِلٌ فَطَلٌّ ؕ وَاللّٰهُ بِمَا تَعْمَلُوْنَ بَصِيْرٌ (البقرة:266)

اَلشَّيْطٰنُ يَعِدُكُمُ الْفَقْرَ وَيَأْمُرُكُمْ بِالْفَحْشَآءِ ۚ وَاللّٰهُ يَعِدُكُمْ مَّغْفِرَةً مِّنْهُ وَفَضْلًا ؕ وَاللّٰهُ وَاسِعٌ عَلِيْمٌ (البقرة:269)

لَيْسَ عَلَيْكَ هُدٰىهُمْ وَلٰكِنَّ اللّٰهَ يَهْدِيْ مَنْ يَّشَآءُ ؕ وَمَا تُنْفِقُوْا مِنْ خَيْرٍ فَلِأَنْفُسِكُمْ ؕ وَمَا تُنْفِقُوْنَ إِلَّا ابْتِغَآءَ وَجْهِ اللّٰهِ ؕ وَمَا تُنْفِقُوْا مِنْ خَيْرٍ يُّوَفَّ إِلَيْكُمْ وَأَنْتُمْ لَا تُظْلَمُوْنَ (البقرة:273)

اَلَّذِيْنَ يُنْفِقُوْنَ أَمْوَالَهُمْ بِالَّيْلِ وَالنَّهَارِ سِرًّا وَّعَلَانِيَةً فَلَهُمْ أَجْرُهُمْ عِنْدَ رَبِّهِمْ ۚ وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ (البقرة:275)

ଏହି ଯେଉଁ ଆୟତ ଗୁଡିକ ମୁଁ ତିଲାଓ୍ୱତ୍ କଲି ସେଗୁଡିକ ସୁରା ବକ୍‌ରାଃର ଆୟତ । ଯେଉଁଥିରେ ଧନ କୁର୍ବାନୀ କରିବାର କଥା କୁହାଯାଇଛି ଓ କୁର୍ବାନୀ ପ୍ରସଙ୍ଗରେ ଗୋଟିଏ ଧାରାରେ ହିଁ ଅଲ୍ଲାଃତାଲା ସେଗୁଡିକ ଏଠାରେ ବର୍ଣ୍ଣନା କରିଛନ୍ତି । ସେଗୁଡିକର ଅନୁବାଦ ହେଉଛି ଏପରି–

ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କ (ଏହି କାର୍ଯ୍ୟର) ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ ଯେଉଁଥିରୁ ୭ଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ; ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ; ଏବଂ ଅଲ୍ଲାଃ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ (ଏହାଠାରୁ ମଧ୍ୟ) ଅଧିକ ପ୍ରଦାନ କରନ୍ତି; ଏବଂ ଅଲ୍ଲାଃ ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ।

ପୁଣି ତା ପର ଆୟତରେ ଅଲ୍ଲାଃତାଲା କହୁଛନ୍ତି କି ଯେଉଁମାନେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ଏବଂ ବ୍ୟୟ କରିବା ପରେ କୌଣସି ପ୍ରକାରରେ (ନିଜ) ଉପକାର ବଖାଣନ୍ତିନାହିଁ ବା କୌଣସି ପ୍ରକାର କଷ୍ଟ ଦିଅନ୍ତି ନାହିଁ, ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ (ସେମାନଙ୍କ କର୍ମର) ପ୍ରତିଫଳ ଗଚ୍ଛିତ ଅଛି; ସେମାନଙ୍କର କୌଣସି ଭୟନାହିଁ କି ସେମାନେ ଦୁଃଖୀତ ହେବେନାହିଁ ।

ପୁଣି ଅଲ୍ଲାଃତାଲା କହୁଛନ୍ତି ଯାହାର ଅନୁବାଦ ହେଉଛି ଏପରି କି ଯେଉଁମାନେ ଅଲ୍ଲାଃଙ୍କର ପ୍ରୀତିଭାଜନ ହେବାପାଇଁ ଓ ନିଜକୁ ସୁଦୃଢ଼ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି ସେମାନଙ୍କ ବ୍ୟୟର ଉପମା ଉଚ୍ଚଭୂମି ଉପରେ ଥିବା ଏକ ଉଦ୍ୟାନର ଅବସ୍ଥା ସଦୃଶ, ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦିଏ; ଏବଂ ବହୁଳ ବୃଷ୍ଟି ନହେଲେ ଅଳ୍ପ ବୃଷ୍ଟି ହିଁ (ତାହାପାଇଁ ଯଥେଷ୍ଟ); ଏବଂ ତୁମେମାନେ ଯାହା କରୁଅଛ ଅଲ୍ଲାଃତାଲା ଦେଖୁଅଛନ୍ତି ।

ପୁଣି ତା ପର ଆୟତରେ ଅଲ୍ଲାଃତାଲା କହୁଛନ୍ତି କି ସଇତାନ୍ ତୁମମାନଙ୍କୁ ଦରିଦ୍ରତାର ଭୟ ପ୍ରଦର୍ଶନ କରାଉଛି; ଏବଂ ତୁମମାନଙ୍କୁ ନିର୍ଲଜତା ବିଷୟରେ ପ୍ରେରଣା ଦେଉଅଛି; ଏବଂ ଅଲ୍ଲାଃ ନିଜ ପକ୍ଷରୁ ତୁମମାନଙ୍କୁ ମହାନ୍ କ୍ଷମା ଓ ଅନୁଗ୍ରହର ପ୍ରତିଶୃତି ଦେଇଅଛନ୍ତି; ଏବଂ ଅଲ୍ଲାଃ ଅତ୍ୟନ୍ତ ବଦାନ୍ୟ (ଓ ସର୍ବଜ୍ଞ) ।

ପୁଣି ଅଲ୍ଲାଃତାଲା କହୁଛନ୍ତି କି– ସେମାନଙ୍କୁ ସତ୍‌ପଥଗାମୀ କରାଇବା ଦାୟୀତ୍ୱ ତୁମ ଉପରେ ନ୍ୟସ୍ତ ହୋଇନାହିଁ; କିନ୍ତୁ ଅଲ୍ଲାଃ ଯାହାପ୍ରତି ପ୍ରସନ୍ନ ହୁଅନ୍ତି ତାହାକୁ ସତ୍‌ପଥଗାମୀ କରନ୍ତି; ଏବଂ ଯାହାକିଛି ବିଶୁଦ୍ଧ ଧନ ତୁମେମାନେ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କର–ଓ ପ୍ରକୃତରେ ତୁମେମାନେ ଏପରି ବ୍ୟୟ କେବଳ ଅଲ୍ଲାଃଙ୍କ କୃପା ହାସଲ କରିବା ସକାଶେ କର– ତାହାର ଲାଭ ତୁମମାନଙ୍କୁ ହିଁ ପ୍ରାପ୍ତ ହେବ; ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ ବ୍ୟୟ କରି ତାହା ତୁମମାନଙ୍କୁ ସମ୍ପୂର୍ଣ୍ଣ ରୂପେ (ଫେରସ୍ତ) ଦିଆଯିବ; ଓ ତୁମମାନଙ୍କୁ ପ୍ରତି ଅତ୍ୟାଚାର କରାଯିବନାହିଁ ।

ପୁଣି ଅଲ୍ଲାଃତାଲା କହୁଛନ୍ତି କି ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ (ମଧ୍ୟ ଅଲ୍ଲାଃଙ୍କ ପଥରେ) ବ୍ୟୟ କରନ୍ତି ସେମାନଙ୍କ ପାଇଁ ସେମାନଙ୍କର ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର (ଗଚ୍ଛିତ) ଅଛି; ସେମାନେ ଭୟଭୀତ ହେବେନାହିଁ କି ଦୁଃଖୀତ ହେବେନାହିଁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମାଲି କୁର୍ବାନୀ କରିବା ସମ୍ବନ୍ଧରେ ଚର୍ଚ୍ଚା କରି ଗୋଟିଏ ଅବସରରେ କହୁଛନ୍ତି କି:– ''ମୁଁ ଯେଉଁ ବାରମ୍ବାର ତାଗିଦ୍ କରୁଛି କି ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କର ବୋଲି । ଏହା ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ହିଁ କରୁଛି....ଇସ୍‌ଲାମ୍ ଅନ୍ୟାନ୍ୟ ବିରୋଧି ଧର୍ମର ଶିକାର ହେଉଅଛି.....ସେମାନେ ଚାହୁଁଛନ୍ତି କି ଇସ୍‌ଲାମ୍‌ର ଚିହ୍ନବର୍ଣ୍ଣ ମିଟାଇଦେବେ । ଯେବେ ଏପରି ପରିସ୍ଥିତି ଆସିଯାଇଛି ତେବେ କଣ ଇସ୍‌ଲାମ୍‌ର ଉନ୍ନତି ନିମନ୍ତେ ଆମେ କୌଣସି ପଦକ୍ଷେପ ଉଠାଇବା ନାହିଁ ? ଖୁଦାତାଲା ଏହି ଉଦ୍ଦେଶ୍ୟ ନିମନ୍ତେ ତ ଏହି ସିଲ୍‌ସିଲାକୁ ପ୍ରତିଷ୍ଠା କରିଛନ୍ତି । ତେଣୁ ଏହାର ଉନ୍ନତି ନିମନ୍ତେ ଚେଷ୍ଟା କରିବା ହେଉଛି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଓ ତା ଇଚ୍ଛାକୁ ପୂରଣ କରିବା'' । ପୁଣି କହୁଛନ୍ତି:– ''ଏ ପ୍ରତିଶୃତି ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ରହିଛି କି ଯେଉଁବ୍ୟକ୍ତି ଖୁଦାତାଲାଙ୍କ ପାଇଁ ପ୍ରଦାନ କରିବ ମୁଁ ତାକୁ ଆହୁରି କେତେଗୁଣା ବଢ଼ାଇ ବର୍‌କତ୍ ଦେବି । ଏ ସଂସାରରେ ତାକୁ ବହୁତ କିଛି ମିଳିବ ଓ ମରିଯିବା ପରେ ପରକାଳର ପୁରସ୍କାରକୁ ସେ ମଧ୍ୟ ଦେଖିନେବ ଯେ କି ପ୍ରକାରର ଆରାମ ତାକୁ ମିଳୁଅଛି'' । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୩୯୩-୩୯୪, ଏଡ଼ିଶନ୍-୧୯୮୫, ମୁଦ୍ରଣ ଇଂଲିସ୍ ସ୍ଥାନ)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ଗୋଟିଏ ନିଷ୍ଠାବାନ୍ ଜମାତ୍ ପ୍ରଦାନ କରିଛି ଯିଏ ଆପଣଙ୍କ କଥାକୁ ଶୁଣିଲେ ଏବଂ ଲବେକ୍ କହିଲେ ଓ କୁର୍ବାନୀ ମଧ୍ୟ ଦେଲେ । ସୁତରାଂ ସେହି କୁର୍ବାନୀ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି–

''ଆମ ଜମାତ୍‌ର ବହୁତ ବଡ ଅଂଶ ହେଉଛି ଗରୀବ ମାନଙ୍କର କିନ୍ତୁ ଅଲ୍ଲାଃତାଲାଙ୍କୁ ଧନ୍ୟବାଦ କି ଏମାନେ ଗରିବ ଜମାତ୍ ହେବା ସତ୍ୱେ ମଧ୍ୟ ଆମେ ତାଙ୍କଠାରେ ସତ୍ୟତା ଓ ସହାନୁଭୁତିକୁ ଦେଖୁଅଛୁ ଏବଂ ସେମାନେ ଇସ୍‌ଲାମ୍‌ର ଆବଶ୍ୟକତାକୁ ବୁଝି ଯଥାସାଧ୍ୟ ନିଜ ସାମର୍ଥ୍ୟ ମୁତାବକ ତାପାଇଁ ଖର୍ଚ୍ଚ କରିବାରେ ଫରକ କରୁନାହାଁନ୍ତି'' । (ମଲ୍‌ଫୁଜାତ୍, ଖଣ୍ଡ-୮, ପୃଷ୍ଠା-୨୫)

ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପନ ହୋଇଥିବା ଜମାତ୍‌ର ସଦସ୍ୟମାନଙ୍କୁ କେବଳ ଆପଣ ଆ:ସଙ୍କ ଜୀବଦଶାରେ ହିଁ କୁର୍ବାନୀ, ନିଷ୍ଠା ଓ ଭକ୍ତିଭାବରେ ବଢ଼ାଇନାହାଁନ୍ତି ବରଂ

ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଆଜିଠାରୁ ପାଖାପାଖି ୧୩୦ବର୍ଷ ପୂର୍ବେ ଯେଉଁ ଜମାତ୍ ସ୍ଥାପନ କରିଥିଲେ ସେହି ଜମାତ୍‌ରେ ଏପରି କୁର୍ବାନୀ କରିବାବାଲା ନିଷ୍ଠାବାନ୍ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସେ ଦେଇଚାଲିଛି । ଯେଉଁମାନେ ଦୀନ୍ ଖାତିର୍, ନିଜର ଶକ୍ତି ମୁତାବକ ଓ ବେଳେବେଳେ ନିଜ ଶକ୍ତି ଓ ସାମର୍ଥ୍ୟଠାରୁ ବଳି କୁର୍ବାନୀ କରୁଛନ୍ତି ଏବଂ ଏହି ପରୀକ୍ଷାରେ ମଧ୍ୟ ଉତୀର୍ଣ୍ଣ ହେଉଛନ୍ତି ଓ ଅଲ୍ଲାଃଙ୍କ ପ୍ରତିଶୃତିର ଅଂଶୀଦାର୍ ମଧ୍ୟ ହେଉଛନ୍ତି ଯାହାକୁ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରିଛନ୍ତି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ କୁର୍ବାନୀ କରିବାର ଏ ସ୍ତର ଆଜି କେବଳ ଅଲ୍ଲାଃତାଲାଙ୍କ ମସିହ୍‌ଙ୍କ ଜରିଆରେ ସ୍ଥାପନ ହୋଇଥିବା ଏହି ଜମାତ୍‌ରେ ହିଁ ଦେଖିବାକୁ ମିଳୁଛି ଯାହାର କିଛି ଉଦାହରଣ ଏଠାରେ ଉପସ୍ଥାପନ କରୁଅଛି । ଏହି ଘଟଣା ଗୁଡିକ ପୃଥିବୀର ବିଭିନ୍ନ ଦେଶରେ ବ୍ୟାପି ରହିଥିବା ଲୋକମାନଙ୍କର ଅଟେ ଯେଉଁମାନେ ଉକ୍ତ ପ୍ରତିଶୃତିକୁ ପାଳନ କରୁଛନ୍ତି କି ଆମେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେଇ ନିଜର ଧନ ସମ୍ପତି ଉତ୍ସର୍ଗ କରିବା ପାଇଁ ସବୁ ସମୟରେ ପ୍ରସ୍ତୁତ ରହିଛୁ ।

ସୁତରାଂ ପ୍ରଥମେ କ୍ୟାମେରୁନ୍‌ର ଗୋଟିଏ ଘଟଣା ଅଛି । ସେଠିକାର ମୁଅଲିମ୍ ଲେଖୁଛନ୍ତି କି ଯେତେବେଳେ ଆମେ ଇଷ୍ଟନ୍ ରିଜିଅନ୍‌ର ଗୋଟିଏ ଜମାତ୍ ଯାହାର ନାମ ହେଉଛି ମାର୍ତା, ସେଠାରେ ତହ୍‌ରିକ୍ ଯଦିଦ୍ ଚାନ୍ଦା ନେବାପାଇଁ ଗଲୁ ତେବେ ସେଠିକାର ଚିଫ୍ ଶାହାମ୍ ଉସ୍‌ମାନ୍ ସାହେବ୍ ପୁରା ଗ୍ରାମର ଲୋକମାନଙ୍କୁ ଏକତ୍ରିତ କରି କହିଲେ କି ଜମାତ୍‌ର ମୁଅଲିମ୍ ସାହେବ୍ ତହ୍‌ରିକ୍ ଯଦିଦ୍ ଚାନ୍ଦା ନେବାପାଇଁ ଆସିଛନ୍ତି ତେଣୁ ସମସ୍ତେ ଏହି ମାଲି କୁର୍ବାନୀରେ ଭାଗ ନିଅନ୍ତୁ । ଚିଫ୍ ପୁଣି କହିଲେ କି କାରଣ ଆଜିଠାରୁ ଦୁଇବର୍ଷ ପୂର୍ବେ ମୁଁ ଏକୁଟିଆ ବା ବେଳେବେଳେ ଦୁଇ ବା ତିନିଜଣ ଲୋକ ମୋ ସହିତ ମସ୍‌ଜିଦ୍‌ରେ ନମାଜ ପଢୁଥିଲେ । କିନ୍ତୁ ଯେବେଠାରୁ ଏହି ଗ୍ରାମରେ ଜମାତ୍ ଅହେମଦୀୟା ସ୍ଥାପନ ହେଲାଣି ଏବଂ ଆମେ ଏ ଜମାତ୍‌କୁ ଗ୍ରହଣ କରିଛୁ ସେବେଠାରୁ ଆମ ମସ୍‌ଜିଦ୍ ନମାଜି ମାନଙ୍କ ଦ୍ୱାରା ପୂରଣ ହେବାକୁ ଲାଗିଲା ଏବଂ ବେଳେବେଳେ ନମାଜିମାନଙ୍କୁ ମସ୍‌ଜିଦ୍ ଭିତରେ ଯାଗା ନମିଳିବାରୁ ସେମାନେ ବାହାରେ ନମାଜ ପଢୁଛନ୍ତି । ପୁଣି ସେ କହିଲେ- ଏହି ପ୍ରକାଶ୍ୟ ପରିବର୍ତନ କେବଳ ଏଠାକୁ ଜମାତ୍ ଅହେମଦୀୟା ଆସିବା ଦ୍ୱାରା ହିଁ ସମ୍ଭବ ହୋଇଛି । ସେଇଥିପାଇଁ ଆମେ ଜମାତ୍‌ର ପ୍ରତ୍ୟେକ ତହ୍‌ରିକ୍‌ରେ ଭାଗନେବା ଉଚିତ୍ ।

ଅହେମଦୀୟତ୍ ଜରିଆରେ ଏ ଯେଉଁ ଇନ୍‌କିଲାବ୍ (ପରିବର୍ତନ) ଆସୁଅଛି ବା ମିଳୁଅଛି ଅର୍ଥାତ୍ ଉପାସନା କରିବାରେ ବଢ଼ିଚାଲିଛନ୍ତି ଓ ମାଲି କୁର୍ବାନୀ କରିବାରେ ମଧ୍ୟ ବଢ଼ିଚାଲିଛନ୍ତି, ଏହା ଗୋଟିଏ ଆଶ୍ଚର୍ଯ୍ୟାନିତ ପରିବର୍ତନ । ଏବଂ ଏକଥା ଏହି ସମସ୍ତ ପୁରୁଣା ଅହେମଦୀମାନଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରାଉଛି ଯେଉଁମାନଙ୍କର ଧ୍ୟାନ ଉପାସନା ପ୍ରତି ବହୁତ କମ୍ ରହିଛି ଏବଂ ଯେଉଁମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିବା ସତ୍ୱେ ମଧ୍ୟ ମାଲି କୁର୍ବାନୀ କରିବା ପ୍ରତି କମ୍ ଧ୍ୟାନ ରହିଛି ।

ପୁଣି କ୍ୟାମେରୁନ୍‌ର ଜଣେ ମୁଅଲିମ୍ ଅବୁ ବକର୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି କ୍ୟାମେରୁନ୍‌ର ଅତ୍ୟନ୍ତ ଉତରରେ ଅବସ୍ଥିତ ଜମାତ୍ ମାଡିବୁରେ ତହ୍‌ରିକ୍ ଯଦିଦ୍ ଚାନ୍ଦା ପାଇଁ ଆମେ ଗଲୁ ଓ ଘରଘର ଯାଇ ନୌମୁବାଇନ୍ ମାନଙ୍କୁ ଚାନ୍ଦା ଦେବାପାଇଁ ତହ୍‌ରିକ୍ କଲୁ । ଏଥିରେ ଜଣେ ଅହେମଦୀ ଉସ୍‌ମାନ୍ ସାହେବ୍ କହୁଛନ୍ତି କି ଆପଣମାନେ ପଛଥର ଯେତେବେଳେ ଚାନ୍ଦାପାଇଁ ତହ୍‌ରିକ୍ କରି ଏଠାରୁ ଯାଇଥିଲେ ସେତେବେଳେ ମୁଁ ଏ ନିୟତ୍ କରିଥିଲି କି ଦଶହଜାର୍ ଫ୍ରାଙ୍କ୍ ସିଫା ମୁଁ ଏହି ଚାନ୍ଦାରେ ଦେବି ଏବଂ ମକା ମଧ୍ୟ ଦେବି । ଏହାର କିଛି ଦିନ ପରେ ମୋ ପୁଅ ମୋତେ କହିଲେ କି ସେ କଷ୍ଟମ୍ ଡିପାର୍ଟମେଂଟ୍‌ରେ ଚାକିରୀ କରିବା ନିମନ୍ତେ ଇଂଟରଭ୍ୟୁ ଦେବାପାଇଁ ଯିବାକୁ ଚାହୁଁଛି । ସେଥିପାଇଁ ବହୁତ ମୋଟା ଅର୍ଥର ଆବଶ୍ୟକ ଅଛି । (ହଜୁର୍ ଅନୁଓ୍ୱର୍ କହୁଛନ୍ତି) ସେଠାରେ ମଧ୍ୟ ତୃତୀୟ ପୃଥିବୀର କିଛି ଦେଶପରି ଚାକିରୀ ପାଇବା ପାଇଁ ହେଲେ ଅଫିସର୍‌ମାନଙ୍କୁ କିଛି ଦେବାକୁ ପଡ଼ିଥାଏ । ତେଣୁ ମୁଁ ନିଜ ପୁଅକୁ କହିଲି କି ମୁଁ ତ ଜଣେ ଗରୀବ ଲୋକ । ମୁଁ ଏତେ ମୋଟା ଅର୍ଥର ବ୍ୟବସ୍ଥା କରିପାରିବି ନାହିଁ । ମୋ ନିକଟରେ ୧୦ହଜାର୍ ଫ୍ରାଙ୍କ୍ ସିଫା ଅଛି ଯାହାକୁ ମୁଁ ତହ୍‌ରିକ୍ ଯଦିଦ୍‌ରେ ଚାନ୍ଦା ଦେବାପାଇଁ ପ୍ରତିଶୃତି କରିଛି । ତେଣୁ ତୁମେ ଯାଇ ଚାକିରୀ ନିମନ୍ତେ ଇଂଟର୍‌ଭ୍ୟୁ ଦିଅ । ଅଲ୍ଲାଃତାଲା ତୁମକ ସାହାଯ୍ୟ କରିବେ । ଉସ୍‌ମାନ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି ମୁଁ ଉକ୍ତ ଅର୍ଥକୁ ତହ୍‌ରିକ୍ ଯଦିଦ୍ ଚାନ୍ଦାରେ ଦେଇଦେଲି ଓ ଚାନ୍ଦା ଦେବାର କିଛି ଦିନ ପରେ ସହରରୁ ମୋ ପୁଅ ନିକଟରୁ ଫୋନ୍ ଆସିଲା କି ମୁଁ ଇଂଟର୍‌ଭ୍ୟୁରେ ପାସ୍ ହୋଇଯାଇଛି ଓ ଖୁବ୍ ଶିଘ୍ର ମୋତେ ଚାକିରୀ ମିଳିଯିବ । (ହଜୁର୍ ଅନୁଓ୍ୱର୍ କହୁଛନ୍ତି) ଅଲ୍ଲାଃତାଲା ସେଠିକାର ଅଫିସର୍‌ଙ୍କ ମନକୁ ଏପରି ପରିବର୍ତନ କରାଇଦେଲେ କି ଯେଉଁଠି ବହୁତ କିଛି ଦେବାପରେ ମଧ୍ୟ ଚାକିରୀ ମିଳେନାହିଁ କିନ୍ତୁ ତାଙ୍କ ପୁଅପାଇଁ ତାଙ୍କର ଦୁଆ, ପୁଣ୍ୟ ନିୟତ୍ ଓ ତାଙ୍କ କୁର୍ବାନୀ ଯୋଗୁଁ ଅଲ୍ଲାଃତାଲା ଚାକିରୀର ବ୍ୟବସ୍ଥା କରିଦେଲେ ।

ପୁଣି ଗାମ୍ବିୟାର ଅମୀର୍ ସାହେବ୍ ଲେଖୁଛନ୍ତି କି ନିୟାମି ଜିଲ୍ଲାର ଗୋଟିଏ ଗାଁରେ ତହ୍‌ରିକ୍ ଯଦିଦ୍ ପ୍ରସଙ୍ଗରେ ପ୍ରୋଗ୍ରାମ୍ ଅନୁଷ୍ଠିତ କରାଗଲା ଏବଂ ସେଥିରେ ବତାଗଲା କି ଖଲିଫା ଓ୍ୱକ୍ତ ଏହା କହିଛନ୍ତି ଯେ ନୌମୁବାଇନ୍ (ନୁଆ ଅହେମଦୀମାନେ) ଏହି ତହ୍‌ରିକ୍ ର ଅଂଶୀଦାର ହୁଅନ୍ତୁ । ସୁତରାଂ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକେ ଚାନ୍ଦା ପ୍ରଦାନ କଲେ । ଜଣେ ମହିଳା କୁଜା ବାଏ ସାହିବା ବତାଇଲେ କି ସେ ସଭା ଚାଲିଥିବା ସମୟରେ ୨୦ ଡଲାସି ଚାନ୍ଦା ପ୍ରଦାନ କରିଥିଲେ । ତାଙ୍କ ପାଖରେ ସେ ସମୟରେ କେବଳ ୨୦ ଡଲାସି ହିଁ ଥିଲା, ଯାହାକୁ ସେ ଅସୁବିଧା ସମୟପାଇଁ ସମ୍ଭାଳି ରଖିଥିଲେ । ସେ ସେ ବର୍ଣ୍ଣନା କରୁଛନ୍ତି କି ଯେତେବେଳେ ସେ ଘରେ ପହଂଚିଲେ ସେତେବେଳେ ତାଙ୍କର ଜଣେ ଅତିଥି ତାଙ୍କୁ ୫୦୦ ଡଲାସି ଉପହାର ପ୍ରଦାନ କଲେ । ସୁତରାଂ ତା ପରଦିନ ସକାଳେ ସେ ପୁନର୍ବାର ମସ୍‌ଜିଦ୍ ଆସିଲେ ଓ ଆହୁରି ଅଧିକା ୫୦ ଡଲାସି ଚାନ୍ଦା ପ୍ରଦାନ କଲେ ଓ କହିଲେ କି ଏ ଟଙ୍କା ମୋତେ କେବଳ ଚାନ୍ଦା ଦେବାର ବର୍‌କତ୍‌ରୁ ହିଁ ପ୍ରାପ୍ତ ହୋଇଛି । (ହଜୁର୍ ଅନୁଓ୍ୱର୍ କହୁଛନ୍ତି) ଅଲ୍ଲାଃତାଲାଙ୍କର ଫେରାଇ ଦେବାର ଯେଉଁ ପ୍ରତିଶୃତି ରହିଛି ତାହା ମଧ୍ୟ ସେମାନଙ୍କ ଇମାନ୍ ଓ ଇକାନ୍ (ବିଶ୍ୱାସ ଓ ଆସ୍ଥା)ରେ ଉନ୍ନତି କରିବାର କାରଣ ହୋଇଥାଏ । ଯଦିଚ ସେ ଏ ନିୟତ୍‌ରେ କୁର୍ବାନୀ କରିନଥିଲେ କି ମୋତେ ତତ୍‌କ୍ଷଣାତ୍ ଫେରାଇ ଦିଆଯିବ ବା ଯଥାଶିଘ୍ର ଏହା ମିଳିଯିବ ବୋଲି କିନ୍ତୁ ଅଲ୍ଲାଃତାଲା ମଧ୍ୟ ଉଦ୍ଧାର ରଖିଲେନାହିଁ ।

ପୁଣି ବେନିନ୍ ରିଜିଅନ୍‌ର ବୋହିକୁଁର ମୁବଲିଗ୍ ସାହେବ୍ ଲେଖୁଛନ୍ତି କି ଏହି ସହରରେ ଥିବା ଜମାତ୍‌ର ସେକ୍ରେଟାରୀ ମାଲ୍ ସାହେବଙ୍କର ରୋଜଗାରର ଯେଉଁ ମାଧ୍ୟମ ଥିଲା ତାହା ହେଉଛି ତିନିଚକିଆ ମୋଟର୍ ସାଇକେଲ୍ ବା ମୋଟର୍ ସାଇକେଲ୍ ରିକ୍‌ସା, ତାହା ଚୋରି ହୋଇଗଲା । ଓ ଆଫ୍ରିକାରେ ସାଧାରଣତଃ ଯେଉଁ ଜିନିଷ ଚୋରି ହୋଇଯାଏ ତାହା ମିଳିବା ଅସମ୍ଭବ କଥା । ଯେତେବେଳେ ତାଙ୍କ ପାଖକୁ ତାଙ୍କ ସାଙ୍ଗସାଥିମାନେ ମିଶିବାକୁ ଆସନ୍ତି ଚୋରି କଥା ଶୁଣି ବହୁତ ଦୁଃଖ ପ୍ରକାଶ କରନ୍ତି । ଇଶ୍ୱରଙ୍କ ଉପରେ ତାଙ୍କର ଭରଷା ଥିବାର ଏପର ଅବସ୍ଥାକୁ ଦେଖନ୍ତୁ କି ସେ କହୁଛନ୍ତି ଯେ ମୋତେ ଅଲ୍ଲାଃତାଲାଙ୍କ ଉପରେ ସମ୍ପୂର୍ଣ୍ଣ ଭରଷା ରହିଛି । କାରଣ ମୁଁ ଜଣେ ଗରୀବ ଲୋକ ଓ ଏହି ମଟର୍ ସାଇକେଲ୍ ମାଧ୍ୟମରେ ରୋଜଗାର କରି ମୋ ପିଲାପିଲିଙ୍କ ପେଟ ପାଳୁଛି ଓ ଉଚିତ୍ ସମୟରେ ନିଜର ଚାନ୍ଦା ଦେଉଛି । ତେଣୁ ବୋଧହୁଏ କାହାକୁ ମୋଠାରୁ ଅଧିକା ଆବଶ୍ୟକ ଥିବ ତେଣୁ ଅଲ୍ଲାଃତାଲା ଅସ୍ଥାୟୀ ରୂପେ ତାହାପାଇଁ ବନ୍ଦୋବସ୍ତ କରିଦେଇଛନ୍ତି କି ଯଦ୍ୱାରା ସେ ନିଜର ଆବଶ୍ୟକତାକୁ ପୂରଣ କରିବ ଓ ପୁଣି ମୋତେ ତାହା ଫେରାଇ ଦେବ । ଏକଥା ଶୁଣି ଲୋକମାନେ ଭାବିଲେ କି ବୋଧହୁଏ ଚୋରି ହୋଇଯିବା ସହିତ ତାଙ୍କୁ ବହୁତ ସଦ୍‌ମା (ଦୁଃଖ) ପହଂଚିଛି । ସେଇଥିପାଇଁ ଏହା ତାଙ୍କ ମୁଣ୍ଡ ଉପରେ ପ୍ରଭାବ ପକାଇଛି । ସେ ଯାହା ହେଉ ସେ ଦେଶର କାନୁନ୍‌ର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୋଲିସ୍‌ରେ ରିପୋର୍ଟ୍ କରି ଘରେ ଆରାମ୍‌ରେ ବସିଗଲେ । ସେ କହୁଛନ୍ତି ଦୁଇ ସପ୍ତାହ ବିତିଥିଲା କି ତାଙ୍କର ପଡୋଶୀ, ଯିଏ ନିଜେ ମଧ୍ୟ ମୋଟର୍ ସାଇକେଲ୍ ଟ୍ୟାକ୍‌ସି ବା ରିକ୍‌ସା ଚଳାଉଥିଲା, ସେ ଗନିୟୁ ସାହେବ୍‌ଙ୍କୁ ଫୋନ୍ କଲା କି ମୁଁ ଆପଣଙ୍କ ମୋଟର୍ ସାଇକେଲ୍ ଦେଖିଛି, ରିକ୍‌ସା ଦେଖିଛି କିନ୍ତୁ ତାର ରଙ୍ଗ ପରିବର୍ତନ କରାଯାଇଛି । ସୁତରାଂ ପୋଲିସ୍‌କୁ ଏ ବିଷୟରେ ଏତେଲା ଦିଆଗଲା ଏଥିରେ ପୋଲିସ୍ ଦୁଇଜଣ ମାଲିକଙ୍କୁ ମୋଟର୍ ସାଇକେଲ୍‌ର ଅସଲ କାଗଜପତ୍ର ଆଣି ପୋଲିସ୍ ଷ୍ଟେସନ୍‌ରେ ଉପସ୍ଥିତ ହେବାକୁ କହିଲେ । ତେହ୍‌କିକ୍ (ଅନୁସନ୍ଧାନ) କରିବାରେ ସେହି ବ୍ୟକ୍ତିର କାଗଜପତ୍ର ଜାଲି ବାହାରିଲା । ଏଥିରେ ପୋଲିସ୍ ସେହି ବ୍ୟକ୍ତିକୁ ନିର୍ଦ୍ଦେଶ ଦେଲା କି ଦୁଇଦିନ ଭିତରେ ଏହି ମୋଟର୍ ସାଇକେଲ୍‌କୁ ସଜାଡ ଓ ଏହାର ରଙ୍ଗ ପୂର୍ବଭଳି କରି ନେଇଆସ ଏବଂ ତାର ମାଲିକ ହାତରେ ଦେଇଦିଅ । ଏହିପରି ପୁଣି ଏହି ମୋଟର୍ ସାଇକେଲ୍‌ଟି ତାଙ୍କୁ ପୁଣି ମିଳିଗଲା । ସେ ମୋଟର୍ ସାଇକେଲ୍‌ଟି ନେଇ ତତ୍‌କ୍ଷଣାତ୍ ମିଶନ୍ ହାଉସ୍ ଆସିଲେ ଓ ସମସ୍ତ ଘଟଣାବଳୀ ବର୍ଣ୍ଣନା କଲେ । ତତ୍‌ସହିତ ଏହା ମଧ୍ୟ କହିଲେ କି ଏବେ ମୋର ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା ଦେବା ବାକି ଅଛି । ମୁଁ ବର୍ତମାନ କାମ ଖୋଜିବାକୁ ଯାଉଛି ଓ ଏ ସପ୍ତାହରେ ଯେଉଁ ଲାଭ ମିଳିବ ସେ ସବୁକୁ ଚାନ୍ଦାରେ ଦେଇଦେବି । କାରଣ ଚାନ୍ଦାର ବର୍‌କତ୍ ଯୋଗୁ ଏହି ମୋଟର୍ ସାଇକେଲ୍ ପୁନର୍ବାର ମୋତେ ମିଳିଗଲା । ସୁତରାଂ ସେ ଗୋଟିଏ ସପ୍ତାହରେ ବାରହଜାର ଫ୍ରାଙ୍କ୍ ସିଫା ରୋଜଗାର କରି ତେହ୍‌ରିକ୍ ଯଦିଦ୍ ଚାନ୍ଦାରେ ପ୍ରଦାନ କରିଦେଲେ । ଏହା ମଧ୍ୟ ଅଲ୍ଲାଃତାଲାଙ୍କ ଉପରେ ଭରଷା କରିବା ଏବଂ ଇମାନ୍‌ର ଅଦ୍ଭୁତ ଉଦାହରଣ ।

ଇଣ୍ଡିଆରୁ ତେହ୍‌ରିକ୍ ଯଦିଦ୍‌ର ଇନିସ୍‌ପେକ୍‌ଟର୍ ଶାହାବୁଦ୍ଦିନ୍ ସାହେବ୍ ଲେଖୁଛନ୍ତି କି ଜମାତ୍ ଅହେମଦୀୟା 'ଚିନ୍ତାକୁଂଟା'ର ଜଣେ ଝିଅ ଯାହାଙ୍କ ନାମ ହେଉଛି ସୋଫିଆ ବେଗମ୍, ସେ ନିଜ ଭାଇ ହାତରେ ଖବର ପଠାଇଲେ କି ଯେତେବେଳେ ମୁଁ ବହୁତ ଛୋଟଥିଲି ସେତେବେଳେ ମୁଁ ମୋ ମା'ଙ୍କ ସହିତ ଜଲ୍‌ସା ଦେଖିବାକୁ ଯାଉଥିଲି ଏବଂ ଓ୍ୱଲେମାନମାନଙ୍କର ଭାଷଣ ଶୁଣୁଥିଲି କି ଯେତେବେଳେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତେହ୍‌ରକ୍ ଯଦିଦ୍‌ର ମୂଳଦୁଆ ରଖିଲେ ଓ ଏଥିପାଇଁ ମାଲି କୁର୍ବାନୀ କରିବାକୁ ନିର୍ଦ୍ଦେଶ ଦେଲେ ସେତେବେଳେ ବହୁତ ମହିଳା ହଜୁର୍‌ଙ୍କ ଗୋଚରେ ନିଜର ଗହଣାଗାଣ୍ଠି ପେଶ୍ କରିଦେଲେ । ଯେବେ ମଧ୍ୟ ଏହି ବିଶ୍ୱାସବର୍ଦ୍ଧକ ଘଟଣା ବିଷୟରେ ଶୁଣେ ସେତେବେଳେ ମୋ ମନ ଭିତରେ ମଧ୍ୟ ଏ ଇଛା ସୃଷ୍ଟି ହୁଏ କି କାଳେ ମୋ ନିକଟରେ ମଧ୍ୟ ଗହଣାଗାଣ୍ଠି ଥାଆନ୍ତା,ଯଦ୍ୱାରା ମୁଁ ମଧ୍ୟ ତାକୁ ତେହ୍‌ରିକ୍ ଯଦିଦ୍‌ରେ ଦେଇଦିଅନ୍ତି । କିନ୍ତୁ ଗରିବି ଯୋଗୁ ଏହା ମୋ ପାଇଁ ସମ୍ଭବ ନଥିଲା । କିନ୍ତୁ ବର୍ତମାନ ମୋତେ ଦୁଇଭରି ସୁନା ମୋ ମା'ଙ୍କ ଦେହାନ୍ତ ପରେ ମୋ ଭାଗରେ ପଡ଼ିଲା । ତେଣୁ ମୁଁ ଏହାକୁ ପେଶ୍ କରୁଅଛି । କାରଣ ଜଣାନାହିଁ ଏହାପରେ ମୋ ଗହଣାଗାଣ୍ଠି ମୋ ପାଖରେ ରହିବା ବା ନରହିବ । କହୁଛନ୍ତି କି ଇନିସ୍‌ପେକ୍‌ଟର୍ ସାହେବ୍ ତାଙ୍କୁ ବୁଝାଇଲେ ଓ ଲୋକମାନେ ତାକୁ ମଧ୍ୟ ବୁଝାଇଲେ କି ତୁମର ଯେତେବେଳେ ବିଭାଘର ହେବ ସେତେବେଳେ ଏହି ଗହଣା ଆବଶ୍ୟକ ପଡ଼ିବ । କିନ୍ତୁ ସେ ଜିଦି କରି ଦୁଇଭରି ସୁନାର ମୂଲ୍ୟ ତେହ୍‌ରିକ୍ ଯଦିଦ୍‌ରେ ଦେଇଦେଲେ । ଏବେ ଆମେରିକାରେ ବିଗତ ଜୁମାରେ ମଧ୍ୟ ମୁଁ ଏକଥା କହିଥିଲି ଏବଂ ଅଧିକାଂଶ ସମୟ ମଧ୍ୟ କହିଥାଏ କି ଗରୀବମାନେ ତ ମାଲି କୁର୍ବାନୀ କରୁଛନ୍ତି କିନ୍ତୁ ଧନୀ ଲୋକମାନେ ଯେଉଁ ମାନଙ୍କର ଅବସ୍ଥା ସ୍ୱଚ୍ଛଳ, ସେମାନଙ୍କୁ ନିଜ ଅବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା ଉଚିତ୍ କି କଣ ସେମାନଙ୍କର କୁର୍ବାନୀ କରିବାର ସ୍ତର ଏପରି ଅଛି ଯାହା ସମ୍ବନ୍ଧରେ ଅଲ୍ଲାଃତାଲା କହୁଛନ୍ତି କି ଏପରି ସ୍ତର ହେବା ଉଚିତ୍ ଓ ପୁଣି ସେହି (କୁର୍ବାନୀ)କୁ ଗ୍ରହଣ ମଧ୍ୟ କରିଥାଏ ।

ଇଣ୍ଡିଆରୁ ହିଁ ଆଉଜଣେ ଇନିସ୍‌ପେକ୍‌ଟର୍ ତେହ୍‌ରିକ୍ ଯଦିଦ୍ କର୍ଣ୍ଣାଟକ ପ୍ରଦେଶରୁ ଲେଖୁଛନ୍ତି କି ଜଣେ ବନ୍ଧୁଙ୍କ ତେହ୍‌ରିକ୍ ଯଦିଦ୍ ଚାନ୍ଦା ଆଉ ଅଢ଼େଇ ହଜାର ଦେବାର ଥିଲା । ତାକୁ ଯେତେବେଳେ ଦେବାପାଇଁ କୁହାଗଲା କି ତେହ୍‌ରକ୍ ଯଦିଦ୍‌ର ବର୍ଷ ଶେଷ ହେବାକୁ ଆଉ କେବଳ ଅଳ୍ପ ଦିନ ବାକି ରହିଛି । ଏଥିରେ ସେ କହିଲେ କି ବର୍ଷା ଯୋଗୁ ବିଗତ ତିନିମାସ ହେବ କାମ ବିଲ୍‌କୁଲ୍ ବନ୍ଦ୍ ରହିଛି ଓ ଆମଦାନୀର କୌଣସି ଆଶା ଦେଖାଯାଉନାହିଁ । ଏହାଶୁଣି ମୁଁ ତାଙ୍କୁ କହିଲି କି ଚାନ୍ଦା ଦେବାପାଇଁ ମନସ୍ଥ କରିନିଅ ଓ ସେଥିପାଇଁ ଖୁଦାତାଲାଙ୍କ ନିକଟରେ ପ୍ରାର୍ଥନା କର । ଏକଥା କହି ମୁଁ ଆଉ ଗୋଟିଏ ସ୍ଥାନକୁ ଚାଲିଗଲି । ସନ୍ଧ୍ୟାବେଳକୁ ଯେତେବେଳେ ମୁଁ ପୁଣି ଅନ୍ୟ ସ୍ଥାନରୁ ଗସ୍ତ କରି ଏଠାକୁ ଫେରିଆସିଲି ସେତେବେଳେ ଉକ୍ତ ବ୍ୟକ୍ତି ଜଣକ ନିଜେ ମିଶନ୍ ହାଉସ୍ ଆସି ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରିଦେଲେ । ମୁଁ ତାଙ୍କୁ ପଚାରିଲି ଏତେ ଶିଘ୍ର କିପରି ହେଲା । ଏଥିରେ ସେ କହିଲେ କି ଏହା କେବଳ ମନସ୍ଥ କରିବାର ବର୍‌କତ୍ ଓ ଚାନ୍ଦା ଦେବାର ବର୍‌କତ୍ ଏବଂ ଅଲ୍ଲାଃତାଲାଙ୍କର ଫଜଲ୍ ଅଟେ କି ମୁଁ ଦୁଆ ମଧ୍ୟ କଲି । ଜଣେ ଲୋକ କିଛିଦିନ ହେବ ମୋତେ କିଛି ଟଙ୍କା ଦେବାର ଥିଲା । ମୁଁ କେତେମାସ ହେବ ତା ଘରକୁ ଦୌଡୁ ଥିଲି ଓ ସେ ମୋତେ ତାହା ଦେଉନଥିଲା । କିନ୍ତୁ ଆଜି ଅଚାନକ୍ ସେ ନିଜେ ମୋ ଘରକୁ ଆସି ମୋର ଅର୍ଥକୁ ଫେରସ୍ତ କରିଦେଲା ।

ପୁଣି ତନ୍‌ଜାନିଆରୁ ମୁଅଲିମ୍ ମୁସା ସାହେବ୍ ଲେଖୁଛନ୍ତି କି ଦାରୁସ୍ ସଲାମ୍ ଜମାତ୍‌ର ଜଣେ ଅତ୍ୟନ୍ତ ନିଷ୍ଠାବାନ୍ ଅହେମଦୀ ବନ୍ଧୁ ଅଛନ୍ତି ଓ ଜମାତ୍‌ର କାର୍ଯ୍ୟାଳୟରେ ଖିଦ୍‌ମତ୍ ମଧ୍ୟ କରୁଛନ୍ତି । ପ୍ରତ୍ୟେକ ବର୍ଷ ତାଙ୍କର ଏ ଚେଷ୍ଟା ହୋଇଥାଏ କି ନିଜର ଓ ପରିବାରର ତେହ୍‌ରିକ୍ ଯଦିଦ୍ ଏବଂ

ୱକ୍‌ଫେ ଯଦିଦ୍‌ର ୱାଦା (ପ୍ରତିଶୃତି ଅର୍ଥ) ରମ୍‌ଜାନ୍ ମାସ ପୂର୍ବରୁ ହିଁ ପଇଠ କରିଦେବେ । କିନ୍ତୁ ଏବର୍ଷ ଘରର ଅବସ୍ଥା ଯୋଗୁ ସେ ତାଙ୍କର ପ୍ରତିଶୃତିକୁ ନରଖିପାରି ପଇଠ କରିପାରିଲେ ନାହିଁ । ସେଇଥିପାଇଁ ବହୁତ ବ୍ୟତିବ୍ୟସ୍ତ ଥିଲେ । ସେ ଯାହାହେଉ ସେ ଦୁଆକଲେ କି ଅଲ୍ଲାଃତାଲା ମୋ ପାଇଁ ସ୍ୱୟଂ କିଛି ରାସ୍ତା ବାହାର କରନ୍ତୁ । ସେ କହୁଛନ୍ତି କି ଇଦ୍ ଅବସରରେ ଜମାତି କାର୍‌କୁନ୍ ମାନଙ୍କୁ ଇଦି ମିଳିଥାଏ । ସେ ଭାବିଥିଲେ କି ତାଙ୍କୁ ଯେଉଁ ଇଦି ଉପହାର ମିଳିବାକୁ ଅଛି ସେଥିରୁ ସେ ନିଜ ଇଦ୍‌ର ଆବଶ୍ୟକତାକୁ ପୂରଣ କରିବା ପରିବର୍ତେ ସେ ସବୁକୁ ଚାନ୍ଦା ଦେଇଦେବି । ଯେତେବେଳେ ସେ ହିସାବ କଲେ, ସେ ଦେଖିବାକୁ ପାଇଲେ କି ସାଧାରଣତଃ ଇଦ୍ ସମୟରେ ଯେଉଁ ଉପହାର ମିଳିଥାଏ ସେ ସବୁକୁ ଦେବାପରେ ମଧ୍ୟ ଆହୁରି କିଛି ବାକି ରହିଯାଉଥିଲା । ଏଥିରେ ସେ ପୁଣି ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ କି ଅଲ୍ଲାଃତାଲା କେଉଁଠାରୁ ଏପରି ଅବସର ସୃଷ୍ଟି କରିଦିଅନ୍ତୁ ଫଳତଃ ସେ ନିଜର ୱାଦା ମୁତାବକ ପଇଠ କରିପାରିବେ । ସୁତରାଂ କହୁଛନ୍ତି କି ଏଥରକ ଯେତେବେଳେ ଇଦି ମିଳିଲା ତେବେ ତାହା ଉକ୍ତ ଅର୍ଥଠାରୁ ଅଧିକ ମିଳିଲା, ଯାହା ସାଧାରଣତଃ ମିଳିଥାଏ । ଏହାଦ୍ୱାରା ସେ ନିଜ ଚାନ୍ଦାର ସବୁତକ ପ୍ରତିଶୃତି ଅର୍ଥ ଆକାରରେ ଦେଇ ପୁରଣ କରିଦେଲେ ।

ମସ୍‌କୋରୁ ମୁବଲିଗ୍ ରିଜ୍‌ୱି ଲେଖୁଛନ୍ତି କି ଜଣେ ନୌମୁବାଏ ବନ୍ଧୁ ୱାଦେମ୍ ସାହେବ୍‌ଙ୍କର ସମ୍ପର୍କ ରୁଷିଆ ଦେଶର ଗୋଟିଏ ଦୂରଦୂରାନ୍ତ ଓ ପଛୁଆ ଇଲାକା ବୋରିଆତିଆ ସହିତ ଅଛି । ସେ ୨୦୧୭ରେ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ପାଇଥିଲେ । ଏ ବର୍ଷ ମାର୍ଚ୍ଚ୍ ମାସରେ ଏକସପ୍ତାହ ପାଇଁ ମସ୍‌କୋ ଆସିଲେ । ଯଦ୍ୱାରା ଅହେମଦୀ ଭାଇମାନଙ୍କ ସହିତ ସାକ୍ଷାତ୍ ହୋଇପାରିବ ଏବଂ ତାଲିମ୍ ଓ ତର୍‌ବିୟତ୍‌ର ଲାଭ ହାସଲ କରିପାରିବ । ତାଙ୍କର ସମ୍ବନ୍ଧ ଗୋଟିଏ ଗରୀବ ଘର ସହିତ ରହିଛି । ଆର୍ଥିକ ଅନାଟନ ଯୋଗୁ ବେଳେବେଳେ ତାଙ୍କୁ ଭୀଷଣ କଠିନ ପରିସ୍ଥିତି ଦେଇ ଗତି କରିବାକୁ ପଡ଼ିଥାଏ । ମସ୍‌କୋରେ ରହିବା ସମୟରେ ଇସା ନମାଜ ପାଠ କରିବା ପରେ କଥାବାର୍ତା ସମୟରେ ତାଙ୍କୁ ଜମାତ୍‌ର ମାଲି ନିଜାମ୍ ଓ ଏ ସମ୍ପର୍କୀୟ ବର୍‌କାତ୍ ସମ୍ବନ୍ଧରେ ବ୍ୟାଖ୍ୟା କରି ବତାଇ ଦିଆଗଲା ଏବଂ କିଛି ଚାନ୍ଦା ଦେବାପାଇଁ ମଧ୍ୟ ତେହ୍‌ରିକ୍ କରାଗଲା । ତାଙ୍କର ସିମୀତ ସାଧନ ଏବଂ ଅସୁବିଧା ଯୋଗୁ ଏପରି ଲାଗୁଥିଲା କି ଯଦି ସେ ପଚାଶ ରୁବଲ୍ (Ruble) ମଧ୍ୟ ଦେଇଦେବେ ତେବେ ଏହା ତାଙ୍କ ପାଇଁ ବହୁତ ବଡ କୁର୍ବାନୀ ହେବ । ତା ପରଦିନ ଫଜର୍ ନମାଜ ପରେ ସେ ଚାନ୍ଦା ତେହ୍‌ରିକ୍ ଯଦିଦ ଏବଂ ଚାନ୍ଦା ୱକ୍‌ଫେ ଯଦିଦ୍ ପାଇଁ ୨୦୦୦ ରୁବଲ୍ ଦେଇଦେଲେ । କହିଲେ କି ମୋର ତରଫରୁ ଏହି ଚାନ୍ଦା ଗ୍ରହଣ କରନ୍ତୁ ଏବଂ ତତ୍‌ସହିତ ବାରମ୍ବାର ଦୁଃଖର ପରିପ୍ରକାଶ କରୁଥିଲେ କି ମୁଁ ପୂର୍ବରୁ କାହିଁକି ଚାନ୍ଦା ଦେଲିନାହିଁ ଓ ଏତେ ଡେରି କାହିଁକି କଲି । ମୋତେ ତ ଏକବର୍ଷରୁ ଅଧିକା ସମୟ ଅହେମଦୀ ହେବାକୁ ହୋଇଗଲାଣି । ମୁବଲିଗ୍ ସାହେବ୍ ଲେଖୁଛନ୍ତି କି ତାଙ୍କ ଅବସ୍ଥାକୁ ଦେଖିଲେ ଏ ଚାନ୍ଦା ହେଉଛି ତାଙ୍କ ପାଇଁ ବହୁତ ବଡ କୁର୍ବାନୀ ।

ଏହା ହେଉଛି କୁର୍ବାନୀ କରିବାର ସ୍ତର ଓ ଏମାନେ ହେଉଛନ୍ତି ସେହିସବୁ ଲୋକେ ଯେଉଁମାନଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ଏମାନଙ୍କର ନିଷ୍ଠା ଓ ଭକ୍ତିକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । (ଉଦ୍ଧୃତ ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃଷ୍ଠା-୩୩୪, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ମସ୍‌କୋରୁ ହିଁ ମୁବଲିଗ୍ ସିଲ୍‌ସିଲା ଲେଖୁଛନ୍ତି କି ଜମାତ୍ ଅହେମଦୀୟା ମସ୍‌କୋର ଜଣେ ସଦସ୍ୟ ଅଛନ୍ତି ସେ ମସ୍‌କୋରେ ବିଭିନ୍ନ କାର୍ଯ୍ୟାଳୟରେ ଚାକିରୀ କରିଛନ୍ତି । ଆଜିକାଲି ସେ ଯେଉଁ ସ୍ଥାନରେ ଚାକିରୀ କରୁଛନ୍ତି ସେ ସମ୍ବନ୍ଧରେ ସେ କହୁଛନ୍ତି କି ଏଠାରେ ଇଂଟର୍‌ଭ୍ୟୁ ଦେବାରେ ମୋତେ ମାଲିକ ଏକଥା ବତାଇଲେ କି ଆମର ଏଠି ଦରମାରେ ବୃଦ୍ଧି କରାଯାଏନାହିଁ । ଯାହାକିଛି ଦରମା ମିଳିବ ସେଇଥିରେ ତୁମକୁ ଗୁଜୁରାଣ ମେଂଟାଇବାକୁ ପଡ଼ିବ । ତେଣୁ ଯଦି ଆପଣଙ୍କୁ ଏହି ଦରମା ଠିକ୍ ଲାଗୁଛି ତେବେ ଚାକିରୀ କରନ୍ତୁ ନଚେତ୍ ଛାଡିଦିଅନ୍ତୁ । ସେ କହୁଛନ୍ତି କି ମୁଁ ସେଠାରେ ଚାକିରୀ କଲି । କିଛିଦିନ ପରେ ତେହ୍‌ରିକ୍ ଯଦିଦ୍ ଏବଂ ୱକ୍‌ଫେ ଯଦିଦ୍ ସମ୍ବନ୍ଧରେ ଜମାତି ସ୍ତରରେ ମୋତେ ତେହ୍‌ରିକ୍ କରାଗଲା । ମୁଁ ଉକ୍ତ ଚାନ୍ଦାଗୁଡିକ ନିୟମିତ ଭାବେ ଦେବା ଆରମ୍ଭ କରିଦେଲି । କିଛିଦିନ ଯିବା ପରେ ଉକ୍ତ କାର୍ଯ୍ୟାଳୟର ବ୍ୟବସ୍ଥାପିକା ମୋତେ ଡକାଇ ପଠାଇଲେ ଏବଂ ବିନା କୌଣସି ପ୍ରକାଶ୍ୟ କାରଣରେ ମୋ ଦରମା ପ୍ରଥମେ ପାଂଚହଜାର ରୁବଲ୍ ବଢ଼ାଇଦେଲେ ଓ ପୁଣି କିଛିଦିନ ପରେ ପୁନର୍ବାର ଡକାଇଲେ ଓ ପୁଣି ଦୁଇହଜାର ରୁବଲ୍ ଅଧିକା କରିଦେଲେ । କହୁଛନ୍ତି ମୋତେ ସେତେବେଳେ ଏକଥାରେ ବିଶ୍ୱାସ ହୋଇଗଲା କି ଏହା କେବଳ ଖୁଦାତାଲାଙ୍କ ମାର୍ଗରେ ମାଲି କୁର୍ବାନୀ କରିବାର ଫଳ ନଚେତ୍ ସାଂସାରିକ ଦୃଷ୍ଟିକୋଣରୁ ଏପରି କୌଣସି କାରଣ ହିଁ ନଥିଲା । ପୁଣି କହୁଛନ୍ତି ମୁଁ ଯେତେବେଳେ କୌଣସି ଗଏର୍ ଅହେମଦୀକୁ ଏ ବିଷୟ ବତାଇବା ପାଇଁ ଚେଷ୍ଟା କରୁଛି ସେତେବେଳେ ତାଙ୍କୁ ଏକଥା ସମ୍ପୂର୍ଣ୍ଣ ରୂପେ ବୁଝାପଡୁନାହିଁ । କିନ୍ତୁ ହଜ୍‌ରତ୍ ଇମାମ୍ ମେହ୍‌ଦୀ ଆସଙ୍କୁ ମାନୁଥିବା ବ୍ୟକ୍ତି ବହୁତ ଭଲଭାବେ ବୁଝିପାରେ କି ଅଲ୍ଲାଃତାଲା ନିଜ କରୁଣାରୁ ବିନା କୌଣସି ସାଂସାରିକ କାରଣରେ ମଧ୍ୟ ନିଜ ମାର୍ଗରେ କୁର୍ବାନୀ କରିବା ଯୋଗୁ ଏହି ବର୍‌କତ୍ ପ୍ରଦାନ କରିଛନ୍ତି ।

ବେନିନ୍ ରିଜିଅନ୍‌ର ଆଲାଡାର ମୁବଲିଗ୍ ସାହେବ୍ ଲେଖୁଛନ୍ତି କି ରିଜିଅନ୍‌ର ଗୋଟିଏ ଜମାତ୍‌ର ନାମ ହେଉଛି ଫାନ୍‌ଜି, ଯେଉଁଠି ଜମାତ୍‌ର ଗୋଟିଏ ମସ୍‌ଜିଦ୍ ମଧ୍ୟ ନିର୍ମାଣ ହୋଇଛି । ଅଲ୍‌ହମ୍‌ଦୋଲିଲ୍ଲାଃ । ଏଠିକାର ସଦର୍ ସାହେବ୍ ଜମାତ୍ ଯିଏ ଜଣେ କମାର ଅଟନ୍ତି, ତାଙ୍କୁ ତେହ୍‌ରିକ୍ ଯଦିଦ୍‌ରେ ବଢ଼ିଚଢ଼ି କରି ଭାଗନେବା ପାଇଁ ଉତ୍ସାହିତ କରାଗଲା । ତେଣୁ ସେ ଆହୁରି ଅଧିକା ପଇଠ କରିବା ପାଇଁ ୱାଦା ତ କରିନେଲେ କିନ୍ତୁ କହିଲେ କି ବର୍ତମାନ କାମ ନଥିବା ଯୋଗୁ ମୋ ପାଖରେ କିଛି ଅର୍ଥ ନାହିଁ । ଏହାପରେ ସଦର୍ ସାହେବ୍‌ଙ୍କର ଫୋନ୍ ଆସିଲା ଯେ ମୁଁ ଦଶହଜାର ଫ୍ରାଙ୍କ୍ ସିଫା ଚାନ୍ଦା ଦେବାକୁ ଚାହୁଁଛି । ଏହାର ରସିଦ୍ କାଟିଦିଅ । କହୁଛନ୍ତି ଅଲ୍ଲାଃତାଲା ଏହି ୱାଦାପରେ ବହୁତ ଦୟାକଲେ ଓ ମୋତେ କାମ ମିଳିଗଲା । ତେଣୁ ମୁଁ ଏବେ ଦଶହଜାର ଚାନ୍ଦା ଦେବାକୁ ଆସୁଛି । ଏବଂ କହୁଛନ୍ତି ଏହି ଚାନ୍ଦା ପଇଠ କରିବାର ବୋଧହୁଏ ପନ୍ଦର ଦିନ ପରେ ପୁନର୍ବାର ତାଙ୍କର ଫୋନ୍ ଆସିଲା ଯେ ଅଲ୍ଲାଃତାଲାଙ୍କର ବହୁମାତ୍ରାରେ ଫଜଲ୍ ହୋଇଛି ଓ ଏତେମାତ୍ରାରେ ହୋଇଯାଇଛି କି ବୁଝିପାରୁନାହିଁ କି ବୋଧହୁଏ ସମୟରେ କାମ ସମ୍ପୂର୍ଣ୍ଣ କରି ମଧ୍ୟ ଦେଇପାରିବି କି ନାହିଁ । ବହୁତ ବଡ କାମ ମିଳିଯାଇଛି ଏବଂ ଏହା କେବଳ ହିଁ କେବଳ ଖୁଦାତାଲାଙ୍କ ମାର୍ଗରେ ମାଲି କୁର୍ବାନୀ କରିବା ବଦଳରେ ହିଁ ହୋଇଛି । ଯେପରି ଏଠାରେ ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଅନେକ ଗୁଣା ବଢ଼ାଇ ପ୍ରଦାନ କରୁଅଛି ଓ ତତ୍‌କ୍ଷଣାତ୍ ମଧ୍ୟ ପ୍ରଦାନ କରୁଅଛି ।

ମାଲି ଦେଶରୁ ସିଗୋର୍ ରିଜିଅନ୍‌ର ମୁବଲିଗ୍ ଲେଖୁଛନ୍ତି କି ଦିନେ ଜଣେ ଅନ୍ଧ ମହିଳା କିଛି ଚାନ୍ଦା ପଠାଇଲେ । ତା ସହିତ ଏ ବାର୍ତା ମଧ୍ୟ ପଠାଇଲେ କି ସେ ଆସନ୍ତାକୁ ପ୍ରତ୍ୟେକ ମାସ ନିଜର ଚାନ୍ଦା ମିଶନ୍ ହାଉସ୍ ପଠାଇଦେବେ । ତାଙ୍କଠାରୁ ଯେତେବେଳେ ଏହାର କାରଣ ପଚରାଗଲା ସେ କହିଲେ କିଛି ଲୋକଙ୍କୁ ଅଲ୍ଲାଃତାଲା ନିଜେ ହିଁ ଧ୍ୟାନ ଆକର୍ଷଣ କରାଇ ତାଙ୍କଠାରୁ କୁର୍ବାନୀ କରାଇଥାଏ, ଯଦ୍ୱାରା ଆହୁରି ଅଧିକା ଅନୁଗ୍ରହ କରାଯାଇପାରିବ । ସେ କହୁଛନ୍ତି କି ମୁଁ ଦୁଇଦିନ ପୂର୍ବେ ସ୍ୱପ୍ନରେ ଦେଖିଲି କି ମୁଁ ଶୋଇପଡିଛି ଏବଂ ସ୍ୱପ୍ନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମୋତେ ଜଗାଇ ଚାନ୍ଦା ପଇଠ କରିବା ପାଇଁ ଉପଦେଶ ଦେଉଛନ୍ତି । ତେଣୁ ମୁଁ ସ୍ୱପ୍ନରୁ ଉଠି ମିଶନ୍ ହାଉସ୍ ଯାଇ ସେଠାରେ ପାଂଚହଜାର ସିଫା ପଇଠ କରିଦେଉଛି । ଏହାପରେ ମୋ ଆଖି ଖୋଲିଗଲା ।

ବୁର୍କିନାଫାଶୋରୁ ମୁବାରକ୍ ମୁନୀର୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଲେଖୁଛନ୍ତି କି ପିଗୋ ଜମାତ୍‌ର ଜଣେ ନିଷ୍ଠାବାନ୍ ଅହେମଦୀ ଅଲ୍‌ହାଜ୍ ଇବ୍ରାହିମ୍ ସାହେବ୍‌ଙ୍କର ଦୁଇଜଣପିଲା କିଛି ଦିନ ହେବ ରୋଗାଗ୍ରସ୍ତ ଥିଲେ । ବହୁତ ଉପଚାର କରାଇଲେ କିନ୍ତୁ କିଛି ଫଳମିଳିଲା ନାହିଁ । ଦିନେ ଆମର ମୁଅଲିମ୍ ସାହେବ୍ ତାଙ୍କୁ ମାଲି କୁର୍ବାନୀ କରିବା ପାଇଁ ତେହ୍‌ରିକ୍ କଲେ । ଏଥିରେ ସେ ନିଜ ସାମର୍ଥ୍ୟ ମୁତାବକ ଚାନ୍ଦା ଦେଲେ ଓ ଦୁଆ କଲେ କି ହେ ଅଲ୍ଲାଃ ! ମୋ କୁର୍ବାନୀକୁ ଗ୍ରହଣ କର ଓ ମୋ ସନ୍ତାନମାନଙ୍କୁ ମଧ୍ୟ ଶିଘ୍ର ସ୍ୱାସ୍ଥ୍ୟ ପ୍ରଦାନ କର । କହୁଛନ୍ତି କି କିଛିଦିନ ପରେ ହିଁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତାଙ୍କ ପିଲାମାନଙ୍କର ଅବସ୍ଥା ବହୁମାତ୍ରାରେ ଠିକ୍ ହେବାକୁ ଲାଗିଲା । ଗୋଟିଏ ପୁଅ ତ ବିଲ୍‌କୁଲ୍ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଗଲା ଓ ଦ୍ୱିତୀୟ ପିଲାଟି ମଧ୍ୟ ବହୁମାତ୍ରାରେ ଠିକ୍ ହୋଇଯାଇଛି । ତାକୁ ମଧ୍ୟ ଏ ବିଶ୍ୱାସ ରହିଛି କି ଅଲ୍ଲାଃତାଲା ଉକ୍ତ କୁର୍ବାନୀକୁ ଗ୍ରହଣ କରି ଏହି ବର୍‌କତ୍ ପ୍ରଦାନ କରିଛନ୍ତି ।

ବୁର୍କିନାଫାଶୋର ବୋବୋ ସହରର ସେକ୍ରେଟାରୀ ସାହେବ୍ ୱସିୟତ୍ କହୁଛନ୍ତି କି ମୁଁ ୱସିୟତ୍ ଚାନ୍ଦା ପ୍ରତ୍ୟେକ ମାସ ପଇଠ କରିଦେଉଥିଲି । କିନ୍ତୁ ତେହ୍‌ରିକ୍ ଯଦିଦ୍ ଏବଂ ୱକ୍‌ଫେ ଯଦିଦ୍ ପଇଠ କରିବାରେ ବେଳେବେଳେ ଡେରି ହୋଇଯାଉଥିଲା । ଥରେ ଯେତେବେଳେ ସେ ମୋ ଖୁତ୍‌ବା ଶୁଣିଲେ ତା ପରେ ତାଙ୍କ ମନଭିତରେ ଏଧାରଣା ଆସିଲା କି ବର୍ଷ ଶେଷ ହେବା ପୂର୍ବରୁ ମୁଁ କାହିଁକି ସମସ୍ତ ଚାନ୍ଦା ଦେଇ ନଦେବି । ସୁତରାଂ ଚାନ୍ଦା ପଇଠ କରିବା ପରେ ଗୋଟିଏ ରାତିରେ ସେ ସ୍ୱପ୍ନ ଦେଖିଲେ ଯେ ଗୋଟିଏ ଧଳା ପୋଷାକ ପରିଧାନ କରି ଜଣେ ବ୍ୟକ୍ତି ମୋତେ ଗୋଟିଏ ଚାବି ଧରାଉଛି । ମୋତେ ସେ ସମୟରେ ସ୍ୱପ୍ନ ଯୋଗୁ ବୁଝାପଡ଼ିଲା ନାହିଁ । କିନ୍ତୁ କିଛିଦିନ ପରେ ମୋ ଭାଇଙ୍କ ତରଫରୁ ଏବାର୍ତା ଆସିଲା କି ଆପଣ ହଜ୍ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ, ମୁଁ ସବୁ ଖର୍ଚ୍ଚ ଆପଣଙ୍କର ବହନ କରିବି । (ହଜୁର୍ ଅନୁୱର୍ କହୁଛନ୍ତି) ଏହିପରି ମାଲି କୁର୍ବାନୀ କରିବା ଫଳରେ ଖୁଦାତାଲା ହଜ୍ କରିବା ପାଇଁ ମଧ୍ୟ ସୌଭାଗ୍ୟ ପ୍ରଦାନ କଲେ ।

ଜର୍ମାନୀର ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ଲେଖୁଛନ୍ତି କି Borken ଜମାତ୍‌ର ଜଣେ ବନ୍ଧୁ ତେହ୍‌ରିକ୍ ଯଦିଦ୍ ଚାନ୍ଦାରେ ୯୦୦ ୟୁରୋ ବଢ଼ାଇଦେଲେ । ସେ ବନ୍ଧୁଜଣକ ବତାଇଲେ କି ଯେଉଁଦିନ ମୁଁ ୱାଦା କଲି ତା ପରଦିନ ଯେତେବେଳେ ମୁଁ କାମ କରିବାକୁ ଗଲି, ମାଲିକ ମୋତେ କହିଲେ- ମୁଁ ତୁମ ଦରମାରେ ଏକଶହ ୟୁରୋ ବଢ଼ାଇ ଦେଇଛି ଏବଂ ଫେବୃୟାରୀରୁ ଅକ୍ଟୋବର୍ ପର୍ଯ୍ୟନ୍ତ ଯେତେବେଳେ ହିସାବ ଲଗାଇଲେ ସେତେବେଳେ ମୋଟ୍ ୯୦୦ ୟୁରୋ ହିଁ ହେଉଥିଲା । ସେହି ବନ୍ଧୁ ଜଣକ କହୁଛନ୍ତି ମୋର ତ ଏ ବିଶ୍ୱାସ ଥିଲା କି ଅଲ୍ଲାଃତାଲା ଏହାର ବ୍ୟବସ୍ଥା କରିଦେବେ କିନ୍ତୁ ଏକଥା ଜଣାନଥିଲା ଯେ ୨୪ଘଂଟା ମଧ୍ୟ ବିତିନଥିବ ଅଲ୍ଲାଃତାଲା ଏ ବ୍ୟବସ୍ଥା କରିଦେବେ ବୋଲି ।

ଜର୍ମାନୀର ସେକ୍ରେଟାରୀ ତେହ୍‌ରକ୍ ଯଦିଦ ବର୍ଣ୍ଣନା କରୁଛନ୍ତି କି ଜଣେ ବନ୍ଧୁ ନିଜର ଆଜାଇଲମ୍ କେଶ୍ ଯୋଗୁ ବହୁତ କଠିନ ପରିସ୍ଥିତିରେ ଥିଲେ । ତାଙ୍କୁ ମାଲି କୁର୍ବାନୀ ପ୍ରତି ଏବଂ ଚାନ୍ଦା ତେହ୍‌ରିକ୍ ଯଦିଦ ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା । ଏହାର କିଛିଦିନ ପରେ ହିଁ ସେହି ବନ୍ଧୁଜଣକ ମିଳି ବତାଇଲେ କି ଆପଣ ଏହିପରି ମୋତେ ତେହ୍‌ରିକ୍ ଯଦିଦ୍ ଚାନ୍ଦା ଦେବାପାଇଁ ଧ୍ୟାନ ଆକର୍ଷଣ କରାଇଥିଲେ । ମୁଁ ଶହେ ୟୁରୋର ୱାଦା କରିଥିଲି । ସେତେବେଳେ ମୋ ନିକଟରେ କେବଳ କୋଡିଏ ୟୁରୋ ଥିଲା । ସୁତରାଂ ମୁଁ ସେହି କୋଡିଏ ୟୁରୋ ସେହି କ୍ଷଣି ପଇଠ କରିଦେଇ ଘରକୁ ଚାଲିଆସିଲି । ଯେତେବେଳେ ମୁଁ ଘରେ ପହଂଚିଲି, ଯେଉଁଠାରେ ମୁଁ କାମ କରୁଥିଲି ସେଠାରୁ ଫୋନ୍ ଆସିଲା ଯେ ତୁମ ହିସାବରେ କିଛି ଟଙ୍କା ବାହାରୁଛି ତାହା ଆସି ଆମଠାରୁ ନେଇଯାଅ । ମୁଁ ଭାବିଥିଲି ଯେ ତିନିଶହ ବା ଚାରିଶହ ୟୁରୋ ମିଳିବ କିନ୍ତୁ ସେଠାରୁ ଯେଉଁ ଟଙ୍କା ମିଳିଲା ମୁଁ ନ ଗଣିକରି ତାକୁ ପକେଟ୍‌ରେ ପୁରାଇଦେଲି ଓ ସର୍ବପ୍ରଥମେ ମୁଁ ତେହ୍‌ରିକ୍ ଯଦିଦ୍‌ରେ ବାକି ଥିବା ଅଶୀ ୟୁରୋ ପଇଠ କଲି । ପୁଣି ବାକି ଆବଶ୍ୟକତା ପାଇଁ ଟଙ୍କା ବାହାର କଲି । ତାହାପରେ ମଧ୍ୟ କିଛି ଅର୍ଥ ବଂଚିଗଲା । ଯେତେବେଳେ ପରେ ମୁଁ ହିସାବ କଲି ସେତେବେଳେ ଜାଣିବାକୁ ପାଇଲି କି ସେଠାରୁ ମୋତେ ଏକହଜାର୍ ୟୁରୋ ମିଳିଥିଲା । ସେ ପୁଣି କହୁଛନ୍ତି କି ମୁଁ ଶହେ ୟୁରୋ ଦେବାପାଇଁ ୱାଦା କରିଥିଲି କିନ୍ତୁ ଅଲ୍ଲାଃତାଲା ତାହା ବଦଳରେ ଦଶଗୁଣା ପ୍ରଦାନ କରିଦେଲେ । ପୂର୍ବରୁ ମୁଁ ଏହି ପ୍ରକାର ଘଟଣା ଶୁଣୁଥିଲି ଏବଂ ଭାବୁଥିଲି କି ଅଲ୍ଲାଃତାଲା କଣ ବାସ୍ତବରେ ନିଜ ଭକ୍ତଙ୍କ ସହିତ ଏପରି ବ୍ୟବହାର କରିଥାଏ । କିନ୍ତୁ ଏବେ ମୋତେ ନିଜେ ହିଁ ଅନୁଭବ ହୋଇଗଲା ।

ଆଇଭରିକୋଷ୍ଟ୍‌ରୁ ମୁବଲିଗ୍ ସିଲ୍‌ସିଲା ଲେଖୁଛନ୍ତି କି ସେ ସେଠାରେ ତେହ୍‌ରିକ୍ ଯଦିଦ୍ ଚାନ୍ଦା ସିଲ୍‌ସିଲାରେ ଗୋଟିଏ ଯାଗାକୁ ଗଲେ ତାହା ହେଉଛି ନୌମୁବାଏଙ୍କ ଜମାତ୍ । ଏକବର୍ଷ ପୂର୍ବେ ହିଁ ସେମାନେ ବୟତ୍ କରି ନେଜାମ୍‌ରେ ସାମିଲ୍ ହୋଇଛନ୍ତି । ସେହି ଗାଁରେ ତେହ୍‌ରିକ୍ ଯଦିଦ୍‌ର ଗୁରୁତ୍ୱ ଉପରେ ଭାଷଣ ଦିଆଗଲା ଓ ଏହାର ଉଦ୍ଦେଶ୍ୟ ବିଷୟରେ ବର୍ଣ୍ଣନା କରାଗଲା ଓ ଏକଥା ମଧ୍ୟ କୁହାଗଲା କି ଖଲିଫତୁଲ୍ ମସିହ୍ କହିଛନ୍ତି କି ସବୁଲୋକମାନେ ଏହି (ଚାନ୍ଦା)ର ବର୍‌କତ୍‌ରେ ଭାଗ ନିଅନ୍ତୁ । ତା ପରଦିନ ଫଜର୍ ନମାଜ ପରେ ଜମାତ୍‌ର ସଦସ୍ୟମାନେ ନିଜ ନିଜର ସାମର୍ଥ୍ୟ ମୁତାବକ ଚାନ୍ଦା ଦେବା ଆରମ୍ଭ କରିଦେଲେ ଓ ମସ୍‌ଜିଦ୍‌ର ଇମାମ୍ ସାହେବ୍ ମଧ୍ୟ ଏହି ପୁଣ୍ୟ କାର୍ଯ୍ୟରେ ଭାଗନେଲେ ଓ ନିଜ ଫ୍ୟାମିଲି ତରଫରୁ ମଧ୍ୟ ଚାନ୍ଦା ତେହ୍‌ରିକ୍ ଯଦିଦ୍ ପଇଠ କଲେ । ପୁଣି ପରେ ତାଙ୍କର ଗୋଟିଏ ଛଅବର୍ଷର ପୁଅ ତାଙ୍କ ବାପାଙ୍କଠାରୁ ଶହେ ଫ୍ରାଙ୍କ୍ ସିଫା ଆଣି କହିବାକୁ ଲାଗିଲା କି ଏହା ହେଉଛି ମୋ

ଚାନ୍ଦା । ସେ କହୁଛନ୍ତି ଆମେ ଏହି ଛୋଟିଆ ପିଲାର ଏଭଳି ବ୍ୟବହାରକୁ ଦେଖବ ବହୁତ ଭଲ ଲାଗିଲା ଯେ ଏତେ ଛୋଟ ବୟସରେ ମାଲି କୁର୍ବାନୀ କରିବା ପାଇଁ ତାର କେତେ ସଉକ ଅଛି । ଅଲ୍ଲାଃତାଲା ସେହି ନୌମୁବାଇନ୍ ମାନଙ୍କ କୁର୍ବାନୀକୁ ଗ୍ରହଣ କରନ୍ତୁ ଓ ଦୀନ୍ ଓ ଦୁନିଆର ବୈଭବ ପ୍ରଦାନ କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହିଛନ୍ତି କି ଏକ ଅବସରରେ ଜଣେ ମୌଲବୀ ମସ୍‌ଜିଦ୍‌ରେ ମାଲି କୁର୍ବାନୀ କରିବା ପାଇଁ ତେହ୍‌ରିକ୍ କଲେ । ସେଠାରେ ତାଙ୍କର ସ୍ତ୍ରୀ ମଧ୍ୟ ବସିଥିଲେ । ମୌଲବୀ ସାହେବ୍‌ଙ୍କର ଏକଥା ଶୁଣି ତାଙ୍କ ଉପରେ ବହୁତ ପ୍ରଭାବ ପଡ଼ିଲା । ଫଳତଃ ସେ ଘରକୁ ଆସି ସେ ମଧ୍ୟ ଉକ୍ତ ଉଦ୍ଦେଶ୍ୟ ପାଇଁ ଅର୍ଥାତ୍ ମସ୍‌ଜିଦ୍ ନିର୍ମାଣ ନିମନ୍ତେ ନିଜର ଗହଣାଗାଣ୍ଠି ବାହାର କରି ଦେଇଦେଲେ । ଏହା ଦେଖି ମୌଲବୀ ସାହେବ୍ କହିଲେ- ଏହା ତ କେବଳ ଲୋକମାନଙ୍କ ପାଇଁ ଥିଲା, ତୁମପାଇଁ ନଥିଲା । ତୁମେ କୁର୍ବାନୀ କରନାହିଁ । (ମଲ୍‌ଫୁଜାତ୍ ଖଣ୍ଡ-୬, ପୃଷ୍ଠା-୨୬୪-୨୬୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) କିନ୍ତୁ ଏଠାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଯେଉଁ ଜମାତ୍ ସୃଷ୍ଟି ହେଉଅଛି ସେଥିରେ ନିଜେ ମୌଲବୀ ବରଂ ସେମାନଙ୍କର ପିଲାମାନେ ମଧ୍ୟ ବହୁତ ଉତ୍ସାହିତ ହୋଇ ଭାଗ ନେଉଛନ୍ତି ।

ଇଣ୍ଡୋନେସିଆର ଗୋଟିଏ ଉଦାହରଣ ଅଛି । ସେଠିକାର ଜଣେ ମହିଳା ସୋଫିୟା ସାହିବା ଲେଖୁଛନ୍ତି କି ମୁଁ ୨୦୧୪ ମସିହାରେ ଇସାଇୟତ୍‌ରୁ ଆସି ବୟତ୍ କରି ଜମାତ୍‌ରେ ସାମିଲ୍ ହୋଇଥିଲି ଓ ବୟତ୍ କରିବା ପରେ ମୋ ଇସାଇ ପରିବାରଙ୍କ ତରଫରୁ ମୁଖାଲିଫତ୍ ଆରମ୍ଭ ହୋଇଗଲା ଏବଂ ସେମାନେ ମୋତେ ଗାଳିଗୁଲଜ ଦେଲେ ଓ ମୋତେ ଅସମ୍ମାନ କଲେ । ମୋ ଘରବାଲା ଭାବୁଥିଲେ କି ମୁଁ ତାଙ୍କ ପରିବାରର ସଦସ୍ୟ ହୋଇ ରହିନାହିଁ । କିନ୍ତୁ ଜମାତ୍‌ରୁ ମୋତେ ବହୁତ ପ୍ରେମ ଓ ସ୍ନେହ ମିଳିଲା । ମୋ ନିକାହ୍ ମଧ୍ୟ ଜଣେ ଅହେମଦୀଙ୍କ ସହିତ ହୋଇଗଲା । କିଛିଦିନ ପରେ ମୋ ସ୍ୱାମୀର ଗାଡିଟି ଆକ୍ସିଡେଂଟ୍ ହୋଇଗଲା ଓ ତାଙ୍କର ବାମଗୋଡ ଓ ବାମପାଦର ହାଡ ଭାଙ୍ଗିଗଲା । ସେ କହୁଛନ୍ତି କି ସେତେବେଳେ ମୁଁ ଚାରିମାସ ଗର୍ଭବତୀ ଥିଲି । ଏହି ସମୟରେ ତେହ୍‌ରିକ୍ ଯଦିଦ୍‌ର ନୂତନ ବର୍ଷ ଆରମ୍ଭ ହେଉଥିଲା । ମୁଁ ମୋ ସ୍ୱାମୀଙ୍କଠାରୁ ୱାଦା ବିଷୟରେ ପଚାରିଲି । ଏଥିରେ ସେ ବହୁତ ବିଶ୍ୱାସର ସହିତ ଉତର ଦେଲେ କି ପାଂଚଲକ୍ଷ୍ୟ ଇଣ୍ଡୋନେସିଆନ୍ ଟଙ୍କା ୱାଦାରେ ଲେଖାଇଦିଅନ୍ତୁ । କାରଣ ଆସନ୍ତା ବର୍ଷ ମୋତେ ଚାକିରୀ ମିଳିଯିବ । ଇଣ୍ଡୋନେସିୟ ଟଙ୍କାର ବହୁତ କମ୍ ମୂଲ୍ୟ କିନ୍ତୁ ସେ ଯାହା ହେଉ ଯେଉଁମାନେ ସେଠାରେ ରହୁଛନ୍ତି ତାଙ୍କପାଇଁ ଏହା ବହୁତ ମୂଲ୍ୟବାନ । ସେହି ମହିଳାଜଣକ କହୁଛନ୍ତି ମୁଁ ବହୁତ ଆଶ୍ଚର୍ଯ୍ୟ ହେଲି କି ଏବେ ମୋ ସ୍ୱାମୀ ଆଶାବାଡି ସାହାଯ୍ୟରେ ଚାଲୁଛନ୍ତି । ଏଥିରେ ତାଙ୍କୁ ଚାକିରୀ କିପରି ମିଳିବ । ସେ ଯାହାହେଉ ତାଙ୍କ କହିବା ମୁତାବକ ମୁଁ ୱାଦା ଲେଖାଇଦେଲି । ସମୟ କ୍ଷିପ୍ର ଗତିରେ ବିତିଚାଲିଲା । ଆମକୁ ଜଣାପଡ଼ିଲା ନାହିଁ କି ବର୍ଷ କେବେ ଶେଷ ହେବାକୁ ଅଛି । ଏଥିରେ ବହୁତ ବ୍ୟତିବ୍ୟସ୍ତ ଲାଗିଲା କି ଏବେ ମୋ ସ୍ୱାମୀ ରୋଜଗାର କରୁନାହାଁନ୍ତି, ଚାନ୍ଦା କିପରି ପଇଠ କରିବେ । ଏହିଭଳି ଅବସ୍ଥାରେ ମୁଁ ଦୁଆ କଲି, ଫଳତଃ ଅଲ୍ଲାଃତାଲା ନିଜର କୁଦ୍‌ରତ୍ (ଶକ୍ତି) ଦେଖାଇଲେ ଓ କହୁଛନ୍ତି କି ମୋ ସ୍ୱାମୀକୁ ଗୋଟିଏ ପ୍ରାଇଭେଟ୍ କମ୍ପାନୀରେ ଭଲ ଚାକିରୀ ମିଳିଗଲା । ଫଳତଃ ଆମେ ପ୍ରତିଶୃତି ମୁତାବକ ଶତ ପ୍ରତିଶତ ପଇଠ କରିଦେଲୁ ।

ଇଣ୍ଡୋନେସିଆରୁ ହିଁ ୱାର୍‌ଦି ସାହେବ୍ ଲେଖୁଛନ୍ତି କି ଗତ ରମ୍‌ଜାନ୍ ମାସରେ ଆମ ଫ୍ୟାମିଲି ଗୋଟିଏ ଅସୁବିଧାର ସମ୍ମୁଖୀନ ହୋଇଥିଲା । ମୋ ସ୍ୱସୁର ବେମାର ହୋଇଯାଇଥିଲେ । ତାଙ୍କୁ ଡାକ୍ତରଖାନାରେ ଆଡ୍‌ମିଟ୍ କରିବାକୁ ପଡ଼ିଲା । ଏକମାସ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଲେ । ସେ ସମୟରେ ତାଙ୍କର ଅବସ୍ଥା ଏତେ ଖରାପ ହୋଇଗଲା କି ଆଇ.ସି.ୟୁ ରେ ଆଡ୍‌ମିଟ୍ କରିବାକୁ ପଡ଼ିଲା । ପିଲାମାନଙ୍କର ଆଶା ବହୁତ କମ୍ ଥିଲା । ସେ କହୁଛନ୍ତି ସେତେବେଳେ ସେ ତାଙ୍କୁ ମୋ ଖୁତ୍‌ବା ମନେ ପଡ଼ିଗଲା ଯେଉଁଥିରେ ମୁଁ ତେହ୍‌ରିକ୍ ଯଦିଦ୍‌ର ବର୍‌କତ୍ ବିଷୟରେ କହିଥିଲି । ସୁତରାଂ ଘରର ସମସ୍ତ ଲୋକେ ଏକାଠି ହୋଇ ଏ ନିଷ୍ପତି କଲେ କି ଆମେ ସମସ୍ତେ ଏହି ରମ୍‌ଜାନ୍ ମାସରେ ତେହ୍‌ରିକ୍ ଯଦିଦ୍‌ର ଶତ ପ୍ରତିଶତ ଅର୍ଥ ପଇଠ କରିଦେବା ଏବଂ ପ୍ରକାଶ୍ୟରେ ମଧ୍ୟ ଶତ ପ୍ରତିଶତ ପଇଠ କରିଦେଲେ । ଏବଂ ମୋତେ ମଧ୍ୟ ସେ ଦୁଆ କରିବାପାଇଁ ଲେଖିଲେ । ସେ କହୁଛନ୍ତି କି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଦୁଆ ଯୋଗୁ ଏବଂ କୁର୍ବାନୀ କରିବା ଫଳରେ ମୋ ସ୍ୱଶୁରଙ୍କ ଅବସ୍ଥା ସୁଧୁରିବାକୁ ଲାଗିଲା ଓ କିଛି ଦିନ ପରେ ଡାକ୍ତର ତାଙ୍କୁ ଘରକୁ ଫେରିଯିବା ପାଇଁ ଅନୁମତି ଦେଇଦେଲେ । ଘରେ ପହଂଚି ଯେତେବେଳେ ପଡୋଶୀମାନେ ଜାଣିବାକୁ ପାଇଲେ କି ଏହା ତ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଯାଇଛନ୍ତି ବୋଲି, ଏଥିରେ ସେ ବହୁତ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ କି ଏହା କିପରି ସମ୍ଭବ ହେଲା । ଏତେ ଭୟଙ୍କର ରୋଗ ହୋଇଥିବା ଯୋଗୁ ସେ ମୃତ୍ୟୁର ଦରଜା ନିକଟରେ ପହଂଚି ଯାଇଥିଲେ । ଏପରି ଅବସ୍ଥାରେ ଜଣେ ମନୁଷ୍ୟ ଠିକ୍ ହୋଇ କିପରି ଫେରିଆସିଲେ ।

ୟୁ.କେ ରୁ ବ୍ରମିଂହମ୍ ସେଂଟ୍ରାଲ୍ ଜମାତ୍‌ର ସଦର୍ ଲେଖୁଛନ୍ତି କି ଆମେ ତେହ୍‌ରିକ୍ ଯଦିଦ୍‌ର ଟାର୍ଗେଟ୍‌ରୁ ୧୫୦୦ ପାଉଣ୍ଡ୍ ପଛରେ ଥିଲୁ ଏବଂ ସମୟ ଶେଷ ହୋଇଯାଉଥିଲା । କ୍ଲୋଜିଂ ହେବାପାଇଁ ଆଉକିଛି ଘଂଟା ବାକି ଥିଲା । ବିଭିନ୍ନ ସଦସ୍ୟମାନଙ୍କୁ ତେହ୍‌ରିକ୍ କରାଗଲା । ଏଥିରେ ଏପରି ଜଣେ ବ୍ୟକ୍ତି ଯିଏ ପୂର୍ବରୁ ୨୪୦୦ ପାଉଣ୍ଡ୍ ଦେଇସାରିଥିଲେ, ସେ କହିଲେ କି ସେ ଆଉ ୧୫୦୦ ପାଉଣ୍ଡ୍ ପଇଠ କରିବେ । ସେ ସମୟରେ ଉକ୍ତ ବନ୍ଧୁଜଣକ ଦେଶବାହାରେ ଥିଲେ । ତେଣୁ ସେ ଅନ୍‌ଲାଇନ୍ ଚାନ୍ଦା ପଇଠ କରିଦେଲେ । ସେ କହୁଛନ୍ତି କି ଯେଉଁଦିନ ସେ ୧୫୦୦ ପାଉଣ୍ଡ୍ ପଇଠ କରିଥିଲେ ତା ପରଦିନ ଟାକ୍‌ସ ଡିପାର୍ଟ୍‌ମେଂଟ୍‌ରୁ ତାଙ୍କୁ ୬୦୦୦ ପାଉଣ୍ଡ୍ ଫେରସ୍ତ ମିଳିଗଲା । ଅଲ୍ଲାଃତାଲା ଏଠାରେ ତତ୍‌କ୍ଷଣାତ୍ ବଢ଼ାଇ ଦେଇଦେଲେ ।

ଗରିବ ମାନଙ୍କର କୁର୍ବାନୀ କିପରି ଓ ଅଲ୍ଲାଃତାଲାଙ୍କର ଆଶ୍ଚର୍ଯ୍ୟଚକିତ ବ୍ୟବହାର କିପରି ରହିଛି ସେ ସମ୍ବନ୍ଧରେ ବରୁଣ୍ଡି ଦେଶର ମୁଅଲିମ୍ ସାହେବ୍ ଲେଖୁଛନ୍ତି କି ପଛବର୍ଷ ଆମେ ଗୋଟିଏ ନୁଆ ଜମାତ୍ ଘାଙ୍ଗାକୁ ଗସ୍ତ କଲୁ ଓ ସେଠାରେ ଜଣେ ନୌମୁବାଏ ବନ୍ଧୁ ମସ୍‌ଉଦି ସାହେବ୍‌ଙ୍କୁ ଚାନ୍ଦାର ଗୁରୁତ୍ୱ ବିଷୟରେ ବତାଇଲୁ ଏବଂ ତାଙ୍କୁ ଚାନ୍ଦା ଦେବାପାଇଁ ତେହ୍‌ରିକ୍ କଲୁ । ଏଥିରେ ମସ୍‌ଉଦି ସାହେବ୍ କହବାକୁ ଲାଗିଲେ କି ବର୍ତମାନ ମୋ ନିକଟରେ ତ କିଛି ନାହିଁ କିନ୍ତୁ ଆମ ଘରେ ଗୋଟିଏ ଫଳଗଛ ଅଛି । ମୁଁ ସେହି ଗଛର ଫଳକୁ ବିକ୍ରି କରି ଚାନ୍ଦା ପଇଠ କରିବି । ଯେଉଁ କୁର୍ବାନୀ ପୁରୁଣା ଯୁଗରେ କରିବାର ଦେଖାଯାଉଥିଲା ଏବେ ମଧ୍ୟ ତାର ଦୃଷ୍ଟାନ୍ତ ମିଳୁଅଛି । ସେ ପୁଣି କହୁଛନ୍ତି ସୁତରାଂ ସେ ଦିନେ ଦୁଇଦିନ ଭିତରେ ହିଁ ସେହି ଗଛର ଫଳକୁ ଏକହଜାର୍ ବରୁଣ୍ଡି ଫ୍ରାଙ୍କ୍‌ରେ ବିକ୍ରି କଲେ ଓ ସବୁତକ ଅର୍ଥ ଚାନ୍ଦାରେ ପଇଠ କରିଦେଲେ । ପରେ ସେ ବତାଇଲେ କି ମୁଁ ଯେଉଁ ଫଳ ବିକ୍ରି କରି ଚାନ୍ଦା ଦେଇଥିଲି ସେଇଥିପାଇଁ ବହୁତ ବର୍‌କତ୍ ହୋଇଛି ଏବଂ ବର୍ତମାନ ଏହି ଗଛରେ ପୂର୍ବାପେକ୍ଷା ବହୁଗୁଣା ଅଧିକ ଫଳ ଲାଗିଛି  ଯାହା ୪୦ ରୁ ୪୫ ହଜାର୍ ବରୁଣ୍ଡି ଫ୍ରାଙ୍କ୍‌ରେ ବିକ୍ରି କରାଗଲା ।

କଙ୍ଗୋ ବ୍ରାଜାୱିଲ୍‌ର ମୁଅଲିମ୍ ସାହେବ୍ ଲେଖୁଛନ୍ତି କି ଜଣେ ବନ୍ଧୁ ମାୱିଲି ସାହେବ୍‌ଙ୍କ ପୁଅ ଅନେକ ଦିନ ହେବ ବେମାର ଚାଲିଆସୁଥିଲା । ଯେତେବେଳେ ତାଙ୍କ ନିକଟକୁ ତେହ୍‌ରିକ୍ ଯଦିଦ୍‌ର ଚାନ୍ଦା ନିମନ୍ତେ ଗଲେ ସେ ଚାନ୍ଦା ପଇଠ କରିଦେଲେ ଓ ତତ୍‌ସହିତ ଦୁଆ କଲେ କି ହେ ଖୁଦା ! ଏହି ଚାନ୍ଦାର ବର୍‌କତ୍ ଯୋଗୁ ମୋ ପୁଅକୁ ଆରୋଗ୍ୟ ପ୍ରଦାନ କର । ସେହି ବନ୍ଧୁଜଣକ ପୁଣି ବର୍ଣ୍ଣନା କରୁଛନ୍ତି କି କିଛିଦିନ ପରେ ମୋ ପୁଅର ସ୍ୱାସ୍ଥ୍ୟ ଫେରି ଆସିଲା । ମୁଁ ଏଥିରେ ନିଜେ ଆଶ୍ଚର୍ଯ୍ୟ ହୋଇଗଲି କି ଆମର ଖୁଦା କିପରି ଦୁଆ କବୁଲ୍ କରୁଅଛି ଓ ଆମର ସାମାନ୍ୟ କୁର୍ବାନୀକୁ ମଧ୍ୟ ଗ୍ରହଣ କରୁଅଛି ।

କାନାଡାର ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ଲଜ୍‌ନା ଲେଖୁଛନ୍ତି କି ଜଣେ ଭଉଣୀ ତାଙ୍କୁ ବତାଇଲେ କି ତାଙ୍କ ସ୍ୱାମୀ ତେହ୍‌ରିକ୍ ଯଦିଦ୍‌ରେ ଏକହଜାର୍ ଡଲାର୍ ୱାଦା ଲେଖାଇଥିଲେ । କିନ୍ତୁ ବହୁତ ଦିନ ହେବ ସେ ବେକାର୍ ଥିଲେ । କୌଣସି ରୋଜଗାର କରୁନଥିଲେ । ତେଣୁ ଚାନ୍ଦା ପଇଠ ହୋଇପାରିଲା ନାହିଁ । ବର୍ଷ ଶେଷ ହେବାକୁ ଗୋଟିଏ ସପ୍ତାହ ରହିଯାଇଥିଲା । ସେକ୍ରେଟାରୀ ମାଲ୍ ତାଙ୍କ ଘରକୁ ଚାନ୍ଦା ନେବାପାଇଁ ଗଲେ । ତାଙ୍କ ସ୍ୱାମୀ ଭିତରକୁ ଯାଇ ସ୍ତ୍ରୀଙ୍କୁ କହିଲେ କି ମୋ ପାଖରେ ତ କିଛି ମଧ୍ୟ ନାହିଁ । ଏବେ କଣ କରିବା ? ଏଥିରେ ସେହି ମହିଳାଜଣକ କହିଲେ କି ତାଙ୍କୁ ଖାଲି ହାତରେ ଯିବାକୁ ଦେବାନାହିଁ । ତାଙ୍କ ପାଖରେ ଏକହଜାର ଡଲାର ସେଭିଂ ଥିଲା । ସେ ତାକୁ ଚାନ୍ଦା ଆକାରରେ ଦେଇଦେଲେ ଏବଂ ସେ କହୁଛନ୍ତି କି ଚାନ୍ଦାର ବର୍‌କତ୍‌ରୁ ସେହି ସପ୍ତାହ ଭିତରେ ତାଙ୍କ ସ୍ୱାମୀକୁ ୭୦୦୦ ଡଲାର୍ ମାସିକ୍ ବେତନରେ ଗୋଟିଏ ଚାକିରୀ ମିଳିଗଲା ।

ଆଇଭରିକୋଷ୍ଟ୍‌ର ମୁବଲିଗ୍ ଲେଖୁଛନ୍ତି କି ସାନ୍ ପେଡ୍ରୋଠାରେ ଜଣେ ୧୪ ବର୍ଷର ପିଲା ଅଛନ୍ତି । ସେହି ପିଲାର ବାପା ବତାଇଲେ କି ରବିବାର ଦିନ ମୁଁ ମୋ ପୁଅକୁ ଗୋଟିଏ ଘର କାମ ପାଇଁ କହିଲି । ଏଥିରେ ସେ ଉତର ଦେଲା କି ମୁଁ ଅତ୍‌ଫାଲୁଲ୍ ଅହେମଦୀୟାର ଆମେଲାରେ ସେକ୍ରେଟାରୀ ମାଲ୍ ରୂପେ ଚାନ୍ଦା ଏକାଠି କରୁଛି । କିନ୍ତୁ ଏପର୍ଯ୍ୟନ୍ତ ମୁଁ ନିଜେ ମଧ୍ୟ ଚାନ୍ଦା ଦେଇନାହିଁ । ଯେହେତୁ ବାକି ଅନ୍ୟଦିନ ଗୁଡିକରେ ମୁଁ ସ୍କୁଲ୍ ଯାଇଥାଏ । ତେଣୁ ଆଜି ମୁଁ କୌଣସି କ୍ଷେତ ଜମିରେ ଯାଇ କାମ କରିବାକୁ ଚାହୁଁଛି । କୌଣସି ଏକ ମଜୁରୀ କରିବି ଓ ସେଥିରୁ ଯେଉଁ ପାରିଶ୍ରମିକ ମିଳିବ ତା ଦ୍ୱାରା ଚାନ୍ଦା ପଇଠ କରିବି । ଏଥିରେ ବାପା ତାଙ୍କ ପୁତ୍ରକୁ କହିଲେ କି ମୁଁ ତୁମ ତରଫରୁ ଚାନ୍ଦା ପଇଠ କରିଦେଉଛି । ଏଥିରେ ପୁଅ ଉତର ଦେଲେ କି ମୁରବୀ ସାହେବ୍ କହିଥିଲେ କି ପିଲାମାନେ ନିଜର ପକେଟ୍ ଖର୍ଚ୍ଚରୁ ଚାନ୍ଦା ପ୍ରଦାନ କରନ୍ତୁ । କିନ୍ତୁ ଏଥରକ ମୁଁ ନିଜ ପକେଟ୍ ଖର୍ଚ୍ଚରୁ ଚାନ୍ଦା ପଇଠ କରିପାରିଲି ନାହିଁ । ତେଣୁ ମୁଁ ଚାହୁଁଛି ଆଜି କାମ କରିବି ଓ ଯେଉଁ ପାରିଶ୍ରମିକ ମିଳିବ ସେଥିରେ ଚାନ୍ଦା ପଇଠ କରିଦେବି । ସୁତରାଂ ସେହି ପିଲାଟି କାମ କରିଲା ଓ ପାରିଶ୍ରମିକକୁ ଚାନ୍ଦା ଆକାରରେ ଦେଇଦେଲା । ତେବେ ଏହା ଏପରି ଭାବନା ହେଉଛି କି ପିଲାମାନଙ୍କର, ଦୁରଦୂରାନ୍ତରେ ରହୁଥିବା ଲୋକମାନଙ୍କର ଓ ନୂଆ ସାମିଲ୍ ହେଉଥିବା ଲୋକମାନଙ୍କର ଯେଉଁମାନଙ୍କୁ ଅଲ୍ଲାଃତାଲା ସୃଷ୍ଟି କରିଦେଉଛନ୍ତି ।

ଜର୍ମାନୀର ସେକ୍ରେଟାରୀ ତହ୍‌ରିକ୍ ଯଦିଦ୍ ସାହେବ୍ କହୁଛନ୍ତି କିଲ୍ ଜମାତ୍‌ର ଜଣେ ମହିଳା ବତାଇଲେ କି ମୋ ମା' ଆଜି ପାକିସ୍ତାନ୍‌ରେ କଲ୍‌ସିୟାଁ ଭଟ୍ଟିୟାଁ ଠାରେ ସ୍କୁଲ୍ ଟିଚର୍ ଥିଲେ ଓ ବହୁତ ମାଲି କୁର୍ବାନୀ କରୁଥିଲେ । ଅଧିକାଂଶ ସମୟ ଯେତେବେଳେ ଇଦ୍ ଆସିଥାଏ ପିଲାମାନଙ୍କୁ ନୁଆ ପୋଷାକ ମିଳୁଥିଲା କିନ୍ତୁ ମୋ ମା'ଙ୍କର ଏ ଚେଷ୍ଟା ଥିଲା କି ରମ୍‌ଜାନ୍ ମାସରେ ତେହ୍‌ରିକ୍ ଯଦିଦ୍‌ରେ ଶତ ପ୍ରତିଶତ ଅର୍ଥ ପଇଠ କରି କିପରି ଦୁଆଇଆ ସୂଚୀରେ ସାମିଲ୍ ହେବେ । ଅଧିକାଂଶ ସମୟ ସେ କରଜ ନେଇ ଚାନ୍ଦା ପଇଠ କରିଥିଲେ । ପୁଣି ପରେ ସେ କରଜକୁ ସୁଜିବାରେ ଲାଗିଯାଉଥିଲେ । ଯେତେବେଳେ ମସ୍‌ଜିଦ୍ ବେଶାରତ୍ ସ୍ପେନ୍ ନିର୍ମାଣ ନିମନ୍ତେ ତେହ୍‌ରିକ୍ ହେଲା ସେ ନିଜର କାନଫୁଲ୍, ଯାହା ତାଙ୍କର ଏକମାତ୍ର ଗହଣା ଥିଲା, ପେଶ୍ କରିଦେଲେ । ଯେଉଁଥିପାଇଁ ସ୍ୱଶୁର ଘରୁ ତାଙ୍କୁ ବହୁତ କଥା ଶୁଣିବାକୁ ପଡ଼ିଲା । ଏ ମହିଳାଜଣକ କହୁଛନ୍ତି କି ସେତେବେଳେ ମୋର ପିଲାଦିନ ଥିଲା ଓ ମୁଁ ଭାବୁଥିଲି କି ଏପରି ନିଜକୁ ଅସୁବିଧାରେ ପକାଇ କୁର୍ବାନୀ କରିବା ଠିକ୍ ନୁହେଁ ଓ ଏହି ଦୃଷ୍ଟିକୋଣ ମୋ ମୁଣ୍ଡରେ ଜମି ସାରିଥିଲା । ପଛବର୍ଷ ତେହ୍‌ରିକ୍ ଯଦିଦ୍ ପ୍ରସଙ୍ଗରେ ଯେତେବେଳେ ତେହ୍‌ରିକ୍ କରାଗଲା ସେତେବେଳେ ମୁଁ ଭାବିଲି ଯେ ମୁଁ ମୋ ମା'ଙ୍କ ପରି ହେବିନାହିଁ ଯିଏ ଏପରି ତେହ୍‌ରିକ୍ ଦ୍ୱାରା ସବୁକିଛି ଦେଇଦେଉଛନ୍ତି । ତେଣୁ ମୁଁ ନିଜର ବୁଦ୍ଧିକୁ ପ୍ରୟୋଗ କରି ୩୦ ବା ୩୫ ୟୁରୋ ୱାଦା ଲେଖାଇଲି । ସେ କହୁଛନ୍ତି ଖୁଦାଙ୍କର କାର୍ଯ୍ୟ ଏପରି ହେଲା କି ତାର କିଛିଦିନ ପରେ ମୋ ବେକରେ ଦୁଇଟି ଆବୁ ବାହାରିପଡ଼ିଲା । ଫଳତଃ ମୁଁ ବହୁତ ଭୟଭୀତ ହୋଇଗଲି । ଡାକ୍ତରମାନେ ଅପରେସନ୍ କରିବା ପାଇଁ ଉପଦେଶ ଦେଲେ । ସେତେବେଳେ ମୋତେ ନା ମୋର ଗହଣା ଭଲଲାଗୁଥିଲା ନା କପଡା ଭଲ ଲାଗୁଥିଲା । ଗୋଟିଏ ଦିନ ସେ ମୋର ଗୋଟିଏ ଖୁତ୍‌ବା ଶୁଣିଲେ ଯେଉଁଥିରେ ମୁଁ ମହିଳାମାନଙ୍କ ମାଲି କୁର୍ବାନୀ ବିଷୟରେ ଚର୍ଚ୍ଚା କରୁଥିଲି । ସେ କହୁଛନ୍ତି କି ଖଲିଫାଙ୍କର ଖୁତ୍‌ବା ଶୁଣିବା ପରେ ମୋ ମନରେ ଏ ଭାବନା ଆସିଲା ଏବଂ ପୁଣି ନିଜର ସବୁତକ ଗହଣା ତେହ୍‌ରିକ୍ ଯଦିଦ୍‌ରେ ଦେଇଦେଲି । ମୁଁ ସେ ସବୁ ଗହଣାର ମୂଲ୍ୟ ନିର୍ଦ୍ଧାରିତ କଲି ଓ ସେତିକି ମୂଲ୍ୟର ଅର୍ଥ ପଇଠ କରିଦେଲି । ଏହାପରେ ଦୁଇଥର ଡାକ୍ତରଙ୍କ ନିକଟକୁ ଗଲି । ଏଥିରେ ଡାକ୍ତର ମୋତେ ବତାଇଲେ କି ଏହି ଆବୁ ଯୋଡିକ କ୍ଷତିକାରକ ନୁହଁନ୍ତି । ସେ କହୁଛନ୍ତି ଅଲ୍ଲାଃତାଲା ମୋତେ ଉକ୍ତ ଭୟରୁ ମୋକ୍ଷ ପ୍ରଦାନ କଲେ । ମୁଁ ଜାଣିଗଲି ଯେ ଖୁଦାତାଲା ମୋତେ ମୋ ଗର୍ବ ଅହଂକାର ଯୋଗୁ ଦଣ୍ଡ ଦେଇଥିଲେ । ସୁତରାଂ ବର୍ତମାନ ମୋ ମନ ଭିତରେ ସେ ପ୍ରକାରର କୁଧାରଣା ଆଉନାହିଁ । ମୋ ସ୍ୱାମୀକୁ ଗୋଟିଏ ହୋଟେଲ୍‌ରେ କାମ କରିବା ଯୋଗୁ ଚାନ୍ଦା ଦେବାପାଇଁ ପ୍ରତିବନ୍ଧକ ଲଗାଯାଇଥିଲା । ମୁଁ ଦୁଆ କଲି କି ଯଦି ଅଲ୍ଲାଃତାଲା ମୋ ସ୍ୱାମୀକୁ ଭଲ ରୋଜଗାର ଦିଅନ୍ତି ତେବେ ମୁଁ ୫୦୦ ୟୁରୋ ତେହ୍‌ରିକ୍ ଯଦିଦ୍‌ରେ ପଇଠ କରିବି । ସୁତରାଂ ଅଲ୍ଲାଃତାଲା ମୋ ସ୍ୱାମୀକୁ ଐଶ୍ୱରିକ ପ୍ରଦାନ ସ୍ୱରୂପ ଗୋଟିଏ ଭଲ କାମ ପ୍ରଦାନ କଲେ ଓ ଏବେ ଦୁଇଜଣ ସ୍ୱାମୀ ସ୍ତ୍ରୀ ଚାନ୍ଦା ଦେଉଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ......*

ସମ୍ବନ୍ଧରେ ଆସୁଅଛି କି ତାଙ୍କ ପାଇଁ ଇବାଦତ୍ (ଉପାସନା) କରିବା ବହୁତ କଠିନ କାର୍ଯ୍ୟ । ଯେତେବେଳେ ଉପାସନା କରିବା ପାଇଁ (ତୁମେ ତାଙ୍କୁ) ଡାକ ଓ ପୁଣ୍ୟ କାର୍ଯ୍ୟ କରିବା ପାଇଁ ଡାକ ସେତେବେଳେ ତାଙ୍କ ପଦକ୍ଷେପ ଭାରି ହୋଇଯାଏ । ସୁତରାଂ ନିଷ୍ଠାର ସହିତ ଅଲ୍ଲାଃଙ୍କ ଉପାସନା କରିବା ହେଉଛି ଜଣେ ଅହେମଦୀ ମୁସଲ୍‌ମାନ୍‌ର ମୂଳକର୍ତ୍ତବ୍ୟ, ଯାହାକୁ ସେ ସଦାସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଜିକାଲି ଏଠିକାର ପାଶ୍ଚାତ୍ୟ ସଂସାରରେ ଯେଉଁଠି ପ୍ରତ୍ୟେକ ପଦକ୍ଷେପରେ ସାଂସାରିକ ଇଛା ଅଭିଳାଶାକୁ ଅଗ୍ରାଧିକାର ଦିଆଯାଉଛି ଏବଂ ସାଂସାରିକ ଚାକଚକ୍ୟ ପ୍ରତ୍ୟେକ ସଡକର ପ୍ରତ୍ୟେକ କୋଣରେ ଏବଂ ପ୍ରତ୍ୟେକ ଗଳିରେ ଦୃଷ୍ଟିଗୋଚର ହେଉଅଛି, ପ୍ରତ୍ୟେକ ବଜାରରେ ଦୃଷ୍ଟିଗୋଚର ହେଉଅଛି, ସେଠାରେ ମନୁଷ୍ୟ ଅଲ୍ଲାଃତାଲାଙ୍କ ଠାରୁ ଦୂରକୁ ଦୂରକୁ ଚାଲିଯାଉଛି, ଧର୍ମଠାରୁ ଦୂରକୁ ହଟି ଯାଉଛି ଏବଂ ସଂସାର ଉପାର୍ଜନ କରିବାରେ ମାତ୍ରାଧିକ ଲାଗିପଡ଼ିଛି । ଏହିପରି ସମୟରେ ଅଲ୍ଲାଃତାଲାଙ୍କ ନିକଟକୁ ତାର ଉପାସନା କରିବା ପାଇଁ ଆସିବା ଜଣେ ମୁସଲ୍‌ମାନ୍ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ପାଂଚବେଳା ନମାଜକୁ ଧାର୍ଯ୍ୟ କରିଛନ୍ତି ଓ ତାହା କେବଳ ଉକ୍ତ ଯୁଗପାଇଁ ନଥିଲା, ଯେପରିକି କିଛି ଲୋକ ଏହା କହୁଛନ୍ତି କି ପାଂଚବେଳା ନମାଜ ପଢ଼ିବା ପାଇଁ ନିର୍ଦ୍ଦେଶ ସେତେବେଳର ସମୟ ମୁତାବକ ଥିଲା । ଆଜିକାଲି ତ ଏତେ କାର୍ଯ୍ୟବ୍ୟସ୍ତତା ରହିଛି । ତେଣୁ ପାଂଚବେଳା ନମାଜ କିପରି ପଢ଼ାଯାଇପାରିବ । (କିନ୍ତୁ) ଏହି କୁର୍ବାନୀ ଆପଣମାନଙ୍କୁ ଅଲ୍ଲାଃତାଲାଙ୍କ ଖାତିର୍ କରିବାକୁ ହେବ । ଏହା ହେଉଛି ଉକ୍ତ ଅହଦ୍ (ପ୍ରତିଶୃତି)କୁ ପାଳନ କରିବା ଯାହା ଆପଣମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାପାଇଁ କରିଛନ୍ତି । ତେଣୁ ସଂସାରକୁ ଛାଡି ପୁଣି ଅଲ୍ଲାଃତାଲାଙ୍କ ପାଇଁ ହାଜିର୍ ହୋଇଯିବା ଜରୁରୀ ଅଟେ । ମସ୍‌ଜିଦ୍‌ର ଅର୍ଥ ହେଉଛି ଏହା କି ଲୋକମାନେ ଅଲ୍ଲାଃତାଲାଙ୍କ ଇବାଦତ୍ କରିବା ପାଇଁ ଆସନ୍ତୁ ଏବଂ ଏକତ୍ରିତ ହୋଇ ବାଜମାତ୍ ନମାଜ ପାଠ କରନ୍ତୁ ଓ ପୁରୁଷମାନଙ୍କ ପାଇଁ ବିଶେଷ ରୂପେ ଏ ହୁକୁମ୍ ରହିଛି ସେମାନେ ବାଜମାତ୍ ନମାଜ ପାଠ କରନ୍ତୁ । ଏହା ତାଙ୍କ ଉପରେ ଫର୍ଜ୍ (ଧାର୍ଯ୍ୟ) । *ଇକାମତୁସ୍ ସଲାତା* ର ଅର୍ଥ ହେଉଛି ନମାଜ୍‌କୁ କାଏମ୍ କରିବା ଏବଂ ବାଜମାତ୍ ନମାଜ ପାଠ କରିବା । ସୁତରାଂ ଏହି ମସ୍‌ଜିଦ୍ ନିର୍ମାଣ ହେବାର ହକ୍ ସେତେବେଳେ ଦିଆଯାଇପାରିବ ଯେତେବେଳେ ଆପଣମାନେ ଏହି ମସ୍‌ଜିଦ୍‌ର ହକ୍‌କୁ ପ୍ରଦାନ କରିବେ ଅର୍ଥାତ୍ ପାଂଚବେଳା ନମାଜ ଏଠାରେ ଆସି ପାଠ କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜର ହକ୍‌କୁ ପ୍ରଦାନ କରିବା । ମନୁଷ୍ୟର ହକ୍ ପ୍ରଦାନ କରିବା ହେଉଛି ବହୁତ ବଡ ଦାୟିତ୍ୱ ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ତ ଏହା କହିଛନ୍ତି ବେଳେବେଳେ ମନୁଷ୍ୟର ଅଧିକାର ଅଲ୍ଲାଃତାଲାର ଅଧିକାରଠାରୁ ଉପରକୁ ହୋଇଯାଏ । ଅର୍ଥାତ୍ ଯଦି ମଣିଷକୁ କିଛି ଆବଶ୍ୟକ ଥିବ, ମନୁଷ୍ୟ ଜୀବନକୁ କିଛି ବିପଦ ପଡିଥିବ ସେଠାରେ ଗୋଟିଏ ପଟେ ମନୁଷ୍ୟ ଜୀବନକୁ ବଂଚାଇବାକୁ ଆବଶ୍ୟକ ହେଉଥିବ ଏବଂ ଅନ୍ୟପଟେ ଅଲ୍ଲାଃତାଲାଙ୍କର ହକ୍‌କୁ ମଧ୍ୟ ପ୍ରଦାନ କରିବାକୁ ପଡୁଥିବ ଅର୍ଥାତ୍ ନମାଜ ପଢ଼ିବାର ସମୟ ଥିବ ବା ଆଉ କୌଣସି ହକ୍ ଦେବାକୁ ଥିବ, ତେବେ ସେଠାରେ ମଣିଷ ଜୀବନକୁ ବଂଚାଇବା ହେଉଛି ଅଧିକ ଜରୁରୀ । ମଣିଷର ଏହା ଅଧିକାର ଓ ଏହାର ପୁଣ୍ୟ ମଧ୍ୟ ମିଳିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଏଠାରେ ମନୁଷ୍ୟର ହକ୍‌କୁ ପ୍ରଦାନ କରାଯାଉନାହିଁ ତେବେ ଅଲ୍ଲାଃତାଲା ଏପରି ନମାଜି ମାନଙ୍କ ସମ୍ବନ୍ଧରେ କହୁଛନ୍ତି କି ସେମାନଙ୍କର ନମାଜ୍‌କୁ ସେମାନଙ୍କ ମୁହଁ ଉପରେ ମାର କାରଣ ପ୍ରକାଶ୍ୟରେ ତ ଏମାନେ ଅଲ୍ଲାଃତାଲାଙ୍କର ଅଧିକାରକୁ ପ୍ରଦାନ କରୁଛନ୍ତି ବା ଅଲ୍ଲାଃତାଲାଙ୍କ ଉପାସନା କରିବା ପାଇଁ ଆସିଛନ୍ତି କିନ୍ତୁ ଏମାନେ ଅଲ୍ଲାଃତାଲାଙ୍କ ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ଅଧିକାରକୁ ପ୍ରଦାନ କରୁନାହାଁନ୍ତି । ସେହି ସମସ୍ତ କଥାଗୁଡିକ ଉପରେ ଅମଲ କରୁନାହାଁନ୍ତି, ଯାହାକୁ କରିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏପରି ନମାଜ ମଣିଷ ମାନଙ୍କ ପାଇଁ ହଲାକତ୍ (ଧ୍ୱଂସ)ର କାରଣ ହୋଇଯାଏ । ସୁତରାଂ ଏକଥାକୁ ସର୍ବଦା ଧ୍ୟାନ ରଖନ୍ତୁ କି ଜଣେ ଅନ୍ୟଜଣକର ହକ୍‌କୁ କିପରି ପ୍ରଦାନ କରିବ । ଆପୋଷରେ ଜମାତ୍ ଭିତରେ ମଧ୍ୟ ପ୍ରେମ ଓ ଭଲପାଇବାକୁ ବଢ଼ାଇବା ଉଚିତ୍ । *ରୁହମାଉ ବଇନହୁମ୍* ର ଉଦ୍ଦେଶ୍ୟ ମଧ୍ୟ ହେଉଛି ଏହା । ଏଥିରେ ମୋମିନ୍‌ଙ୍କ ପାଇଁ ଚିହ୍ନ ବତାଯାଇଛି କି ସେମାନେ ଆପୋଷରେ ଭଲପାଇବା ଓ ପ୍ରେମର ସହିତ ରହୁଥିବେ । ପୃଥିବୀକୁ ବତାଇଦିଅ କି ଭାଇଚାରା କିପରି ହୁଏ । ଯଦି ଆପୋଷରେ ପ୍ରେମ ଓ ଭାଇଚାରା ନାହିଁ ତେବେ ଏ ପୃଥିବୀକୁ କଣ ଶିକ୍ଷା ଦେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେହିପରି ମଣିଷର ଅଧିକାରକୁ ପ୍ରଦାନ କରିବା ପାଇଁ ଆହୁରି ବ୍ୟାପକ ହୋଇଚାଲ । ପଡୋଶୀ ମାନଙ୍କର ହକ୍‌କୁ ମଧ୍ୟ ପ୍ରଦାନ କରିବାର ଅଛି । ତା ବିଷୟରେ ପବିତ୍ର କୋରାନ୍‌ରେ ମଧ୍ୟ ବହୁତ କିଛି ହୁକୁମ୍ ଦିଆଯାଇଛି । ବରଂ ଆଁ ହଜ୍‌ରତ୍ ସ:ଆ:ସ ତ ଏହା କହିଛନ୍ତି ମୋତେ (ଇଶ୍ୱରଙ୍କ ତରଫରୁ) ଏତେମାତ୍ରାରେ ପଡୋଶୀ ମାନଙ୍କର ହକ୍ ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି କି ମୋର ଏ ଭାବନା ହୋଇଗଲା କି ବୋଧହୁଏ ସେମାନଙ୍କୁ ଉତରାଧିକାରୀ ରୂପେ ଅଭିହିତ କରିଦିଆଯିବ । ସୁତରାଂ ନିଜ ପଡୋଶୀମାନଙ୍କୁ ମଧ୍ୟ ପୂର୍ବଠାରୁ ବଳି ଏହା ବତାଇବାକୁ ହେବ ଓ ଏହାକୁ ପ୍ରକାଶ କରିବାକୁ ହେବ କି ଆମେ ହେଉଛୁ ପଡୋଶୀ ମାନଙ୍କର ଅଧିକାରକୁ ପ୍ରଦାନ କରିବା ବାଲା ଏବଂ ମୋଟାମୋଟି ଭାବେ ଏହି ପୁରା ସହରର ହକ୍‌କୁ ପ୍ରଦାନ କରିବା ବାଲା । ପ୍ରେମ, ଶାନ୍ତି ଓ ଭଲପାଇବାର ପରିବେଶକୁ ସ୍ଥାପନ କରିବାବାଲା । ତେଣୁ ଏହି ସବୁ କଥାଗୁଡିକୁ ନିଜ ସମ୍ମୁଖରେ ରଖନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବାପରେ ବା ଏହି ସ୍ଥାନକୁ ମସ୍‌ଜିଦ୍‌ରେ ପରିବର୍ତନ କରିବା ପରେ ଏହାର ନାମ ତ ଆପଣମାନେ ମସ୍‌ଜିଦ୍ ରଖିଦେଇଛନ୍ତି (କିନ୍ତୁ) ଏହାର ହକ୍ ସେତେବେଳେ ପ୍ରଦାନ ହୋଇପାରିବ ଯେତେବେଳେ ଆଖପାଖର ଲୋକମାନଙ୍କୁ ଜଣାପଡ଼ିବ କି ବର୍ତମାନ ଏଠାକୁ ଆସୁଥିବା ମୁସଲ୍‌ମାନ୍‌ମାନେ, ଏଠାକୁ ଉପାସନା କରିବାକୁ ଆସୁଥିବା ଲୋକମାନେ ଆମପାଇଁ କୌଣିସ କଷ୍ଟ ଓ ଅସୁବିଧାର କାରଣ ହେଉନାହାଁନ୍ତି ବରଂ ଆମପାଇଁ ସୁବିଧା ଓ ସହଜତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି । ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବାଦ୍ୱାରା ଏଠିକାର ଲୋକମାନଙ୍କ ମନରେ ପୂର୍ବଠାରୁ ଅଧିକା ପ୍ରେମ ଓ ସ୍ନେହ ସୃଷ୍ଟି କରିଦେଇଛି ଓ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଅଲ୍ଲାଃ କରନ୍ତୁ କି ଆପଣମାନେ ଅଲ୍ଲାଃତାଲାଙ୍କର ହକ୍‌କୁ ପ୍ରଦାନ କରିବାବାଲା ହୁଅନ୍ତୁ । ଏହି ମସ୍‌ଜିଦ୍‌ର ହକ୍‌କୁ ପ୍ରଦାନକାରୀ ହୁଅନ୍ତୁ । ପାଂଚବେଳା ଏହି ମସ୍‌ଜିଦ୍ ଖୋଲା ରହୁ ଏବଂ ଏହି ମସ୍‌ଜିଦ୍‌ର ଆବାଦୀ ମଧ୍ୟ ବଢ଼ିଚାଲୁ । ସେହିପରି ଆପୋଷରେ ପ୍ରେମ ଓ ଭଲପାଇବା ମଧ୍ୟ ସୃଷ୍ଟି ହେଉ । ତତ୍‌ସହିତ ଆଖପାଖର ଇଲାକାରେ ମଧ୍ୟ, ସହରରେ ମଧ୍ୟ ଏବଂ ଅନ୍ୟମାନଙ୍କ ନିକଟରେ ମଧ୍ୟ ଏ ଭାବନା ସୃଷ୍ଟି ହେଉ କି ଆପଣମାନେ ସେମାନଙ୍କର ହକ୍‌କୁ ପ୍ରଦାନ କରିବା ବାଲା ଅଟନ୍ତି । ଶାନ୍ତି ଓ ପ୍ରେମର ପରିବେଶକୁ ଉପସ୍ଥାପନ କରିବାବାଲା ଅଟନ୍ତି । ଏପରି ନହେଉ କି ବାକି ଅନ୍ୟ ମୁସଲ୍‌ମାନ୍‌ଙ୍କ ସମ୍ବନ୍ଧରେ ଲୋକମାନଙ୍କ ଯେଉଁ ଧାରଣା ରହିଛି କି ଏମାନେ ହେଉଛନ୍ତି ବିଭ୍ରାଟକାରୀ ଏବଂ ସନ୍ତ୍ରାସବାଦ । ବରଂ ସେମାନଙ୍କ ମନରେ ଏ ଭାବନା ଉପୁଜିବ କି ଏମାନେ ହେଉଛନ୍ତି ଏପରି ମୁସଲ୍‌ମାନ୍ ଯାହାଙ୍କର କାର୍ଯ୍ୟ ହେଉଛି କେବଳ ଶାନ୍ତି ଓ ପ୍ରେମକୁ ସ୍ଥାପନ କରିବା । ଅଲ୍ଲାଃତାଲା ଆପଣମାନଙ୍କୁ ଏହି ବାର୍ତାକୁ ସର୍ବତ୍ର ପହଂଚାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ଏହି ଇଲାକାର ଲୋକମାନଙ୍କୁ ମଧ୍ୟ ଏ ବାର୍ତାକୁ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯେଉଁଭଳି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି କି ମସ୍‌ଜିଦ୍ ନିର୍ମାଣ କରିବା ପରେ ପରିଚୟ ମିଳିବା ସହିତ ଜମାତ୍‌ର ପ୍ରଚାର ହୋଇଥାଏ । ସେହିପରି ଏଠାରେ ମଧ୍ୟ ଅଲ୍ଲାଃତାଲା ଜମାତ୍‌କୁ ପ୍ରଚାର ଓ ପ୍ରସାର କରିବା ପାଇଁ ଅବକାଶ ସୃଷ୍ଟି କରାନ୍ତୁ । ଭାଷଣର ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ତା'ପରେ ମୋକରମ୍ ଅମୀର୍ ସାହେବ୍ ଜର୍ମାନୀ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଓଜର୍ ସାହେବ୍, ଜର୍ମାନୀର ମୁବଲିଗ୍ ଇନ୍‌ଚାର୍ଯ୍ୟ ମୋକରମ୍ ସଦାକତ୍ ଅହେମଦ୍ ସାହେବ୍, ନ୍ୟାସ୍‌ନାଲ୍ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ମୁହମ୍ମଦ୍ ଇଲିୟାସ୍ ମଜୁକେ ସାହେବ୍, ନାଏବ୍ ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଜରିଉଲ୍ଲାଃ ସାହେବ୍ ମୁବଲିଗ୍ ସିଲ୍‌ସିଲା ଏବଂ ମୋକରମ୍ ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ହସନତ୍ ଅହେମଦ୍ ସାହେବ୍ ନିଜ ଖୁଦାମ୍‌ର ସିକ୍ୟୁରିଟି ଟିମ୍ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସଙ୍ଗେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସବୁ ବନ୍ଧୁମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ବିଦାୟ ଦେବାପାଇଁ ଜର୍ମାନୀରୁ କାଫିଲା ସହିତ ଆସିଥିଲେ । ଦୁଇପ୍ରହରର ଖାଦ୍ୟ ଖାଇବା ପରେ ସେମାନଙ୍କର ଏଠାରୁ ଫ୍ରାଙ୍କ୍‌ଫର୍ଟ୍ ଫେରିଯିବାର ପ୍ରୋଗ୍ରାମ୍ ଥିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉକ୍ତ ଅଟ୍ଟାଳିକାର ମୁଆଇନା (ନିରୀକ୍ଷଣ) କଲେ । ହଜୁର୍ ଅନୁଓ୍ୱର୍ ଏହି ଅଟ୍ଟାଳିକାରେ ଥିବା ଆବାସସ୍ଥଳୀର ଭାଗକୁ ମଧ୍ୟ ଦେଖିଲେ । ଲାଇବ୍ରେରି ହଲ୍‌ର ମଧ୍ୟ ମୁଆଇନା କଲେ । ବଡ ରୋଷଶାଳାକୁ ମଧ୍ୟ ଗଲେ ଓ ନିରୀକ୍ଷଣ କରିବା ସମୟରେ ଏ ହିଦାୟତ୍ ଦେଲେ କି ରୋଷଶାଳା ସହିତ ଯେଉଁ ଟଏଲେଟ୍ ସଲଗ୍ନ ଏହାକୁ ମଧ୍ୟ ପରିବର୍ତନ କରନ୍ତୁ । ପୁଣି ହିଦାୟତ୍ ଦେଲେ କି ଏ କିଚେନ୍‌ରେ Aspirator ବନାନ୍ତୁ । ଏଥିରେ ଅମୀର୍ ସାହେବ୍ କହିଲେ କି ଏହାତ ପୂର୍ବରୁ ରହିଛି । ଏହାର ଇଲେକ୍‌ଟ୍ରି ସିଷ୍ଟମ୍‌କୁ ପରିବର୍ତନ କରି ତାକୁ ବ୍ୟବହାର କରିବୁ ।

ଏହାପରେ ହଜୁର୍ ଅନୁଓ୍ୱର୍ ପ୍ରଥମ ମହଲାରେ ଥିବା ଛାତ ଉପରର ଗୋଟିଏ ଭାଗକୁ ଚାଲିଗଲେ ଏବଂ ମସ୍‌ଜିଦ୍‌ର ଏହି ଯାଗାର ସୀମା ବିଷୟରେ ପଚାରି ବୁଝିଲେ । ଏଥିରେ ଅମୀର୍ ସାହେବ୍ ବେଲ୍‌ଜିୟମ୍ ବିଭିନ୍ନ ସ୍ଥାନକୁ ଚିହ୍ନିତ କରି ବତାଇଲେ କି କେଉଁପର୍ଯ୍ୟନ୍ତ ଆମର ଜାଗା ରହିଛି ଓ ସୀମା ଅଛି । ନିରୀକ୍ଷଣ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

୩:୫୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମହିଳାମାନଙ୍କ ନିମନ୍ତେ ଉର୍ଦ୍ଦିଷ୍ଟ ଥିବା ହଲ୍ ଭିତରକୁ ପ୍ରବେଶ କଲେ, ଯେଉଁଠାରେ ଛୋଟଛୋଟ ଝିଅପିଲାମାନେ ଦଳଦଳ ହୋଇ ପ୍ରାର୍ଥନା ମୂଳକ ସମ୍ବର୍ଦ୍ଧନା ନଜମ୍ ଓ ତରାନା ପରିବେଶଣ କରୁଥିଲେ । ମହିଳାମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଦର୍ଶନ କଲେ । ସେଠାରେ ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଛୋଟଛୋଟ କୁନିକୁନି ଝିଅପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଭିତରେ ଥିବା ପୁରୁଷମାନଙ୍କ ହଲ୍ ଭିତରକୁ ଗଲେ ଯେଉଁଠି ସ୍ଥାନୀୟ ଜମାତ୍‌ର ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ନିଜ ପିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଏହି ଅବସରରେ ବହୁତ ସ୍ନେହର ସହିତ କହିଲେ କି ଜମାତ୍‌ର ସମସ୍ତ ସଦସ୍ୟମାନେ ମଧ୍ୟ ଆସିଯାଆନ୍ତୁ । ସୁତରାଂ ସ୍ଥାନୀୟ ଜମାତ୍‌ର ସମସ୍ତ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୁଓ୍ୱର୍ ବହୁତ ସ୍ନେହର ସହିତ ଛୋଟଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ୪:୪୦ରେ ଏଠାରୁ ବ୍ରିସିଲ୍‌ଜ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଏଠାରୁ ବ୍ରିସିଲ୍‌ଜ୍‌ର ଦୂରତା ହେଉଛି ୮୫କି.ମି. । ୧ଘଂଟା ୨୦ ମିନିଟ୍ ଗସ୍ତ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୬ଟା ସମୟରେ ଅହେମଦୀୟା ମିଶନ୍ ହାଉସ୍ ବଇତୁସ୍ ସଲାମ୍ ବ୍ରିସିଲ୍‌ଜ୍ ଠାରେ ପଦାର୍ପଣ କଲେ । ସ୍ଥାନୀୟ ଜମାତ୍‌ର ସଦସ୍ୟଗଣ ପୁରୁଷ ଓ ମହିଳାମାନେ ଏବଂ ନ୍ୟାସ୍‌ନାଲ୍ ଆମେଲାର ସଦସ୍ୟମାନେ ନିଜ ପ୍ରିୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ କଲେ । ସ୍ୱାଗତ କରିବାକୁ ଆସିଥିବା ଏହି ସହସ୍ରାଧିକ ଲୋକେ ବେଲ୍‌ଜିୟମ୍‌ର ୧୩ଗୋଟି ଜମାତ୍‌ରୁ ଆସିଥିଲେ । ସେମାନଙ୍କ ମଧ୍ୟରେ ଆରବୀୟ ନୌମୁବାଇନ୍ ମଧ୍ୟ ସାମିଲ୍ ଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କ ଦର୍ଶନ କରି ଆନନ୍ଦିତ ହେଉଥିଲା । ଛୋଟଛୋଟ ଝିଅପିଲାମାନେ ସ୍ୱାଗତମୂଳକ ଗୀତ ପରିବେଶଣ କରୁଥିଲେ ।

ଏହି ଅବସରରେ ମିଶନ୍ ହାଉସ୍‌ର ଇଲାକା Dilbeek ର ପୋଲିସ୍ ଚିଫ୍ Jurgen Coomans ସାହେବ୍ ନିଜର ଜଣେ ପୋଲିସ୍ ଅଫିସର୍‌ଙ୍କ ସହିତ ଆସିଥିଲେ । ହଜୁର୍ ଅନୁଓ୍ୱର୍ ସେହି ଦୁଇଜଣ ଅତିଥିଙ୍କ ସହିତ ହାତ ମିଳାଇଲେ ଓ ତାଙ୍କ ସହିତ ବାର୍ତାଳାପ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ ପୁଣି ନିଜର ଆବାସସ୍ଥଳୀକୁ ଚାଲିଗଲେ ।

ପୋଲିସ୍ Jurgen Coomans ସାହେବ୍ କହିଲେ ହଜୁର୍ ଅନୁଓ୍ୱର୍ ଶାନ୍ତି ସ୍ଥାପନ କରିବା ପାଇଁ ଯେଉଁ ଚେଷ୍ଟା ଚଳାଇଛନ୍ତି ଏବଂ ମନୁଷ୍ୟ ଜାତିର ହିତପାଇଁ ଯେଉଁ କାର୍ଯ୍ୟ କରୁଅଛନ୍ତି ମୁଁ ସେଥିରେ ବହୁତ ପ୍ରଭାବିତ ହୋଇଛି । ହଜୁର୍ ଅନୁଓ୍ୱର୍ ଯେବେ ଏଠାରୁ ଜଲ୍‌ସାପାଇଁ ଯିବେ ସେତେବେଳେ ଆମେ ତାଙ୍କୁ ପୋଲିସ୍ ଏସ୍‌କର୍ଟ୍ ଦେବୁ ।

ନମାଜ ପାଠ କରିବା ନିମନ୍ତେ ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଟେଂଟ୍ ଲଗାଯାଇଥିଲା । ଠିକ୍ ୮ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରି ଓ ଜଲ୍‌ସାକୁ ଆସୁଥିବା ଅତିଥିମାନଙ୍କ ନିମନ୍ତେ ଯେଉଁ ବ୍ୟବସ୍ଥା କରାଯାଇଛି ସେଗୁଡିକ ଅନୁଧ୍ୟାନ କଲେ ଓ ସେମାନଙ୍କ ରହିବା ପାଇଁ ବ୍ୟବସ୍ଥା ଏବଂ ଖାଦ୍ୟ

ଖୁଆଇବାର ବ୍ୟବସ୍ଥାକୁ ମଧ୍ୟ ଜାଏଜା ନେଲେ ।

ଇନ୍ତେଜାମିଆ ହଜୁର୍ ଅନୁଓ୍ୱରଙ୍କ ନିକଟରେ ଏକଥା ଉପସ୍ଥାପନ କଲେ କି ଏଠି ମିଶନ୍‌ର ପ୍ରାଙ୍ଗଣରେ ଅତିଥିମାନଙ୍କ ରହିବା ପାଇଁ ଗୋଟିଏ ଟେଂଟ୍ ଲଗାଯାଇଛି ଓ ଖାଦ୍ୟ ଖୁଆଇବା ପାଇଁ ଗୋଟିଏ ଅଲଗା ବ୍ୟବସ୍ଥା କରାଯାଇଛି । ସେହିପରି ଜଲ୍‌ସାଗାଃର ହଲ୍‌ର ଗୋଟିଏ ଭାଗ ମଧ୍ୟ ଅତିଥିମାନଙ୍କ ରହିବା ଓ ଖାଇବା ପାଇଁ ବ୍ୟବସ୍ଥା କରାଯାଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଇଣ୍ଡୋନେସିଆର ଅତିଥିମାନେ ଯେଉଁମାନେ ଜର୍ମାନୀରୁ ଏଠାକୁ ଆସୁଛନ୍ତି ସେମାନଙ୍କ ପାଇଁ କଣ ବ୍ୟବସ୍ଥା କରାଯାଇଛି ? ଏଥିରେ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ରିପୋର୍ଟ୍ ଉପସ୍ଥାପନ କରାଗଲା କି ସେମାନଙ୍କର ବ୍ୟବସ୍ଥା Antwerpen ର ମିଶନ୍ ହାଉସ୍‌ରେ କରାଯାଇଛି । ତାହା ଏଠାରୁ ୪୫କି.ମିରେ ଅବସ୍ଥିତ । ଅଧଘଂଟାରୁ କମ୍ ରାସ୍ତା ।

ହଜୁର୍ ଅନୁଓ୍ୱର୍ ମହିଳାମାନଙ୍କ ନିମନ୍ତେ ଥିବା ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ଏ ରିପୋର୍ଟ୍ ଉପସ୍ଥାପନ କରାଗଲା କି ମହିଳାମାନଙ୍କ ରହିବା ପାଇଁ ମସ୍‌ଜିଦ୍‌ର ଲଜ୍‌ନା ହଲ୍ ଓ ପରୁଷମାନଙ୍କ ନିମନ୍ତେ ଥିବା ହଲ୍ ଦୁଇଟିଯାକ ଯୋଗାଇ ଦିଆଯାଇଛି ଓ ଖାଇବା ପାଇଁ ଅଲଗା ଟେଂଟ୍ ଲଗାଯାଇ ବ୍ୟବସ୍ଥା କରାଯାଇଛି । ଜଲ୍‌ସାଗାଃରେ ମଧ୍ୟ ଏମାନଙ୍କ ଖାଇବା ପାଇଁ ଅଲଗା ହଲ୍‌ର ବ୍ୟବସ୍ଥା ରହିଛି ।

ଖାଦ୍ୟ ପ୍ରସ୍ତୁତ ପ୍ରସଙ୍ଗରେ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟରେ ଏ ରିପୋର୍ଟ୍ ଉପସ୍ଥାପନ କରାଗଲା କି ଚାରିହଜାର୍ ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତିର ବ୍ୟବସ୍ଥା ରହିଛି । ଆମର ଏ ଆକଳନ କରାଯାଇଛି କି ବାହାରୁ ଆସିଥିବା ଅତିଥିମାନଙ୍କୁ ସାମିଲ୍ କରିବା ପରେ ସଂଖ୍ୟା ଏତିକି ହିଁ ହେବ । ତାକୁ ଦୃଷ୍ଟିରେ ରଖି ଆମେ ବ୍ୟବସ୍ଥା କରିଛୁ ।

ଲଣ୍ଡନ୍‌ରୁ ଆସିଥିବା ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍‌ର ଭ୍ୟାନ୍‌ଟି ପାର୍କି ଏରିଆରେ ପାର୍କ୍ କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଏମ୍.ଟି.ଏର ଷ୍ଟାଫ୍ ମେମ୍ବର୍ ଏବଂ ଏଠିକାର ଇନ୍ତେଜାମିଆଙ୍କଠାରୁ ପଚାରି ବୁଝିଲେ କି ଏହା ଏଠି ସୁରକ୍ଷିତ ରହିବ ତ ? ଏଥିରେ ଇନ୍ତେଜାମିଆ ବତାଇଲେ କି ଜମାତ୍‌ର ନିଜର ପାର୍କିଂ ଏରିଆରେ ଏହା ରହିଛି । ତେଣୁ ଏହା ସୁରକ୍ଷିତ । ଏତଦ୍‌ବ୍ୟତୀତ ଏଠାରେ ସିକ୍ୟୁରିଟି ମଧ୍ୟ ଅଛନ୍ତି ।

ଜମାତ୍ ଅହେମଦୀୟା ବେଲ୍‌ଜିୟମ୍ ଏଠି ମିଶନ୍‌ର ବାହ୍ୟ ପ୍ରାଙ୍ଗଣରେ ସ୍ଥାୟୀରୂପେ ଗୋଟିଏ ଷ୍ଟେଜ୍ ନିର୍ମାଣ କରିଛି । ଚତୁଃପାର୍ଶ୍ୱରେ ଇଟାର ପକା କାନ୍ଥ ତିଆରି ହୋଇ ମଝିରେ ମାଟି ପକାଯାଇଛି । ହଜୁର୍ ଅନୁଓ୍ୱର୍ ହିଦାୟତ୍ ଦେଇ କହିଲେ କି ଷ୍ଟେଜ୍‌କୁ ସ୍ଥାୟୀ ରୂପେ ଯଦି ବନାଇଛି ତେବେ ଏହାକୁ ସମ୍ପୂର୍ଣ୍ଣ ରୂପେ ପକା କରିଦିଅ । ଏହି ଅବସରରେ ମୁରବୀମାନେ ମଧ୍ୟ ଉପସ୍ଥିତ ଥିଲେ । ହଜୁର୍ ଅନୁଓ୍ୱର୍ ମୁରବୀମାନଙ୍କୁ ଉପଦେଶ ଦେଇ କହିଲେ କି ନିୟମିତ ବ୍ୟାୟାମ୍ କରନ୍ତୁ ଯଦ୍ୱାରା ଆକ୍ଟିଭ୍ ହୋଇ ନିଜର ଧାର୍ଯ୍ୟ କାର୍ଯ୍ୟକୁ ସମ୍ପାଦନ କରିପାରିବେ ।

ଏହାପରେ ଠିକ୍ ୮:୧୫ରେ ହଜୁର୍ ଅନୁଓ୍ୱର୍ ଟେଂଟ୍ ଭିତରେ ପ୍ରବେଶ କରି ମଗ୍‌ରିବ୍ ଏବଂ ଇଶା ନମାଜ୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

---

### ୧୩ ସେପ୍ଟେମ୍ବର୍ ୨୦୧୮ (ଗୁରୁବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୬ଟା ସମୟରେ ଟେଂଟ୍ ଭିତରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ଓ ବିଭିନ୍ନ ଦେଶରୁ ଯେଉଁ ସବୁ ଡାକ, ଚିଠିପତ୍ର ଏବଂ ରିପୋର୍ଟ୍ ଗୁଡିକ ମିଳୁଥିଲା ସେଗୁଡିକ ଦେଖିଲେ ଏବଂ ହିଦାୟତ୍ ପ୍ରଦାନ କଲେ ।

#### ଫ୍ୟାମିଲି ସାକ୍ଷାତ୍‌କାର୍

ଠିକ୍ ୨ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଉପରବେଳା ମଧ୍ୟ ହଜୁର୍ ଅନୁଓ୍ୱର୍ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬ଟାବେଳେ ହଜୁର୍ ଅନୁଓ୍ୱର୍ ଦଫ୍‌ତର୍‌ରେ ପହଂଚିଲେ ଯେଉଁଠି ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ଶେସନ୍‌ରେ ୬୨ଟି ଫ୍ୟାମିଲିର ୨୦୨ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ବ୍ରିସିଲ୍‌ଜ୍ ସହର ବ୍ୟତୀତ ବେଲ୍‌ଜିୟମ୍ ଦେଶର ଜମାତ୍ ଇଂଟର୍‌ପନ୍, ଅୟୋପନ୍, ଲେୟର୍, ହାସାଇଟ୍, ଔଷ୍ଟଣ୍ଡେ ଏବଂ ଲଟ୍‌ରନ୍ ହାଉଟ୍ ଇଲାକାରୁ ଆସିଥିଲେ । ହଜୁର୍ ଅନୁଓ୍ୱର୍ ବିଦ୍ୟାର୍ଥୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ୍ କରିବାକୁ ଆସିଥିବା ଲୋକମାନଙ୍କ ମଧ୍ୟରେ ବହୁ ସଂଖ୍ୟକ ଲୋକେ ହେଉଛନ୍ତି ଏପରି ଯେଉଁମାନେ ପାକିସ୍ତାନ୍‌ରୁ ଏଠାକୁ ଆସି ବସବାସ କରୁଛନ୍ତି ଓ ସେମାନେ ନିଜ ଜୀବନର ପ୍ରଥମଥର ପାଇଁ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରୁଥିଲେ । ଏମାନେ ସମସ୍ତେ ବହୁତ ଖୁସି ଥିଲେ କି ତାଙ୍କ ଜୀବନରେ ଆଜିର ଦିନଟି ଏପରି ଦିନ କି ଯେଉଁଦିନ ସେମାନେ ନିଜ ପ୍ରିୟ ଆକାଙ୍କୁ ଅତି ନିକଟରେ ଦର୍ଶନ କରିବା ପାଇଁ ସୌଭାଗ୍ୟ ମିଳିଛି ଓ ସେମାନେ ନିଜ ପ୍ରିୟ ଆକାଙ୍କ ସହିତ କିଛି କ୍ଷଣ ବିତାଇବା ପାଇଁ ସମୟ ପାଇଛନ୍ତି ଯାହା ତାଙ୍କ ସାରା ଜୀବନର ସମ୍ପତି ଅଟେ । ସେମାନେ ସମସ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ବର୍‌କତ୍‌କୁ ଧରି ବାହାରକୁ ଆସୁଥିଲେ ଓ ସେମାନଙ୍କର ଦୁଃଖ କଷ୍ଟ ଶାନ୍ତି ଓ ଆରାମ୍‌ରେ ପରିବର୍ତନ ହୋଇଯାଇଥିଲା ।

ଜଣେ ବନ୍ଧୁ ଯେତେବେଳେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରି ଦଫ୍‌ତର୍‌ରୁ ବାହାରକୁ ବାହାରିଲେ କହିବାକୁ ଲାଗିଲେ କି ଆଜି ମୋ ଜୀବନରେ ପ୍ରଥମଥର ପାଇଁ ମୁଁ କୌଣସି ଖଲିଫାଙ୍କ ସହିତ ସାକ୍ଷାତ୍ କରିଛି । ସେ ଅନବରତ କାନ୍ଦୁଥିବେ ଓ ତାଙ୍କର ଶରୀର କମ୍ପି ଉଠୁଥିଲା । ସେ ଏହା ମଧ୍ୟ କହିବାକୁ ଲାଗିଲେ କି ଅତି କମ୍‌ରେ ପ୍ରତ୍ୟେକ ମନୁଷ୍ୟକୁ ତାଙ୍କ ଜୀବଦଶାରେ ଥରେ ଖଲିଫାଙ୍କ ସହିତ ନିଶ୍ଚିତ ରୂପେ ସାକ୍ଷାତ୍ କରିନେବା ଉଚିତ୍ ଯଦ୍ୱାରା ଥରେ ତ ମନୁଷ୍ୟ ପବିତ୍ର ହୋଇଯିବ ଏବଂ ପୁଣି ନୂଆ ଜୀବନ ଆରମ୍ଭ କରିବ ।

ଆଉଜଣେ ଯୁବକ ଖାଦିମ୍ କହିଲେ କି ସାକ୍ଷାତ୍ କରିବା ସମୟରେ ମୋ ସହିତ ମୋ ମା' ଓ ମୋ ଭାଇ ଥିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମୋ ଜୀବନରେ ହେଉଛି ପ୍ରଥମ ସାକ୍ଷାତ୍‌କାର୍ । ମୋ ପାଇଁ ଏ ଅବସର ଏପରି ଥିଲା ଯେପରି ମୁଁ ଗୋଟିଏ ସଂସାରରୁ ଆଉଗୋଟିଏ ସଂସାର ଆଡକୁ ଯାଉଅଛି । ସାକ୍ଷାତ୍‌କାର୍ କୋଠରୀରେ ପ୍ରବେଶ କରିବା ପୂର୍ବରୁ ବହୁତ ଘାବରା ଲାଗୁଥିଲା । ମୁଁ ଦରୁଦ୍ ଶରିଫ୍ ପଢ଼ିବା ଆରମ୍ଭ କରିଦେଲି । ଫଳତଃ ଖୁଦାତାଲା ସାହସ ଦେଲେ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ବହୁତ ବଡ ସାହସର କଥା । ସଫଳତାର ଉତ୍ସ ହେଉଛି ଖିଲାଫତ୍ ଏବଂ ଯଦି ଆମେ ଆମ ଆସନ୍ତା ପିଢ଼ୀକୁ ସଫଳ ଦେଖିବାକୁ ଓ କରିବାକୁ ଚାହୁଁଛେ ତେବେ ଆମେ ଆମ ସନ୍ତାନମାନଙ୍କୁ ଖିଲାଫତ୍ ସହିତ ଯୋଡି ରଖିବା ଉଚିତ୍ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରେ ଆସି ମଗ୍‌ରିବ୍ ଓ ଇଶା ନମାଜ୍ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

---

### ୧୪ ସେପ୍ଟେମ୍ବର୍ ୨୦୧୮ (ଶୁକ୍ରବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭୋର୍ ୬ଟା ବେଳେ ଟେଂଟ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଦଫ୍‌ତରି ଡାକ ନିରୀକ୍ଷଣ କଲେ ଓ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଜମାତ୍ ଅହେମଦୀୟା ବେଲ୍‌ଜିୟମ୍‌ର ୨୫ତମ ଜଲ୍‌ସାସାଲାନାର ଶୁଭାରମ୍ଭ ହେବାକୁ ଥିଲା ଏବଂ ଆଜି ଜଲ୍‌ସାସାଲାନାର ପ୍ରଥମଦିନ ଅଟେ ।

ଜମାତ୍ ଅହେମଦୀୟା ବେଲ୍‌ଜିୟମ୍ ଏବର୍ଷ ନିଜ ଜଲ୍‌ସା ପାଇଁ ନିଜର କେନ୍ଦ୍ରୀୟ ମିଶନ୍ ହାଉସ୍ ଦିଲ୍‌ବେକ୍ ନିକଟରେ ଅବସ୍ଥିତ ଦୁଇଟି ବଡ ବଡ ହଲ୍ ହାସଲ କରିଛି । ଏହି ହଲ୍ ବ୍ରିସିଲ୍‌ଜ୍‌ର ଅତି ପ୍ରସିଦ୍ଧ ହଲ ଅଟେ ଓ ଏହି ସ୍ଥାନର ନାମ ହେଉଛି "BRUSSELS KARTEXPO". ମିଶନ୍ ହାଉସ୍‌ଠାରୁ ଏହାର ଦୂରତା ହେଉଛି ୨ ରୁ ୨.୫ କି.ମି ।

ଗୋଟିଏ ହଲ୍‌ର କ୍ଷେତ୍ରଫଳ ହେଉଛି ୪୮୦୦ ସ୍କୋୟାର୍ ମିଟର୍ ଯେଉଁଟି ପୁରୁଷମାନଙ୍କ ନିମନ୍ତେ ଜଲ୍‌ସାଗାଃର ବ୍ୟବସ୍ଥା କରାଯାଇଛି ଓ ତାହା ସହିତ ଗୋଟିଏ ଅଂଶକୁ ଖାଇବାପାଇଁ ମଧ୍ୟ ନିର୍ଦ୍ଦିଷ୍ଟ କରାଯାଇଛି ଓ ଆଉଗୋଟିଏ ଅଂଶକୁ ଅତିଥିମାନଙ୍କ ରହିବା ନିମନ୍ତେ ଉର୍ଦ୍ଦିଷ୍ଟ ରଖାଯାଇଛି ।

ଦ୍ୱିତୀୟ ହଲ୍‌ର କ୍ଷେତ୍ରଫଳ ହେଉଛି ୩୦୦୦ ସ୍କୋୟାର୍‌ମିଟର୍ ଯେଉଁଟି ଲଜ୍‌ନା ମାନଙ୍କୁ ଦିଆଯାଇଛି ଓ ସେଥିରେ ଲଜ୍‌ନାମାନେ ନିଜର ସୁବିଧା ମୁତାବକ ବ୍ୟବସ୍ଥା କରିଛନ୍ତି । ଏଠାରେ କିଚେନ୍‌ର ବ୍ୟବସ୍ଥା ମଧ୍ୟ ରହିଛି ଓ କାର୍ଯ୍ୟାଳୟ ପାଇଁ ମଧ୍ୟ ଅଲଗା କୋଠରୀ ଅଛି । ଏଠାରେ ଦୁଇହଜାରରୁ ଅଧିକା ଗାଡି ପାର୍କିଂର ବ୍ୟବସ୍ଥା ରହିଛି । ଯେହେତୁ ଏହା ଗୋଟିଏ ବଡ ପ୍ରସିଦ୍ଧ ହଲ, ସେଇଥିପାଇଁ ଏହି ଦୁଇଗୋଟି ହଲ୍ ସହିତ ବହୁତ ଗୁଡିଏ ୱାସ୍‌ରୁମ୍ ରହିଛି । ଏଠାରେ ଟ୍ରାନ୍‌ସପୋର୍ଟ୍‌ର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି । ବସ୍‌ଷ୍ଟପ୍ ହଲ୍‌ର ବିଲ୍‌କୁଲ୍ ସମ୍ମୁଖରେ ହିଁ ଅବସ୍ଥିତ । କସ୍‌ବାର ରେଲ୍‌ୱେ ଷ୍ଟେସନ୍ ହଲ୍‌ର ପଛପଟେ ଅବସ୍ଥିତ ଏବଂ ଲୋକାଲ୍ ଟ୍ରାମ୍ ଷ୍ଟପ୍ ୩୦୦ମିଟର ଦୂରତାରେ ଅଛି ।

#### ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ପ୍ରଥମ ଦିନ-ଜୁମା

ପ୍ରୋଗ୍ରାମ୍ ମୁତାବକ ଦୁଇପ୍ରହର ଠିକ୍ ୧:୫୦ରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ଜଲ୍‌ସାଗାଃ ନିମନ୍ତେ ଗସ୍ତ କଲେ । ପାଖାପାଖି ୭ମିନିଟ୍ ଗସ୍ତ କରିବା ପରେ ଜଲ୍‌ସାଗାଃରେ ପହଂଚିଲେ । ଜଲ୍‌ସାଗାଃର ବାହ୍ୟ ପ୍ରାଙ୍ଗଣରେ ପର୍ଚମ୍ କୁଶାଇ (ପତାକା ଉତୋଳନ) ଉତ୍ସବ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଲିଓ୍ୱାଏ ଅହେମଦୀୟତ୍ (ଅହେମଦୀୟତ୍‌ର ଧୋଜା) ଉତୋଳନ କଲେ । ଯେବେ କି ଅମୀର୍ ସାହେବ୍ ବେଲ୍‌ଜିୟମ୍‌ର ଜାତୀୟ ପତାକାକୁ ଉତୋଳନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ।

ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍‌ର ଜଲ୍‌ସାଗାଃରୁ ସିଧା ପ୍ରସାରଣ ଆରମ୍ଭ ହୋଇସାରିଥିଲା । ପତାକା ଉତୋଳନର ଏହି ଉତ୍ସବ ମଧ୍ୟ ସମଗ୍ର ପୃଥିବୀରେ ସିଧା ପ୍ରସାରଣ ହେଉଥିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷ ମାନଙ୍କ ଜଲ୍‌ସାଗାଃ ଭିତରକୁ ପ୍ରବେଶ କଲେ ଏବଂ ଖୁତ୍‌ବାଜୁମା ପ୍ରଦାନା କଲେ । ଏହା ସହି ଜଲ୍‌ସାର ଉଦ୍‌ଘାଟନ ଆରମ୍ଭ ହୋଇଗଲା । ହଜୁର୍ ଅନୁଓ୍ୱର୍‌ଙ୍କର ଏହି ଖୁତ୍‌ବାଜୁମାଟି ଅଖିବାର୍ ବଦର୍ ୨୭ ସେପ୍ଟେମ୍ବର୍ ୨୦୧୮ (ସଂଖ୍ୟା-୩୯)ରେ ପ୍ରକାଶ ପାଇସାରିଛି । ଏହି ଖୁତ୍‌ବାଟି ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଦ୍ୱାରା ସିଧା ପ୍ରସାରଣ କରାଗଲା ।

ଖୁତ୍‌ବାଜୁମା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୁମା ସହିତ ଅସର୍ ନମାଜକୁ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଉପରବେଳେ ମଧ୍ୟ ହଜୁର୍ ଅନୁଓ୍ୱର୍ ଦଫତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ପ୍ରୋଗ୍ରାମ୍ ମୁତାବକ ଠିକ୍ ୭ଟାବେଳେ ହଜୁର୍ ଅନୁଓ୍ୱର୍ ନିଜ ଦଫ୍‌ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା ।

#### ଫ୍ୟାମିଲି ସାକ୍ଷାତ୍‌କାର୍

ଆଜି ସନ୍ଧ୍ୟାବେଳର ଏହି ଶେସନ୍‌ରେ ୨୫ଟି ଫ୍ୟାମିଲିର ୧୧୦ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକର ସମ୍ବନ୍ଧ ବ୍ରିସିଲ୍‌ସ୍ ବ୍ୟତୀତ ବେଲଜିୟମ୍ ଦେଶର ଜମାତ୍ ଇଂଟୋର୍‌ପନ୍, ହାସଲ୍‌ଟ୍ ଏବଂ ଲଏଜ୍ ସହିତ ଥିଲା । ଏତଦ୍‌ବ୍ୟତୀତ ପାକିସ୍ତାନ୍, ଫ୍ରାନ୍‌ସ୍ ଏବଂ କବାବିର୍‌ରୁ ଆସିଥିବା ଫ୍ୟାମିଲ୍ ଗୁଡିକ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସମସ୍ତ ଲୋକଙ୍କ ଫ୍ୟାମିଲି ଗୁଡ଼ିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଶିକ୍ଷା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ବୟସର କୁନି କୁନି ପୁଅଝିଅମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

ଆଜି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିଥିବା ସୌଭାଗ୍ୟବାନ୍ ପାଖାପାଖି ସମସ୍ତ ଫ୍ୟାମିଲି ଗୁଡିକ ନିଜ ଜୀବନରେ ପ୍ରଥମଥର ପାଇଁ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲେ ।

ଗୋଟିଏ ଫ୍ୟାମିଲି ଯିଏ ପ୍ରଥମଥର ପାଇଁ ସାକ୍ଷାତ୍ କରିବାର ସୁଯୋଗ ପାଇଥିଲା, ସ୍ୱାମୀଜଣକ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ କି ମୋର ବୟସ ହେଉଛି ୪୬ ଓ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ପ୍ରଥମଥର ପାଇଁ ସାକ୍ଷାତ୍ କଲି । କୋଠରୀରେ ପ୍ରବେଶ କରିବା ପରେ ଏପରି ଲାଗିଲା ଯେପରି ଗୋଡରେ ଜୀବନ ନାହିଁ ଓ ମୁହଁରେ କୌଣସି ଶବ୍ଦ ନଥିଲା କି ଆମେ କିପରି ହଜୁର୍‌ଙ୍କ ସହିତ କଥା ହେବୁ । ଆମର ଏହି ଗୋଟିଏ ଦୁଇମିନିଟ୍‌ର ସାକ୍ଷାତ୍‌କାର୍ ଆମ ଜୀବନର ମୂଲ୍ୟବାନ୍ ସମ୍ପତି ଅଟେ । ଆମେ ସର୍ବଦା ଏହି କ୍ଷଣକୁ ମନେପକାଇବୁ ଓ କଦାପି ଭୁଲିବୁ ନାହିଁ ।

ତାଙ୍କ ସ୍ତ୍ରୀ କହିଲେ କି ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରା ଦେଖିବା କ୍ଷଣି ଏପରି ଲାଗୁଛି ଯେପରି ଆମ ଉପରେ ଫରିସ୍ତାମାନଙ୍କର ଛତ୍ରଛାୟା

ରହିଛି । ଖିଲାଫତ୍ ସହିତ ଯୋଡି ହୋଇ ରହିବା ଆମର ସବୁଠାରୁ ବଡ ମିଶନ୍ ହେବା ଉଚିତ୍ । ଯଦି ଖିଲାଫତ୍ ସହିତ ଆମର ସଂପୃକ୍ତି ରହିବ ଫଳତଃ ଆମର ପ୍ରତ୍ୟେକ ପଦକ୍ଷେପ ଜମାତ୍ ସହିତ ମଜ୍‌ବୁତ୍ ହେବ । ଅଲ୍‌ହମ୍‌ଦୋଲିଲ୍ଲାଃ । ଆମ ଉପରେ ଆମ ଖଲିଫାଙ୍କ ହାତ ରହିଛି । ତାଙ୍କ ପ୍ରାର୍ଥନାରେ ହାତ ରହିଛି ।

ଆଉଜଣେ ଯୁବକ ଛାତ୍ର କହିଲେ କି ୧୪ବର୍ଷ ପରେ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ମୋର ସାକ୍ଷାତ୍ ହେଲା । ଭିତରକୁ ଯିବା ପୂର୍ବରୁ ମୋତେ ବହୁତ ଘାବରା ଛାନିଆ ଲାଗୁଥିଲା । ଖଲିଫାଙ୍କ ସହିତ ବାର୍ତାଲାପ କରିବା ବହୁତ କଠିନ କାର୍ଯ୍ୟ । ଯେତେବେଳେ ମଣିଷ ଖଲିଫାଙ୍କ ସମ୍ମୁଖରେ ଉପସ୍ଥିତ ହୁଏ ସେତେବେଳେ ଖଲିଫାଙ୍କ ଚେହେରାକୁ ଦେଖିବା କଠିନ ହୋଇପଡେ । ମଣିଷ ନିଜ ଆଖିକୁ ତଳକୁ କରି କଥା ହୋଇଥାଏ । ମୁଁ ହଜୁର୍ ଅନୁୱ୍ୱର୍‌ଙ୍କ ସହିତ ହାତ ମିଳାଇଲି ଓ ନିଜ କୁଟୁମ୍ବର୍ ପରିଚୟ ପ୍ରଦାନ କଲି । ହଜୁର୍ ଅନୁୱ୍ୱର୍ ମୋତେ ଗୋଟିଏ କଲମ ଉପହାର ଦେଲେ । ମୁଁ ବର୍ତମାନ ତାକୁ ସମ୍ଭାଳିକି ରଖିବି ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱ୍ୱର୍ ଜଲ୍‌ସାଗାଃରେ ପହଂଚି ମଗ୍ରିବ୍ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱ୍ୱର୍ ମିଶନ୍ ହାଉସ୍, ଯେଉଁଠି ଆପଣଙ୍କ ଆବାସସ୍ଥଳୀ ରହିଛି, ସେଠାକୁ ଫେରିଗଲେ ।

---------------------

**୧୫ ସେପ୍ଟେମ୍ବର୍ ୨୦୧୮ (ଶନିବାର)**

**ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ଦ୍ୱିତୀୟ ଦିନ**

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଭୋର୍ ୬ଟା ବେଳେ ଟେଂଟ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁୱ୍ୱର୍ ଦଫ୍‌ତରି ଡାକ ନିରୀକ୍ଷଣ କଲେ ଓ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ପ୍ରୋଗ୍ରାମ୍ ମୁତାବକ ଲଜ୍‌ନା ଜଲ୍‌ସାଗାଃଠାରେ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କର ମହିଳାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖାଯାଇଥିଲା । ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଠିକ୍ ୧୧:୫୫ରେ ମିଶନ୍ ହାଉସ୍‌ରୁ ବାହାରି ଲଜ୍‌ନା ଜଲ୍‌ସାଗାଃଠାରେ ଠିକ୍ ୧୨:୦୫ରେ ପହଂଚିଲେ ।

ନାଜିମା ଆଲା ଏବଂ ନ୍ୟାସ୍‌ନାଲ୍ ସଦର୍ ଲଜ୍‌ନା ଇମାଇଲ୍ଲାଃ ବେଲ୍‌ଜିୟମ୍ ନିଜର ନାଜମାତ୍ ମାନଙ୍କ ସହିତ ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ମହିଳାମାନେ ବହୁତ ଜୋସ୍‌ର ସହିତ ଉତ୍ସାହିତ ହୋଇ ନାରା ଲଗାଇଲେ ଏବଂ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ କଲେ । ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା ଯାହାକୁ ଅଜିଜା ସବାହତ୍ ଏହ୍‌ସାନ୍ ପାଠ କଲେ ଓ ଏହାପରେ ଉକ୍ତ ଆୟତ ଗୁଡିକର ଉର୍ଦ୍ଦୁ ଭାଷାରେ ଅନୁବାଦ ଉପସ୍ଥାପନ କଲେ ।

ତାଙ୍କ ପରେ ଅଜିଜା ଆଇଶା ରଫିକ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାଃଙ୍କ ମଞ୍ଜୁମ୍ କଲାମ୍:-

ଇକ୍ ରାତ୍ ମଫାସିଦ୍ କି
ୱ୍ୱହ୍ ତିରାହ୍ ୱ୍ୱ ତାର୍ ଆଇ
ଜୋ ନୁର୍ କି ହର୍ ମଶ୍‌ଅଲ୍
ଜୁଲ୍‌ମାତ୍ ପେ ୱ୍ୱାର୍ ଆଇ
ତାରିକି ପେ ତାରିକି
ଗୁମ୍‌ରାହି ପେ ଗୁମ୍‌ରାହି
ଇବ୍‌ଲିସ୍‌ନେ କି ଆପ୍‌ନେ
ଲଶ୍‌କର୍ କି ସଫ୍ ଆରାଇ

ର ଚୟନ ହୋଇଥିବା ପଦଗୁଡିକୁ ବହୁତ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ୩୬ଜଣ ଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କଲେ ଏବଂ ହଜ୍‌ରତ୍ ବେଗମ୍ ସାହିବା ମଦ୍ଦଜିଲ୍ଲହଲ୍ ଆଲି ଉକ୍ତ ଛାତ୍ରୀମାନଙ୍କୁ ମେଡାଲ୍ ପିନ୍ଧାଇଲେ । ତାଲିମି ଆୱ୍ୱାର୍ଡ୍ ହାସଲ କରିଥିବା ଏହି ସୌଭାଗ୍ୟବତୀ ଶିକ୍ଷାର୍ଥୀମାନଙ୍କ ନାମ ନିମ୍ନରେ ଦିଆଗଲା ।

ଆଇଶା ତାରିକ୍ ସାହିବା ସୁପୁତ୍ରୀ
ମୋକରମ୍ ରାଣା ତାରିକ୍ ସାହେବ୍
A Levels in Human Sciences

ଅମ୍ବର୍ ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ୱ୍ୱସିମ ଅହେମଦ୍ ସାହେବ୍
A Levels in Human Sciences

ଶଫକ୍ ନଦୀମ୍ ସାହିବା ସୁପୁତ୍ରୀ
ମିର୍ଜା ନଦିମ୍ ଅହେମଦ୍ ସାହେବ୍
A Levels in Sciences and Mathematics

ଇରସା ଜମିଲ୍ ସାହିବା ସୁପୁତ୍ରୀ
ମୋକରମ୍ ଜମିଲ୍ ଅହେମଦ୍ ସାହେବ୍
A Levels in Morden languages and Sciences

ନୁରୁଲ୍ କାଏନାତ୍ ସାଆଦ୍ ସାହିବା ସୁପୁତ୍ରୀ
ମୋକରମ୍ ଅୱ୍ୱେସ୍ ବିନ୍ ସାଆଦ୍ ସାହେବ୍
A Levels in Human Sciences

ବାରିଆ ଇକ୍‌ବାଲ୍ ସାହିବା ସୁପୁତ୍ର
ମୋକରମ୍ ପରୱ୍ୱେଜ୍ ଇକ୍‌ବାଲ୍ ସାହେବ୍
A Levels in Technology Sciences

ରୁବିନା ମରିୟମ୍ ନସିମ୍ ସାହିବା
ସୁପୁତ୍ରୀ ମୋକରମ୍ ନସିର୍ ଅହେମଦ୍ ସାହେବ
A Levels in General Sciences

ଆଇଶା ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ୱ୍ୱାସିଫ୍ ଅହେମଦ୍ ଭଟି ସାହେବ୍
A Levels in Mordern language and Sciences

ନାୟାବ୍ ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ଇଦ୍‌ରିସ୍ ଅହେମଦ୍ ସାହେବ
A Levels - Latin and Sciences

ଅହେମଦ୍ ନାଇଲା ସଦଫ୍ ସାହିବା ସୁପୁତ୍ରୀ
ମୋକରମ୍ ଇମ୍‌ଦାଦ୍ ଅହେମଦ୍ ସାହେବ୍
A Levels- Latin and Sciences

ସଫିନା ତେହାୱ୍ୱଦ୍ରି ସାହିବା ସୁପୁତ୍ରୀ
ମୋକରମ୍ ତାହେର୍ ତେହାୱ୍ୱଦ୍ରି ସାହେବ୍
A Levels- Latin and Mathematics

ୱ୍ୱାଲିଗା ମୁହମ୍ମଦ୍ ସାହିବା ସୁପୁତ୍ରୀ
ମୋକରମ୍ ମୁହମ୍ମଦ୍ ଅହେମଦ୍ ସାହେବ୍
A Levels in Economy and Mordern languages

ମଲିହା ସଦଫ୍ ଚୌଧୁରୀ ସାହିବା ସୁପୁତ୍ରୀ
ମୋକରମ୍ ନସିରୁଦ୍ଦିନ୍ ସାହେବ୍
A Levels in Sciences and Mathematics

ରାବିୟା ୟାକୁବ୍ ସାହିବା ସୁପୁତ୍ରୀ
ମୋକରମ୍ ମୁହମ୍ମଦ୍ ୟାକୁବ୍ ଖାନ୍ ସାହେବ୍
A Levels in Health care Sciences

ସାଇରା ୟାକୁବ୍ ସାହିବା ସୁପୁତ୍ରୀ
ମୋକରମ୍ ମୁହମ୍ମଦ୍ ୟାକୁବ୍ ଖାନ୍ ସାହେବ୍
A Levels in Pharmaceuticals Technology

ଅତିକା ଅହେମଦ୍ ଗିଲ୍ ସାହିବା ସୁପୁତ୍ରୀ
ମୋକରମ୍ ତାହେର୍ ଗିଲ୍ ସାହେବ୍
A Levels in Mordern languages and sciences

ବୁଶ୍‌ରାଃ ତାରିକ୍ ସାହିବା ସୁପୁତ୍ରୀ
ମୁଖ୍‌ତାର୍ ଅହେମଦ୍ ତାରିକ୍ ସାହେବ୍
A Levels in Sciences and Mathematics

ତୁବା ୟୁସୁଫ୍ ସାହିବା ସୁପୁତ୍ରୀ
ମୋକରମ୍ ଫରିଦ୍ ୟୁସୁଫ୍ ସାହେବ୍
A Levels in Human Sciences

ମୈମୁନା ରାଜପୁତ୍ ଭଟି ସାହିବା ସୁପୁତ୍ରୀ
ମୋକରମ୍ ମୁନୱ୍ୱର୍ ଅହେମଦ୍
ରାଜପୁତ୍ ଭଟି ସାହେବ୍
A Levels in General Sciences

ଆଇଶା ହାଶ୍‌ମି ସାହିବା ସୁପୁତ୍ରୀ
ମୋକରମ୍ ରଫିକ୍ ହାଶ୍‌ମି ସାହେବ୍
A Levels in Business

ଆଫ୍‌ରାଃ ହାଶ୍‌ମି ସାହିବା ସୁପୁତ୍ରୀ
ମୋକରମ୍ ରଫିକ୍ ହାଶ୍‌ମି ସାହେବ୍
A Levels in Accountancy and Informatics

ଜୋହ୍‌ରାଃ ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ମୁବଶିର୍ ଅହେମଦ୍ ସାହେବ୍
A Levels in Mordern l anguages and Sciences

ନୁରୁଲ୍ ଐନ୍ ଜଫର୍ ସାହିବା ସୁପୁତ୍ରୀ
ମୋକରମ୍ ମଲକ୍ ଜଫର୍ ଇକ୍‌ବାଲ୍ ସାହେବ୍
A Levels in Economy and Mordern languages

କନ୍‌ଜାଃ ମେହ୍‌ମୁଦ୍ ସାହିବା ସୁପୁତ୍ରୀ ମୋକରମ୍
ମଲ୍‌କ୍ ବିଶାରତ୍ ମେହ୍‌ମୁଦ୍ ସାହେବ୍
A Levels - Latin and Sciences

ଫାତେହା ଏସ୍.ଏଚ୍ ନୱ୍ୱିଦ୍ ସାହିବା ସୁପୁତ୍ରୀ
ମୋକରମ୍ ଏସ୍.ଏଚ୍ ନୱ୍ୱିଦ୍ ଅହେମଦ୍ ସାହେବ୍
A Levels in General Sciences

ମାରିୟା ଅକ୍‌ବର୍ ସାହିବା ସୁପୁତ୍ରୀ
ମୋକରମ୍ ଅକ୍‌ବର୍ ଅହେମଦ୍ ସାହେବ୍
A Levels in Mordern languages and Sciences

ସବାହାତ୍ ଏହ୍‌ସାନୁଲ୍ଲାଃ ସାହିବା
ସୁପୁତ୍ରୀ ମୋକରମ୍ ଏହ୍‌ସାନୁଲ୍ଲାଃ ସାହେବ୍
Bachelor in Medicine with Highest Distniction

ହାମ୍‌ନା ଜମିଲ୍ ସାହିବା ସୁପୁତ୍ରୀ
ମୋକରମ୍ ଜମିଲ୍ ଅହେମଦ୍ ସାହେବ୍
Bachelor in Medicine

ମଲକ୍ ରାହାୱ୍ୱିଲ୍ ଖାଲିଦ୍ ସାହିବା ସୁପୁତ୍ରୀ
ମୋକରମ୍ ମଲକ୍ ମୁହମ୍ମଦ୍ ଖାଲିଦ୍ ସାହେବ୍
Bachelor of Law with Distniction

ଫରିନ୍ ବର୍‌ଲାସ୍ ସାହିବା ସୁପୁତ୍ରୀ ମୋକରମ୍
ନଇମ୍ ଅହେମଦ୍ ବର୍‌ଲାସ୍ ସାହେବ୍
Bachelor in Applied Linguistics

ଦୁର୍‌ରେ ସମିନ୍ ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ସଇଦ୍ ଅମେହଦ୍ ସାହେବ୍
Bachelor in Business Management

ସନା ଶାହିଦ୍ ସାହିବା ସୁପୁତ୍ରୀ
ମୋକରମ୍ ଶାହିଦ୍ ଅହେମଦ୍ ନସିର୍ ସାହେବ୍
Bachelor in Business Management

ସୁନ୍ଦୁସ୍ ବର୍‌ଲାସ୍ ସାହିବା, ସୁପୁତ୍ରୀ
ମୋକରମ୍ ନଇମ୍ ଅହେମଦ୍ ବର୍‌ଲାସ୍ ସାହେବ୍
Bachelor in Interior Architecture

ଦୁର୍‌ରେ ଶେହ୍‌ୱ୍ୱାର୍ ଅହେମଦ୍ ସାହିବା ସୁପୁତ୍ରୀ
ମୋକରମ୍ ସଇଦ୍ ଅହେମଦ୍ ସାହେବ୍
Bachelor in Bio-Medical Labaratory Technology

ମନ୍‌ସୁରାଃ କୁରୈଶି ସାହିବା ସୁପୁତ୍ରୀ
ମୋକରମ୍ ନସିର୍ କୁରୈଶି ସାହେବ୍
Master in Nuclear Energy

କାନ୍‌ତା ହାସ୍‌ମି ସାହିବା, ସୁପୁତୀ
ମୋକରମ୍ ତାହେର୍ ଅହେମଦ୍ ହାସ୍‌ମି ସାହେବ୍
Master of Law and Master of Business Administration

ଡାଃ ନବିଲା ଅନୁୱ୍ୱର୍ ସାହିବା ସୁପୁତ୍ରୀ
ମୋକରମ୍ ମୁନୱ୍ୱର୍ ଅହେମଦ୍ ଅନୁୱ୍ୱର୍ ସାହେବ୍
Master of General Medicine with Distnction

**ହଜୁର୍ ଅନୁୱ୍ୱର୍ ଅ:ବ:ଅଙ୍କ ଅଭିଭାଷଣ**

ପୁରସ୍କାର ବିତରଣୀ ଉତ୍ସବ ପରେ ଠିକ୍ ୧୨:୩୦ରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

ତଶହୁଦ୍, ତଉଜ, ସୁରା ଫାତିହା ଆବୃତି କରିବା ପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଆପଣମାନଙ୍କ ମଧ୍ୟରୁ ବହୁତ ଲୋକେ ଏପରି ଅଛନ୍ତି ଯେଉଁମାନେ ପାକିସ୍ତାନ୍‌ରେ ହଇରାଣ ହରକତ୍ ହୋଇ, ଅହେମଦୀ ମାନଙ୍କ ନିମନ୍ତେ ଯେଉଁ ସବୁ ଅସୁବିଧା ପାକିସ୍ତାନ୍‌ରେ ସୃଷ୍ଟି କରାଯାଉଛି, ସେଇଥିପାଇଁ ଏଠାକୁ ଆସିଛନ୍ତି । କିନ୍ତୁ ବୋଧହୁଏ କିଛି ବ୍ୟକ୍ତି ଏପରି ଥିବେ ବା ଜଣେ ଅଧେ ଥିବେ ଯେଉଁମାନଙ୍କ ଉପରେ ଏ କଷ୍ଟ ପ୍ରତ୍ୟକ୍ଷ ରୂପେ ବିତିଥିବ । ହଁ ପାକିସ୍ତାନ୍‌ରେ ଏ ଭୟ ନିଶ୍ଚିତ ରୂପେ ରହିଛି କି ଆମ ସ୍ୱାମୀ, ଆମ ପିଲାମାନେ, ଆମ ନିକଟ ସମ୍ପର୍କୀୟମାନେ ବିପଦରେ ଅଛନ୍ତି ଏବଂ କୌଣସି ପାଗଳା ତଥାକଥିତ ୱ୍ୱଲେମାଙ୍କ କହିବାରେ ଓ ଉସ୍‌କାଇବାରେ କୌଣସି ସମୟରେ ମଧ୍ୟ କ୍ଷତି ପହଂଚିପାରେ । ଏହିଭୟ ଓ ଏହି ଚିନ୍ତାର ତରବାରି ପ୍ରତ୍ୟେକ ଅହେମଦୀଙ୍କ ଉପରେ ସଦାସର୍ବଦା ଲଟକି ରହିଛି ଯେଉଁମାନେ ପାକିସ୍ତାନ୍‌ରେ ଅଛନ୍ତି । କିନ୍ତୁ ଏହା ବି ବାସ୍ତବିକ୍ କଥା କି ସାଧାରଣତଃ ଏଠାକୁ ଆସି କିଛି ବର୍ଷ ପରେ ଅଧିକାଂଶ ଲୋକେ ବିଶେଷ ରୂପେ ମହିଳା ଓ ପିଲାମାନେ ଉକ୍ତ କଠିନ ପରିସ୍ଥିତିକୁ ଭୁଲି ଯାଉଛନ୍ତି । ଅଧିକାଂଶ ସମୟ ଦେଖିବାକୁ ମିଳୁଛି କି ଏଠାରେ ଜନ୍ମ ହୋଇଥିବା ଅନେକ ପୁଅ ଝିଅ ବା ଯେଉଁମାନଙ୍କୁ ଏଠାରେ ରହିବାର ଗୋଟିଏ ଅବଧି ବିତିଗଲାଣି, ପାକିସ୍ତାନ୍‌ରେ ଅହେମଦୀ ମାନଙ୍କ ଉପରେ ଯେଉଁ ଅତ୍ୟାଚାର ହେଉଅଛି ଏମାନେ ସେ ସବୁକୁ ଭୁଲିସାରିଛନ୍ତି ଏବଂ ଯେଉଁମାନଙ୍କର ସମସ୍ତ ନିକଟ ସମ୍ପର୍କୀୟ ବାହାର ଦେଶକୁ ଚାଲିଆସିଛନ୍ତି ସେମାନେ ଜାଣନ୍ତି ମଧ୍ୟ ନାହିଁ ବା ଉକ୍ତ ପୀଡାକୁ ଅନୁଭବ କରନ୍ତି ନାହିଁ, ଯାହା ନିଜ ନିକଟ ସମ୍ପର୍କୀୟଙ୍କ ଯୋଗୁ ଅନୁଭବ ହୋଇପାରିଥାଆନ୍ତା କି ଅହେମଦୀ ମାନଙ୍କ ଉପରେ କିଛି ସ୍ଥାନରେ କେତେ ମାତ୍ରାରେ ଅତ୍ୟାଚାର ହେଉଅଛି । ପାକିସ୍ତାନୀ କାନୁନ୍ ଯୋଗୁ ଏହି ଅତ୍ୟାଚାର ଅହେମଦୀ ମାନଙ୍କ ଉପରେ ଜାରି ରଖାଯାଇଛି । ମୁଲାମାନଙ୍କୁ ବା ଜମାତ୍‌ର ବିରୋଧି ଲୋକମାନଙ୍କୁ ଖୋଲା ଛୁଟି ଦିଆଯାଇଛି କିନ୍ତୁ ପାକିସ୍ତାନ୍ ବ୍ୟତୀତ ଆହୁରି କିଛି ମଧ୍ୟ ଦେଶ ଅଛନ୍ତି ଯେଉଁଠି ଅହେମଦୀ ମାନଙ୍କୁ ଅହେମଦୀୟତ୍ ଗ୍ରହଣ କରିବା ପରେ କଠିନତାର ମାର୍ଗରେ ଯିବାକୁ ପଡୁଚି ସେହିପରି ଏଠାକୁ ଆସିଥିବା କିଛିଲୋକେ ଅନ୍ୟାନ୍ୟ

ଅଳ୍ପ ଉନ୍ନତିଶୀଳ ରାଷ୍ଟ୍ରମାନଙ୍କରୁ ଆସିଛନ୍ତି । ସେମାନେ ଏଠାକୁ ଏଇଥିପାଇଁ ଆସିଛନ୍ତି ବା ସେମାନଙ୍କ ସ୍ୱାମୀମାନେ ଏଇଥିପାଇଁ ଏଠାକୁ ଚାଲି ଆସିଛନ୍ତି କି ଏହି ଉନ୍ନତଶୀଳ ରାଷ୍ଟ୍ରଗୁଡିକରେ ଭଲ ରୋଜଗାର ମିଳିପାରିବ । ସେ ଯାହାହେଉ ଯେଉଁ କାରଣ ଯୋଗୁଁ ଏଠାକୁ ଅଧିକାଂଶ ଲୋକ ଆସିଛନ୍ତି, ତାହା ପରିସ୍ଥିତି ଯୋଗୁ ହେଉ ବା ଭଲ ରୋଜଗାର ମିଳିବା ଆଶାରେ ହେଉ ବା ଯେପରିକି ମୁଁ କହିଲି କିଛି ଖରାପ ପରିସ୍ଥିତି ଯୋଗୁ ଏଠାକୁ ଆସିଛନ୍ତି, ସେମାନେ ସର୍ବଦା ମନେରଖିବା ଉଚିତ୍ କି ଏହି ଦୁଇଟି ଅବସ୍ଥାରେ ଅଲ୍ଲାଃତାଲା ସାଂସାରିକ ଦୃଷ୍ଟିକୋଣରୁ ଯେଉଁ ଦୟା କରିଛନ୍ତି ଓ ସାଂସାରିକ ଉନ୍ନତି ନିମନ୍ତେ ଅଲ୍ଲାଃତାଲା ଯେଉଁ ସୁବିଧା ସୁଯୋଗ ପ୍ରଦାନ କରିଛନ୍ତି ସେଥିପାଇଁ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ରୁହନାହିଁ ଓ ଭୁଲନାହିଁ । ଯଦି ମନେରଖିବ ତେବେ ଏ ଦୁନିଆ ତ ମିଳିଯିବ କିନ୍ତୁ ତତ୍‌ସହିତ ଅଲ୍ଲାଃତାଲାଙ୍କ ଅଗଣତି କରୁଣାରୁ ଭାଗ ନେଇପାରିବ । ଏପରି ଅନେକ ଘଟଣା ମିଳୁଛି ଯେବେ କିଛି ମହିଳା ଏବଂ କିଛି କୁଟୁମ୍ବ ଦୁଃଖ କଷ୍ଟରେ ଦିନ କଟାଇ ଏହି ଦେଶଗୁଡିକୁ ଆସିଛନ୍ତି ଏବଂ ଅଲ୍ଲାଃତାଲା ସେମାନଙ୍କ ଉପରେ ଅଗଣତି କରୁଣା ପ୍ରଦାନ କରିଛନ୍ତି । କିନ୍ତୁ ଅନେକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ଭୀଷଣ କଠିନ ପରିସ୍ଥିତି ସତ୍ତ୍ୱେ ମଧ୍ୟ ନିଜ ଦେଶରେ ହିଁ ଅଛନ୍ତି ଏବଂ ରହୁଛନ୍ତି କିନ୍ତୁ ସେଠାରେ ମଧ୍ୟ ଅଲ୍ଲାଃତାଲା ତାଙ୍କ ଉପରେ କରୁଣା ପ୍ରଦାନ କରିଛନ୍ତି ଓ ସେମାନେ ସାହସର ସହିତ ଉକ୍ତ ଅତ୍ୟାଚାରର ମଧ୍ୟ ମୁକାବିଲା କରିଛନ୍ତି । ପାକିସ୍ତାନ୍ ବ୍ୟତୀତ ଏପରି କିଛି ଦେଶ ଅଛନ୍ତି ଯେପରିକି ମୁଁ କହିଲି, ସେଠାରେ ମଧ୍ୟ ଅତ୍ୟାଚାର କରାଯାଉଛି କିନ୍ତୁ ସେମାନେ ସେଠି ନିଜ ନିଜ ଦେଶରେ ରହିବା ସତ୍ତ୍ୱେ ମଧ୍ୟ ଅଲ୍ଲାଃତାଲା ତାଙ୍କୁ ସଫଳତା ପ୍ରଦାନ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଏପରି କିଛି ଘଟଣାବଳୀ ଉପସ୍ଥାପନ କରିବି ଯାହା ପାକିସ୍ତାନ୍ ଲୋକମାନଙ୍କ ବ୍ୟତୀତ ଅନ୍ୟ ଲୋକମାନଙ୍କର ଘଟଣାବଳୀ ଅଛି ଫଳତଃ ଆପଣମାନେ, ଯେଉଁମାନେ ଏଠାକୁ ଆସିଛନ୍ତି, ଏଠାରେ ଆସି ବସିଛନ୍ତି ସେଥିରେ ଝିଅପିଲାମାନେ ଅଛନ୍ତି, ପୁଅମାନେ ଅଛନ୍ତି ଯେଉଁମାନେ ଯୁବକ ଓ ଏମାନଙ୍କୁ ଏଠାରେ ଗୋଟିଏ ଅବଧି ବିତିଗଲାଣି ଏବଂ ଏପରି ଲୋକେ ମଧ୍ୟ ଅଛନ୍ତି ଯେଉଁମାନେ ଏଠାରେ ବହୁତ ଦିନ ରହିବା ଯୋଗୁ କୌଣସି ଅନୁଭବ ନାହିଁ କି ଅତ୍ୟାଚାର କଣ, ଏମାନଙ୍କୁ ମଧ୍ୟ ଜଣାପଡୁ ଓ ଏମାନଙ୍କ ଇମାନ୍ ସୁଦୃଢ଼ ହେଉ । ନିଜ ଦାୟିତ୍ୱ ଗୁଡିକ ତୁଲାଇବା ଓ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା ପ୍ରତି ଧ୍ୟାନ ସୃଷ୍ଟି ହେଉ, ଏହାର ଅନୁଭବ ବଢୁ ।

ପ୍ରଥମ ଘଟଣା ହେଉଛି ଜଣେ ପାକିସ୍ତାନୀ ମହିଳାଙ୍କର, ଯିଏ ବହୁତ କଷ୍ଟ ସହନ କରି ପରେ କାନାଡା ଚାଲିଗଲେ । ପ୍ରତ୍ୟକ୍ଷ ରୂପେ ତାଙ୍କ ଉପରେ ଅତ୍ୟାଚାର କରାଗଲା । ଅଧିକାଂଶ ମହିଳାତ ଏପରି ଅଛନ୍ତି ଯେଉଁମାନଙ୍କ ସ୍ୱାମୀଙ୍କ ଉପରେ ଅତ୍ୟାଚାର ହୋଇଥାଏ ବା ଏପରି ପରିସ୍ଥିତି ସୃଷ୍ଟି ହୋଇଥାଏ କି ପ୍ରତ୍ୟକ୍ଷ ରୂପେ ଅତ୍ୟାଚାର ତ ହୋଇଥାଏ ଯେଉଁଥିପାଇଁ ଦେଶ ଛାଡିବାକୁ ପଡେ କିନ୍ତୁ ଏମାନେ ପ୍ରତ୍ୟକ୍ଷ ରୂପେ ପ୍ରଭାବିତ ହୋଇଛନ୍ତି ଓ କାନାଡା ଚାଲିଆସିଛନ୍ତି । ପୁଣି ସେଠାରେ ଯାଇ ସେମାନେ ଅଲ୍ଲାଃତାଲାଙ୍କ କରୁଣାକୁ ତାଙ୍କ ପ୍ରତି ଅଧିକ ହେବାର ମଧ୍ୟ ଦେଖିଲେ ଓ ନିଜର ପୁରୁଣା ଅବସ୍ଥାକୁ ମଧ୍ୟ ଭୁଲିଲେ ନାହିଁ । ଏପରି ଜଣେ ମହିଳା ହେଉଛନ୍ତି ଆନ୍‌ସା ସାହିବା । ସେ କାନାଡାରୁ ଲେଖୁଛନ୍ତି କି ଯେତେବେଳେ ମୁଁ ପାକିସ୍ତାନ୍‌ରେ ଥିଲି ସେତେବେଳେ ଆମ ଫ୍ୟାମିଲିକୁ କାଶ୍ମିର୍‌ରୁ ହିଜ୍‌ରତ୍ କରି ଫଏସ୍‌ଲାବାଦ୍ ଆସିବାକୁ ପଡ଼ିଲା । ହିଜ୍‌ରତ୍ ଯୋଗୁ ଆର୍ଥିକ ଅବସ୍ଥା ଠିକ୍ ନଥିଲା । ସେ ସମୟରେ ମୋତେ ଗୋଟିଏ ପ୍ରାଇଭେଟ୍ ଡାକ୍ତରଖାନାରେ ଜଣେ ହେଡ୍‌ନର୍ସ୍ ରୂପେ ବହୁତ ଭଲ ଋକିରୀ ମିଳିଗଲା । କିନ୍ତୁ କିଛି ଦିନ ପରେ ମୁଁ ଏହା ଜାଣିପାରିଲି କି ଏହି ହସ୍‌ପିଟାଲ୍‌ର ଇନ୍‌ଚାର୍ଯ୍ ଓ ହେଡ୍ ଡାକ୍ତର୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ କୁଭାଷା ବ୍ୟବହାର କରୁଥିଲା । ଗୋଟିଏ ଦିନ ସେ ମୋତେ ନିଜ ଦଫ୍‌ତର୍‌କୁ ଡକାଇ ପଠାଇଲେ ଓ କଲ୍‌ମା ପଢ଼ିବା ପାଇଁ କହିଲେ ଅର୍ଥାତ୍ ତୁମର୍ କଲ୍‌ମା କଣ । ମୁଁ ତାଙ୍କୁ କଲ୍‌ମା ଶୁଣାଇଲି ଏବଂ ତତ୍ ସହିତ ଏହା ମଧ୍ୟ କହିଦେଲି କି ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ଏପରି ଭାଷା ଶୁଣିପାରିବି ନାହିଁ ଯାହା ତୁମେ କହୁଅଛ । ଏହା ଶୁଣି ସେ ମୋତେ ଏକଥା କହି ଋକିରୀରୁ ବାହାର କରିଦେଲେ କି ତୁମେ ହେଉଛ କାଦିଆନୀ । ସୁତରାଂ ଏହାପରେ ପୁଣି ସେ କାନାଡା ଚାଲିଆସିଲେ ଏବଂ ତାଙ୍କର ଅବସ୍ଥା ମଧ୍ୟ ସୁଧୁରି ଗଲା । ତେଣୁ ଏହା ହେଉଛି ଇମାନ୍‌ର ଦୃଢ଼ତା ଯାହାକୁ ପ୍ରତ୍ୟେକ ଅହେମଦୀ ଦେଖାଇବା ଉଚିତ୍ ଏବଂ ମନେରଖିବା ଉଚିତ୍ କି ଏହା ହେଉଛି ଇମାନ୍‌ର ଦୃଢ଼ତା ଯାହା ଆମକୁ ଅଲ୍ଲାଃତାଲାଙ୍କ ନିକଟତର କରାଏ ।

ସଦର୍ ଲଜ୍‌ନା ଫଏସଲ୍‌ାବାଦ୍ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ନିକଟକୁ ଚିଠି ଲେଖିଥିଲେ ଓ ସେଥିରେ ଏକଥା ଉଲ୍ଲେଖ କରିଥିଲେ କି ଡାକ୍ତର୍‌ଖାନାର ଡାକ୍ତର ଏହିପରି ତାଙ୍କୁ ବାହାର କରିଦେଲେ । ଏଥିରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ତାଙ୍କୁ ଉତର ଲେଖିଥିଲେ କି ଯିଏ ତୁମ ସହିତ ଏପରି କାର୍ଯ୍ୟ କରିଛନ୍ତି ତାଙ୍କ ଡାକ୍ତରଖାନା ଓ ତାଙ୍କ କାରବାର ଶେଷ ହୋଇଯିବ । ସୁତରାଂ କିଛି ଦିନ ପରେ ଉକ୍ତ ବ୍ୟକ୍ତିଙ୍କ ଡାକ୍ତରଖାନା, ଯିଏ ମାଲିକ ଥିଲେ, ତାଙ୍କ ବିରୋଧରେ ଅଦାଲତ୍‌ରେ ମୋକଦ୍ଦମା ଚାଲିଲା ଏବଂ ସେ ଶେଷ ହୋଇଗଲା । ତେବେ ଗୋଟିଏ ଦୃଷ୍ଟିକୋଣରୁ ଅଲ୍ଲାଃତାଲା ସେଠାରେ ମଧ୍ୟ ପ୍ରତିଶୋଧ ନେଇନେଲା କି ତାର ବେପାର ଶେଷ ହୋଇଗଲା, ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗାଳି ଗୁଲଜ କରୁଥିଲା । ଏହା ହେଉଛି ନିଦ୍ଦର୍ଶନ ଯାହାକୁ ଆମେ ଦେଖୁଅଛେ । ପାକିସ୍ତାନ୍‌ର ଅବସ୍ଥା ତ ଆମ ସମ୍ମୁଖକୁ ଆସିଥାଏ ଓ ସେଥିପାଇଁ ବହୁତ ଲୋକେ ଦେଶ ବାହାରକୁ ମଧ୍ୟ ଚାଲିଗଲେଣି ଯେପରିକି ମୁଁ କହିସାରିଛି । କିନ୍ତୁ ଅନ୍ୟ ଦେଶଗୁଡିକରେ ମଧ୍ୟ ଅହେମଦୀ ମହିଳାମାନେ ଯେଉଁଭଳି କଠିନ ପରିସ୍ଥିତି ଦେଇ ଦିନକାଟିଛନ୍ତି ଏବଂ କାଟୁଅଛନ୍ତି ସେମାନଙ୍କର କୁର୍ବାନୀ ମଧ୍ୟ ଅସାଧାରଣ ଅଟେ । ସେମାନଙ୍କର ଉଦାହରଣ ମଧ୍ୟ ବହୁତ ଅଛି କି ସେମାନେ କିପରି ନିଜର ଇମାନ୍‌କୁ ସମ୍ଭାଳି ରଖିଛନ୍ତି । ଏହି ଦୃଷ୍ଟାନ୍ତ ଗୁଡିକ ଆପଣମାନଙ୍କ ପାଇଁ ମଧ୍ୟ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା ନିମନ୍ତେ ପୂର୍ବଠାରୁ ବଳି ଧ୍ୟାନ ଆକର୍ଷଣ କରାଇବା ବାଲା ହେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆଉଜଣେ ବଙ୍ଗଳା ଦେଶର ମହିଳା ଅଛନ୍ତି । ବର୍ତମାନ ବଙ୍ଗଳାଦେଶର ଲୋକମାନେ ସାଧାରଣତଃ ବାହାରକୁ ବହୁତ କମ୍ ବାହାରିଥାଆନ୍ତି । ଜଣେ ଅଧେ ବା କିଛି ଫ୍ୟାମିଲି ବାହାରକୁ ଆସିଛି । ସେମାନେ ଏଠାକୁ ଏପରି ଆସିନାହାଁନ୍ତି ଯେପରି ପାକିସ୍ତାନ୍‌ରେ ପରିସ୍ଥିତି ସୃଷ୍ଟି ହେବା ଯୋଗୁ ଏଠାକୁ ଲୋକମାନେ ଆସୁଛନ୍ତି । ଯଦିଚ ସେଠିକାର ପରିସ୍ଥିତି ମଧ୍ୟ ବହୁତ ବିପଦପୂର୍ଣ୍ଣ ଏବଂ ସେଠାରେ ଲୋକମାନେ ମଧ୍ୟ ଶହିଦ୍ ହୋଇଛନ୍ତି । ସେ ଯାହାହେଉ ସେଠିକାର ଜଣେ ମହିଳାଥିଲେ ଯାହାଙ୍କ ନାମ ହେଉଛି ସିଦ୍ଦିକା ସାହିବା । ଯିଏ ଗୋଟିଏ ପ୍ରାଇଭେଟ୍ କମ୍ପାନୀରେ ଇଞ୍ଜିନିୟର୍ ରୂପେ କାମ କରୁଥିଲେ । ସେ ୨୦୧୧ ମସିହାରେ ୟୁ.କେ ଜଲ୍‌ସାରେ ଯୋଗ ଦେବାପାଇଁ ଛୁଟି ଦରଖାସ୍ତ ଦେଲେ । ପ୍ରଥମେ ତାଙ୍କ ଇନ୍ତେଜାମିଆ ଛୁଟିର ଅନୁମତି ଦେଇଦେଲା କିନ୍ତୁ ପରେ ଯେତେବେଳେ ସେ ଜାଣିପାରିଲେ କି ଏ ହେଉଛନ୍ତି ଜଣେ ଅହେମଦୀ ଓ ନିଜ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଓ ଜଲ୍‌ସାରେ ସାମିଲ୍ ହେବାପାଇଁ ଯାଉଛନ୍ତି ତେବେ ଇନ୍ତେଜାମିଆ ତାଙ୍କୁ କହିଲା କି ତୁମକୁ ଋକିରୀରୁ ଇସ୍ତଫା ଦେଇ ଯିବାକୁ ହେବ ଓ ଆମେ ତୁମକୁ ଛୁଟି ଦେବୁନାହିଁ । ଏହାଶୁଣି ଉକ୍ତ ଅହେମଦୀ ମହିଳାଜଣକ ତତ୍‌କ୍ଷଣାତ୍ ଇସ୍ତଫା ଦେଇଦେଲେ । ତା'ପରେ ମୋତେ ସେ ଦୁଆ କରିବା ପାଇଁ ଚିଠି ମଧ୍ୟ ଲେଖିଲେ । ମୁଁ ତାଙ୍କୁ ଏହା ଲେଖିଥିଲି କି ଅଲ୍ଲାଃତାଲା ଆପଣଙ୍କ ଉପରେ ଫଜଲ କରିବେ ଓ ପୂର୍ବାପେକ୍ଷା ଉତମ ବ୍ୟବସ୍ଥା କରିଦେବେ । ସୁତରାଂ ଅମୀର୍ ସାହେବ୍ ଲେଖୁଛନ୍ତି କି ଅଲ୍ଲାଃତାଲା ଏପରି ଫଜଲ୍ କଲେ କି ଦେଶରେ ଋକିରୀ ଖୋଜିବା ପାଇଁ ବହୁତ ଦୌଡାଦୌଡି କରିବାକୁ ପଡ଼ିଥାଏ । କିନ୍ତୁ ସେ ଗୋଟିଏ ଯାଗାରେ ଦରଖାସ୍ତ ଦେଲେ ଓ ବିନା କୌଣସି ଚେଷ୍ଟାରେ ଏବଂ ପଳାଗୋଡାରେ ତତ୍‌କ୍ଷଣାତ୍ ସେଠାରେ ପୂର୍ବଠାରୁ ବଳି ବହୁତ ଭଲ ଋକିରୀ ମିଳିଗଲା । ତେବେ ଅଲ୍ଲାଃତାଲା ମଧ୍ୟ ଏପରି ଲୋକମାନଙ୍କ ଉପରେ ଅନୁଗ୍ରହ କରିଥାଏ ଯେତେବେଳେ ସେମାନେ କୁର୍ବାନୀ କରିଥାନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ଆଉ ଦୁଇଜଣ ମହିଳା ଅଛନ୍ତି ଯେଉଁମାନେ ପ୍ରତ୍ୟେକ ପ୍ରକାରର ଅତ୍ୟାଚାରକୁ ବର୍‌ଦାସ୍ତ୍ କରିଛନ୍ତି କିନ୍ତୁ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେଇଛନ୍ତି । ବାହାର ଦେଶକୁ ଆସିବା ପାଇଁ ସେଠାରେ ତାଙ୍କ ପାଇଁ କୌଣସି ସୁବିଧା ସୁଯୋଗ ନଥିଲା କିନ୍ତୁ ସେମାନେ କିଛି ପରବାୟ କଲେନାହିଁ । ବଙ୍ଗଳା ପ୍ରଦେଶ ଯାହା ଭାରତରେ ଅଛି, ସେଠାରୁ ଇନିସ୍‌ପେକ୍‌ଟର୍ ସାହେବ୍ ତହ୍‌ରିକ୍ ଯଦିଦ୍ ଗୋଟିଏ ଘଟଣା ଲେଖୁଛନ୍ନ୍ କି ଜମାତ୍ ଅହେମଦୀୟା ବିଥାରିର ଓ୍ୱାଜିଦ୍ ଅଲୀ ସାହେବ୍ ମଣ୍ଡଲ୍ ମର୍‌ହୁମ୍‌କୁ ୧୯୮୨ ମସିହାରେ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଥିଲା । ଅହେମଦୀୟତ୍ ଗ୍ରହଣ କରିବା ପରେ ଭୀଷଣ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା । ଏପରିକି ତାଙ୍କ ଭାଇମାନେ ମଧ୍ୟ ଭୀଷଣ ବିରୋଧି ହୋଇଗଲେ ଓ କୁଟୁମ୍ବରୁ ତାଙ୍କୁ କାଟିଦେଲେ । ଓ୍ୱାଜିଦ୍ ଅଲୀ ସାହେବ୍‌ଙ୍କର ଦୁଇଜଣ ଝିଅ - ଫାତ୍‌ମା ବେଗମ୍ ଏବଂ ମାଜ୍‌ଦା ବେଗମ୍‌ଙ୍କ ବିବାହ ଅହେମଦୀୟତ୍ ଗ୍ରହଣ କରିବା ପୂର୍ବରୁ ହୋଇସାରିଥିଲା । ତେଣୁ ତାଙ୍କର ସେହି ବିରୋଧି ଭାଇଜଣକ ଏ ମୌକାର ଲାଭ ଉଠାଇ ତାଙ୍କ ଦୁଇଜଣ ଗଏର୍ ଅହେମଦୀ ଜ୍ୱାଇଁମାନଙ୍କୁ ଉସ୍‌କାଇଲା । ଫଳତଃ ସେହି ଦୁଇଜଣ ଜ୍ୱାଇଁ ନିଜ ନିଜର ସ୍ତ୍ରୀ ଅର୍ଥାତ୍ ଫାଜିମା ଏବଂ ମାଜିଦାକୁ ସବୁ ପ୍ରକାରର ଦୁଃଖ କଷ୍ଟ ଦେବା ଆରମ୍ଭ କରିଦେଲେ । ଏଥିପାଇଁ କି ବୋଧହୁଏ ଝିଅମାନଙ୍କ ଯୋଗୁ ବାପାଙ୍କ ଉପରେ ଏହାର ପ୍ରଭାବ ପଡ଼ିବ ଏବଂ ସେ ଅହେମଦୀୟତ୍‌ରୁ ତୌବା କରିନେବେ ଓ ଅହେମଦୀୟତ୍‌କୁ ଛାଡିଦେବେ । କିନ୍ତୁ ବାପା ଏହାର କୌଣସି ପରବାୟ କଲେନାହିଁ, ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ । ପରିଶେଷରେ ଜ୍ୱାଇଁମାନେ କୋର୍ଟ୍ ଜରିଆରେ ନିଜ ନିଜର ସ୍ତ୍ରୀଙ୍କ ନିକଟକୁ ତଲାକ୍‌ନାମା ପଠାଇଦେଲେ । ଫାତ୍‌ମା ମଧ୍ୟ ଅହେମଦୀ ହୋଇନଥିଲେ । ସେ ନିଜର ଦୁଇଜଣ ଛୋଟ ପିଲାଙ୍କୁ ନେଇ ମା' ଘରକୁ ଚାଲି ଆସିଲେ ଏବଂ ସେଠାରେ ଅହେମଦୀୟତ୍ ସମ୍ବନ୍ଧରେ ଅଧିକା ଜ୍ଞାନ ଆହରଣ କଲେ । ସେହିପରି ଅନ୍ୟ ଭଉଣୀ ଜଣକ ମଧ୍ୟ ଅହେମଦୀୟତ୍ ବିଷୟରେ ଜ୍ଞାନ ଆହରଣ କଲେ ଏବଂ ସେ ଦୁଇଜଣଯାକ ପଢ଼ି, ବୁଝି ଅହେମଦୀୟତ୍ ଗ୍ରହଣ କରିନେଲେ । କିଛି ଦିନ ପରେ ମାଜ୍‌ଦା ନାମକ ଝିଅର କାଦିଆନ୍‌ରେ ବିବାହ ହୋଇଗଲା ଏବଂ ସେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବହୁତ ଖୁସିରେ ଜୀବନ ବିତାଉଛନ୍ତି । କିନ୍ତୁ ଫାତିମାକୁ ଅହେମଦୀୟତ୍ ଗ୍ରହଣ କରିବା ଯୋଗୁ ନିଜର ଖୁସି ଜୀବନକୁ ଉତ୍ସର୍ଗ କରିବାକୁ ପଡ଼ିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଙ୍କର ଦୃଢ଼ ପଦରେ କୌଣସି ଦୁର୍ବଳତା ଦେଖାଗଲାନାହିଁ । ସେ ସେଠାରେ ସିଲାଇ କରିବାର ଛୋଟଛୋଟ ମାମୁଲି କାମ କରି ଗୁଜୁରାଣ ମେଂଟାଉଥିଲେ ଓ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଅହେମଦୀୟତ୍ ଗ୍ରହଣ କରିବା ପରେ ତାଙ୍କ ଇମାନ୍ ମଧ୍ୟ ମଜ୍‌ବୁତ୍ ହେଲା । ଲେଖିବାବାଲା ଲେଖୁଛନ୍ତି କି ସେ ମାଲି କୁର୍ବାନୀ ମଧ୍ୟ ନିଜ ସାମର୍ଥ୍ୟଠାରୁ ବଳି ଦଶଗୁଣା କରୁଛନ୍ତି ଏବଂ ଅହେମଦୀୟତ୍ ଗ୍ରହଣ କରିବା ପରେ ସେ ସର୍ବଦା ଏ ଚେଷ୍ଟା କରୁଥିଲେ, ଓ ତାଙ୍କର ଏ ଅଭ୍ୟାସ ଥିଲା କି ସବୁ ପ୍ରକାର କୁର୍ବାନୀ ସେ ଜମାତ୍ ଖାତିର୍ ଆଗକୁ ଆଗକୁ ଦେଇଋଲିବେ । ତେବେ ଦେଖନ୍ତୁ ଏପରି ମଧ୍ୟ କୁର୍ବାନୀ କରିବାବାଲା ମହିଳା ଅଛନ୍ତି ଯେଉଁମାନେ ବାହାରକୁ ମଧ୍ୟ ଆସିପାରୁନାହାଁନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ହିନ୍ଦୁସ୍ତାନ୍‌ର ଜଣେ ନିଷ୍ଠାବାନ୍ ମହିଳାଙ୍କର ଚର୍ଚ୍ଚା କରି ବେଙ୍ଗଲ୍‌ର ସର୍କଲ୍ ଇନ୍‌ଚାର୍ଯ୍ ସାହେବ୍ ଲେଖୁଛନ୍ତି କି ଜଣେ ବ୍ୟକ୍ତି ହେଉଛନ୍ତି ଫଜ୍‌ଲୁର୍ ରହେମାନ୍ ସାହେବ୍ ଯିଏ କଲିକତାରେ ଟାଇପିଷ୍ଟ୍ ଥିଲେ । ସେ ବୟତ୍ କଲେ । କିନ୍ତୁ ତାଙ୍କ ସ୍ତ୍ରୀ ତାଙ୍କର ଭୀଷଣ ବିରୋଧ କରୁଥିଲେ ଏପରିକି ସ୍ୱାମୀଙ୍କ ସହିତ ରହିବାକୁ ମଧ୍ୟ ଚାହିଁଲେ ନାହିଁ ଓ ନିଜର ବାପ ଘରକୁ ଚାଲିଗଲେ । କିନ୍ତୁ କିଛି ଦିନ ପରେ ସେ ଗୋଟିଏ ସ୍ୱପ୍ନର ଆଧାରରେ ବୟତ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

କରିନେଲେ ଓ ସ୍ୱାମୀଙ୍କ ପାଖକୁ ଫେରିଆସିଲେ । ପୁଣି ସେ ମୁଖାଲିଫତ୍‌କୁ ଦମ୍ଭର ସହିତ ମୁକାବିଲା କଲେ । ନିକଟ ସମ୍ପର୍କୀୟମାନେ ଓ ମୁଲାମାନେ ବହୁତ ଜୋର୍ ଲଗାଇଲେ । ସମ୍ପର୍କୀୟମାନେ ତାଙ୍କୁ ମାଡଗାଳି ମଧ୍ୟ ଦେଲେ । ଏକଦା ତାଙ୍କୁ ଏତେମାତ୍ରାରେ ମାରିଲେ ଯେ ସେହି ମାଡଯୋଗୁ ତାଙ୍କୁ ଡାକ୍ତରଖାନାରେ ଆଡ୍‌ମିଟ୍ ହେବାକୁ ପଡ଼ିଲା କିନ୍ତୁ ସେ ଅହେମଦୀୟତ୍‌ରେ ଦୃଢ଼ତାର ସହିତ ରହିଲେ । ସେହି ଗ୍ରାମରେ ତାଙ୍କର ଗୋଟିଏ ଫ୍ୟାମିଲି ଅହେମଦୀ ଥିଲା । ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ମୁଲାମାନେ ବହୁତ କୋଳାହଳ ଓ ପାଟିତୁଣ୍ଡ କଲେ କି ଏଠାରେ ତୁମକୁ ଦଫନ୍ (ଅନ୍ତେଷ୍ଟିକ୍ରିୟା) କରିବାକୁ ଦେବୁନାହିଁ । ସେହି ମହିଳାଜଣକ ମୁବଲିଗ୍ ସାହେବ୍‌ଙ୍କୁ ଫୋନ୍ କଲେ କି ଅହେମଦୀ ମାନଙ୍କୁ ନେଇ ଏଠାକୁ ଆସ ଯଦ୍ୱାରା ତଦ୍‌ଫିନ୍ କରାଯାଇପାରିବ । ବିରୋଧିମାନେ କବର୍ ସ୍ଥାନ୍‌ରେ ଦଫନ୍ କରିବା ପାଇଁ ରୋକିଦେଇଛନ୍ତି । ସେ ବହୁତ ସାହାସୀ ମହିଳା ଥିଲେ । ସେ କହିଲେ କୌଣସି କଥାନାହିଁ, ଯଦି କବରସ୍ଥାନରେ ଦଫନ କରିବାକୁ ଦେଉନାହିଁ ତେବେ ମୁଁ ତାଙ୍କୁ ନିଜ ଘରଅଗଣାରେ ହିଁ ଦଫନ୍ କରିନେବି । ସୁତରାଂ ଆମେ ଅହେମଦୀମାନେ ଯନାଜାଃ ପଢ଼ିଲେ ଓ ତାଙ୍କ ଘର ଅଗଣାରେ ହିଁ ତଦ୍‌ଫିନ୍ ହେଲା । ବର୍ତମାନ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତାଙ୍କର ଜଣେ ପୁଅ ମୁଅଲ୍ଲିମ୍ ମଧ୍ୟ ଅଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ଏହିପରି ହିନ୍ଦୁସ୍ତାନ୍‌ର ଆଉଜଣେ ନିଷ୍ଠାବାନ୍ ମହିଳାଙ୍କର କଥା ଅଛି । ନାରାୟଣପୁର୍ ଜିଲ୍ଲା ଖମମ୍ ଆନ୍ଧ୍ରପ୍ରଦେଶରେ ଭୀଷଣ ମୁଖାଲିଫତ୍ ହେବା ଯୋଗୁ ଲୋକମାନେ ଅହେମଦୀୟତ୍‌ରୁ ଦୂରେଇ ଯାଇଥିଲେ । ପ୍ରଥମେ ଅହେମଦୀୟତ୍ ଗ୍ରହଣ କରିଥିଲେ । ପୁଣି ଭୟରେ ଚୁପ୍ ହୋଇଯାଇଥିଲେ । କିନ୍ତୁ ଦୁଇଟି ଘର ମୁଖାଲିଫତ୍‌ରେ ମଧ୍ୟ ଦୃଢ଼ତାର ସହିତ ରହିଲେ । ତାଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବି ଜାନ୍ ସାହିବା । ଯାହାଙ୍କ ବୟସ ହେଉଛି ୬୫ବର୍ଷ ଓ ତାଙ୍କର ମାମୁଲି ଜମିବାଡି ଥିଲା । ମୁଖାଲିଫତ୍ ପରେ ସେ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗଦେବା ପାଇଁ ମନସ୍ଥ କଲେ । କାଦିଆନ୍‌ରୁ ଯେତେବେଳେ ଫେରିଲେ ସେତେବେଳେ ଯେଉଁ ମୁଖାଲିଫ୍‌ମାନେ ସାରା ଗାଁକୁ ଡରାଇ ରଖିଥିଲେ, ସେମାନେ ତାଙ୍କ ପାଖକୁ ଆସିଲେ ଏବଂ ଧମକ ଦେଲେ କି ତୁମ ସ୍ୱାମୀ ଜଣେ ବୃଦ୍ଧ ଲୋକ, ଯଦି ସେ ମରିଯିବ ତେବେ ଯନାଜାଃ ପଢ଼ିବା ପାଇଁ କେହି ଆସିବେ ନାହିଁ, ଲାସ୍ ପଡି ରହିବ ଏବଂ ସଢ଼ିଯାଇ ସେଥିରେ ପୋକ ହୋଇଯିବେ । ବି ଜାନ୍ ସାହିବା କହିଲେ ମୋର ଏଥିରେ କୌଣସି ପରବାୟ ନାହିଁ । ମୁଁ ମୋ ଇମାନ୍‌ରେ କାଏମ୍ ଅଛି ଓ ମୋ ଖୁଦା ତୁମକୁ ଜରୁର ଦଣ୍ଡ ଦେବେ । ମୁଁ କାଦିଆନ୍‌ରେ ଯାଇ ବହୁତ ଦୁଆ କରିଛି । ସେ ଯାହାହେଉ, କିଛିଦିନ ପରେ ଯେଉଁ ବ୍ୟକ୍ତିଜଣକ ମୁଖାଲିଫତ୍ କରିବାରେ ଅହରହ ଲାଗିଥିଲା ସେହିବ୍ୟକ୍ତି ଜଣକ ସନ୍ଦିଗ୍ଧ ଅବସ୍ଥାରେ ମୃତ ଅବସ୍ଥାରେ ମିଳିଲା । ତାର ପୋଷ୍ଟମୋଟମ୍ କରାଗଲା । ଓ ତିନିଦିନ ପର୍ଯ୍ୟନ୍ତ ତା ଲାସ୍‌କୁ ନେବାପାଇଁ କେହି ଆସିଲେନାହିଁ । ପୁଣି ଲୋକେ କହୁଛନ୍ତି କି ତାଙ୍କ ଲାସ୍‌ରେ ପୋକ ହୋଇଗଲା । ତେବେ ଅଲ୍ଲାଃତାଲା ମଧ୍ୟ ନିଜ ଭକ୍ତଙ୍କ ପାଇଁ ଓ ଯାହାଙ୍କ ଉପରେ ଅତ୍ୟାଚାର କରାଯାଇଛି ସେମାନଙ୍କର ଆହ୍ (ନିଃଶ୍ୱାସ) ଶୁଣିଥାଏ ସେତେବେଳେ ସେ ଗୋଟିଏ ସ୍ପଷ୍ଟ ନିଦର୍ଶନ ରୂପେ ତାର ଫଳ ମଧ୍ୟ ଦେଖାଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପୁଣି ଆଉଜଣେ ମହିଳା ଅଛନ୍ତି ଇର୍‌ଫାନା ସାହିବା । ସେ ସାହାରନ୍‌ପୁର୍‌ର ଅଟନ୍ତି । ସେ ତାଙ୍କ ସ୍ୱାମୀ ଉପରେ ବିତିଥିବା ଦୁଃଖଦପୁର୍ଣ୍ଣ ଘଟଣାକୁ ଚର୍ଚ୍ଚା କରି କହୁଛନ୍ତି ଯେ ୨୦୦୮ ମସିହାରେ ଅହେମଦୀୟତ୍ ବିରୋଧି ଲୋକମାନଙ୍କ ତରଫରୁ ଅହେମଦୀୟତ୍ ଉପରେ ଯେଉଁ ଜୁଲୁମ୍ ଓ ଅତ୍ୟାଚାର ଓ ବର୍ବରକାଣ୍ଡର ବ୍ୟବହାର କରାଗଲା ତାକୁ ଦେଖି ଲୋକ ଟାଙ୍କୁରି ଉଠୁଛି । ମୁଁ ତାହା ନିଜ ଆଖିରେ ଦେଖିଛି । ସେ ପୁଣି କହୁଛନ୍ତି କି ୨୦୦୬ ମସିହାରେ ଅହେମଦୀୟତ୍ ସମ୍ବନ୍ଧରେ ଆମେ ଜାଣିବାକୁ ପାଇଲୁ । ମୋ ସ୍ୱାମୀଙ୍କର ଲୁଗା ଦୋକାନ ଥିଲା । ଦ୍ୱିପ୍ରହର ସମୟରେ ତାଙ୍କର ନୁଆ ସାଙ୍ଗ ଯିଏ ଅହେମଦୀୟତ୍‌କୁ ଭଲରେ ଜାଣିଥିଲେ, ଆସି ତାଙ୍କ ପାଖରେ ବସନ୍ତି ଓ ଦୁଇଜଣକ ମଧ୍ୟରେ ଘଂଟାଘଂଟା ଧରି ବାର୍ତାଳାପ ଚାଲେ ଓ ଯୁକ୍ତିତର୍କ ମଧ୍ୟ ହୁଏ । ସେ କହୁଛନ୍ତି କି ମୋ ସ୍ୱାମୀ ଜମାତ୍ ଇସ୍‌ଲାମୀ ସହିତ ସମ୍ପର୍କ ରଖିଥିଲେ ଓ ସେ ସମୟରେ ପାଖାପାଖି ୮ବର୍ଷ ହେବ ସାହାରନ୍‌ପୁର୍‌ର ଜମାତି ଇସ୍‌ଲାମୀ ଫିର୍‌କାର ଅମୀର୍ ମଧ୍ୟ ଥିଲେ । ସେଇଥିପାଇଁ ତାଙ୍କର ଯୁକ୍ତ ମଧ୍ୟ ବହୁତ ଥିଲା । ପୁଣି ସେ କହୁଛନ୍ତି କି ୨୦୦୬ ମସିହାରେ ମୋର ବଡପୁଅ କାଦିଆନ୍ ଗଲା ଓ ସେଠାରେ ଯାଇ ବୟତ୍ କରିନେଲା । ତାପରେ ପାଖାପାଖି ୧ବର୍ଷ ପର୍ଯ୍ୟନ୍ତ ବୟତ୍ କରିବା ବିଷୟରେ ଆମକୁ ଲୁଚାଇ ରଖିଲା । ଯେତେବେଳେ ଆମେ ଏହା ଜାଣିପାରିଲୁ ଯେ ସେ ଅହେମଦୀ ହୋଇଯାଇଛି ବୋଲି ସେତେବେଳେ ମୋର ଛୋଟପୁଅ ମଧ୍ୟ ବୟତ କରିନେଲା । ସେ ତାକୁ ମଧ୍ୟ ଚୁପ୍‌ଚାପ୍ ତବ୍‌ଲିଗ୍ କରିଚାଲିଥିଲା । ଏହାପରେ ମୋ ସ୍ୱାମୀ ଓ ଆମର କିଛି ନିକଟ ସମ୍ପର୍କୀୟ କାଦିଆନ୍ ଯିବାର ପ୍ରୋଗ୍ରାମ୍ ବନାଇଲେ । କାଦିଆନ୍ ଆସିବାରେ ସେ ଯାହାକିଛି ଦେଖିଲେ ଓ ଅନୁଭବ କଲେ ସେ ସମ୍ବନ୍ଧରେ ସେ କହୁଛନ୍ତି କି କାଦିଆନ୍ ସମ୍ବନ୍ଧରେ ଆମର ଯେଉଁ ମୌଲବୀ ସାହାବାନ୍‌ମାନେ କହୁଛନ୍ତି ତାହା ଭୁଲ୍ କଥା କହୁଛନ୍ତି । ଆମେ ତ ସେଠାରେ ସେମାନଙ୍କ କଥାର ବିଲ୍‌କୁଲ୍ ଓଲଟା ଦେଖିବାକୁ ପାଇଲୁ । ସେମାନଙ୍କ ନିକଟରେ ସବୁକିଛି ମିଥ୍ୟା ଥିଲା । କୌଣସି ବାସ୍ତବିକତା ନଥିଲା । କାଦିଆନ୍‌ରୁ ଫେରି ସେମାନେ ଆମ ସମ୍ମୁଖରେ କାଦିଆନ୍‌ର ସତ୍ୟାସତ୍ୟ ବର୍ଣ୍ଣନା କଲେ । ଯାହାକୁ ଶୁଣି ମୋ ହୃଦୟ ମଧ୍ୟ ଶାନ୍ତ ହୋଇଗଲା । ସୁତରାଂ କହୁଛନ୍ତି କି ୨୭ମଇ ୨୦୦୮କୁ ଆମେ ସମସ୍ତେ ବୟତ କରିନେଲୁ । ସେହିଦିନ ଯେବେ ଲାହୋର୍‌ଠାରେ ଅତ୍ୟାଚାର କରି ଦୁଇଗୋଟି ମସ୍‌ଜିଦ୍‌ରେ ଆମ ଅହେମଦୀ ମାନଙ୍କୁ ଶହିଦ୍ କରାଯାଇଥିଲା । ସେହିଦିନ ଅଲ୍ଲାଃତାଲା ଏହି ସମ୍ପୂର୍ଣ୍ଣ କୁଟୁମ୍ବଟିକୁ ଅହେମଦୀୟତ୍‌ରେ ସାମିଲ୍ ହେବାପାଇଁ ଶକ୍ତି ପ୍ରଦାନ କଲେ ।

ଏହାପରେ ସେ କହୁଛନ୍ତି କି ଆଖପାଖର ଲୋକମାନେ ଆମ ଉପରେ ସନ୍ଦେହ କରିବା ଆରମ୍ଭ କରିଦେଲେ । ବୋଧହୁଏ ସେମାନଙ୍କୁ ଜଣାପଡିଗଲା କି ଆମେ ଅହେମଦୀ ହୋଇଯାଇଛୁ ବୋଲି । ଯେତେଯେତେ ସମୟ ବିତୁଥିଲା ଏହି ସନ୍ଦେହ ବିଶ୍ୱାସରେ ପରିବର୍ତନ ହୋଇଗଲା ଓ ମୁଖାଲିଫତ୍ ବଢ଼ିଚାଲିଲା । ଆମ ବନ୍ଧୁବାନ୍ଧବ ଆମଙ୍କୁ ବାଇକାଟ୍ କରିଦେଲେ । ଲୋକମାନେ ଆମକୁ କାଦିଆନୀ କହି ଚିଡାଇବାକୁ ଲାଗିଲେ । ପିଲାମାନଙ୍କୁ ହଇରାଣ ହରକତ କରିଲେ । ମୁସଲ୍‌ମାନ୍ ଦୋକାନୀମାନେ ଆମକୁ ସଉଦାପତ୍ର ଇତ୍ୟାଦି ଦେବା ବନ୍ଦ୍ କରିଦେଲେ । ମାରିବା ଏବଂ ହତ୍ୟା କରିବା ପାଇଁ ଧମକ ମିଳିଲା । ଆମ ବିରୁଦ୍ଧରେ ପ୍ରପଗଣ୍ଡା ଆରମ୍ଭ ହୋଇଗଲା ଓ ଅବସ୍ଥା ବିଗିଡିଗଲା । ମୁଖାଲିଫତ୍ ଆହୁରି ଦୃଢ଼ରୁ ଦୃଢ଼ତର ହୋଇଚାଲିଲା କିନ୍ତୁ ଆମ ସମସ୍ତଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ । ଆମେ ଆମର ନିଷ୍ପତି ଓ ଆମ ଇମାନ୍ ଉପରେ ଦୃଢ଼ତାର ସହିତ କାଏମ୍ ରହିଲୁ । ପୁଣି ସେ କହୁଛନ୍ତି କି ମୋ ପିଲାମାନଙ୍କୁ ସ୍କୁଲ୍‌ରେ ବହୁତ ହଇରାଣ କରାଯାଉଥିଲା । ପିଲାମାନଙ୍କ ସାଙ୍ଗସାଥିମାନେ ହଇରାଣ ହରକତ୍ କରି କହୁଥିଲେ କି ତୁମେମାନେ ପଇସା ନେଇ ବୟତ୍ କରିଛ । ସେହି ପିଲାମାନଙ୍କୁ ସେହି ସ୍କୁଲ୍‌ର କିଛି ଶିକ୍ଷକ ଓ ମୁଲାମାନେ ଏକଥା ଶିଖାଇଥିଲେ କି ଏହି ଲୋକମାନେ ପଇସା ନେଇ ନିଜର ଇମାନ୍‌କୁ ବିକ୍ରି କରିଦେଇଛନ୍ତି । ପୁଣି ସେ କହୁଛନ୍ତି କି ସୁତରାଂ ପ୍ରତ୍ରେକ ପ୍ରକାରର ହଇରାଣ ହରକତ୍ ଆମକୁ କରାଯାଉଥିଲା । ପିଲାମାନଙ୍କ ବାହାରକୁ ବାହାରିବା ମୁସ୍‌କିଲ୍ ହୋଇଗଲା । ସେଥିଯୋଗୁ ଆମେ ସମସ୍ତେ ବ୍ୟତିବ୍ୟସ୍ତ ହୋଇଯାଉଥିଲୁ । ସ୍କୁଲ୍ ଯିବା, ଟିଉସନ୍ ସେଂଟର୍ ଇତ୍ୟାଦି ଯିବା ବନ୍ଦ୍ ହୋଇଗଲା । ସବୁ ବନ୍ଧୁବାନ୍ଧବ ଓ ସାହି ପଡ଼ିଶାର ଲୋକମାନେ ଆମର ସୋସିଆଲ୍ ବାଇକଟ୍ କରିଦେଲେ । କେହି ଆମ ସହିତ କଥା ହେଉନଥିଲେ । ସୁତରାଂ ସେମାନେ କୌଣସି ପ୍ରକାର ମଧ୍ୟ ହଇରାଣ ହର୍‌କତ୍ କରିବାର ଶୈଳୀକୁ ବ୍ୟବହାର କରିବା ଛାଡିନାହାଁନ୍ତି । ସ୍ୱାମୀଙ୍କ ସହିତ ମଧ୍ୟ ଦୋକାନୀମାନେ ଖରାପ ବ୍ୟବହାର କରିବା ଆରମ୍ଭ କରିଦେଲେ ଓ ତାଙ୍କ ଦୋକାନ୍‌ର ଚାରିପଟେ ସେମାନେ କିଛି ଜଗୁଆଳଙ୍କୁ ଜଗାଇଦେଲେ ଯଦ୍ୱାରା କୌଣସି ବନ୍ଧୁବାନ୍ଧବ ଆମ ଘରକୁ ନଆସିପାରିବେ । ମୁସଲ୍‌ମାନ୍‌ମାନେ ଆମଠାରୁ ସାମାନ୍ ନେବା ବନ୍ଦ୍ କରିଦେଲେ, ଯେଉଁଥିପାଇଁ ଆମ ଦୋକାନ୍‌ର କାମ ଦିନକୁ ଦିନ ଶେଷ ହୋଇଯାଉଥିଲା । ସେ ପୁଣି କହୁଛନ୍ତି ଯେତେବେଳେ ମୋ ସ୍ୱାମୀ ଘରକୁ ଆସୁଥିଲେ ତାଙ୍କ ସହିତ ଦିନଯାକ ବିତୁଥିବା ଅବସ୍ଥାକୁ ବତାଉଥିଲେ । ସେ କହୁଛନ୍ତି ଗୋଟିଏ ରାତି ପାଖାପାଖି ୧୨ଟା ବେଳେ ଯେତେବେଳେ ଆମେ ଶୋଇପଡିଥିଲୁ । ସେତିକି ବେଳେ ସାହିର ଗୋଟିଏ ପୁଅପିଲା ପାଟି କରିବା ଆରମ୍ଭ କରିଦେଲା କି ତୁମର ଦୋକାନକୁ ଜଳାଇ ଦିଆଯାଇଛି । ଘରର ସମସ୍ତ ପୁରୁଷ ଶିଘ୍ରଶିଘ୍ର ଉଠି ଦୋକାନ ଆଡକୁ ଧାଇଁଗଲେ । ସେଠାରେ ଯାଇ ଦେଖିଲେ କି ନିଆଁ ଲାଗିଥିଲା । ସେ ଯାହାହେଉ ଫାୟାର୍ ବିଗ୍ରେଡ୍ ଆସିଯାଇଥିଲା । ଏବଂ ଆସି ନିଆଁ ଲିଭାଉଥିଲା ଓ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଅଧିକ କିଛି କ୍ଷତି ହେଲାନାହିଁ । ସେ କହୁଛନ୍ତି କି ଏହିପରି ସବୁ ଅସୁବିଧା ସତ୍ୱେ ମଧ୍ୟ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଆମେ ନିଜ ଇମାନ୍ ଉପରେ ତିଷ୍ଠି ରହିଲୁ ଓ ଜମାତ୍ ସହିତ ଯୋଡି ହୋଇ ରହିଲୁ । ମୁଖାଲିଫତ୍ ଯୋଗୁ କଦାପି ଏକଥା ଆମ ମନରେ ଆସିନାହିଁ ଯେ ଅହେମଦୀୟତ୍ ଗ୍ରହଣ କରିଥିବା ଯୋଗୁ ଆମ ଉପରେ ଏପରି ଅତ୍ୟାଚାର କରାଯାଉଛି । ସେ କହୁଛନ୍ତି ଯେତେମାତ୍ରାରେ ଅତ୍ୟାଚାର ବଢ଼ିଚାଲିଲା ସେତେ ମାତ୍ରାରେ ଆମ ଇମାନ୍ ମଧ୍ୟ ସୁଦୃଢ଼ ହୋଇଚାଲିଲା । ସହରର ମୌଲବୀମାନେ ଦିନ ରାତି ଆମ ବିରୋଧରେ ଜଲ୍‌ସା ଇତ୍ୟାଦି କରିବାକୁ ଲାଗିଲେ । ସହରର ଗୋଟିଏ ଭାଗ ମୁସଲ୍‌ମାନ୍ ମାନଙ୍କର ଥିଲା ଓ ଆଉଗୋଟିଏ ଭାଗ ହିନ୍ଦୁମାନଙ୍କର ଥିଲା । ମୁସଲ୍‌ମାନ୍ ଇଲାକାରେ ସେମାନେ ଯେତେମାତ୍ରାରେ ମୁଖାଲିଫତ୍ କରିପାରିଥାଆନ୍ତେ, କରୁଥିଲେ । ସେ କହୁଛନ୍ତି କି ଗୋଟିଏ ରାତି ଅହେମଦୀୟତ୍ ବିରୋଧିମାନେ ଆମ ବିରୋଧରେ ବହୁତ ବଡ ଜଲ୍‌ସାର ଆୟୋଜନ କଲେ । ସାରା ସହରରେ ଲାଉଡ୍ ସ୍ପିକର୍ ମାଧ୍ୟମରେ ଜଲ୍‌ସା ପ୍ରୋଗ୍ରାମ୍ ଶୁଣାଇବାର ବ୍ୟବସ୍ଥା କରାଗଲା ଏବଂ ବହୁତ ବିରୋଧପୁର୍ଣ୍ଣ ଭାଷଣ ଦିଆଗଲା ।

ସେ କହୁଛନ୍ତି- ସେହି ରାତିରେ ଆମକୁ ଖବର ମିଳିଲା ଯେ ମୁଖାଲିଫ୍‌ମାନେ ଆମର ଜଣେ ଅହେମଦୀ ଭାଇ ଅଫ୍‌ଜାଲ୍ ଅହେମଦ୍‌ଙ୍କ ଘରେ ହାମେଲା କରିଦେଇଛନ୍ତି ଏବଂ ତାଙ୍କୁ ବହୁତ ମାଡପିଟା କରାଯାଇଛି । ଫଳତଃ ସେ ଭୀଷଣ ଆଘାତ ପାଇଛି । ଏହାପରେ ସାହାରନ୍‌ପୁର୍‌ରେ ଯେତେକ ଅହେମଦୀ ଘର ଥିଲା ଜଣଜଣ କରି ସମସ୍ତଙ୍କ ଉପରେ ଆକ୍ରମଣ କରାଗଲା । ପରଦିନ ଜୁମା ନମାଜ ପରେ ବିରୋଧିମାନେ ଆମ ଘର ଉପରେ ମଧ୍ୟ ଆକ୍ରମଣ କରିଦେଲେ ଓ ଆମ ବିରୋଧରେ ସେମାନେ ନାରା ଲଗାଉଥିଲେ । ସେତେବେଳେ ମୁଁ ଏକୁଟିଆ ଘରେ ଥିଲି । ମୁଁ ନିଜ ପିଲାମାନଙ୍କୁ ଘରର ପଛ କୋଠରୀରେ ଲୁଚାଇଦେଲି । ମୋ ଦିଅରଙ୍କ ଘରେ ମୁଖାଲିଫ୍‌ମାନେ ପଶି ବହୁତ ଧନ ସମ୍ପତି କ୍ଷତି କଲେ । ମୁଁ ଏକୁଟିଆ ସେ ସମସ୍ତଙ୍କୁ ସମ୍ମୁଖୀନ ହେଉଥିଲି ଓ ସେମାନଙ୍କ ସମ୍ମୁଖରେ ହାର୍ ମାନିଲିନାହିଁ । ସେମାନେ ନିଆଁ ଲଗାଇବାକୁ ଯାଉଥିଲେ କି ପୋଲିସ୍ ଆସିଗଲା । ପୋଲିସ୍ ଆସି ସେ ସମସ୍ତଙ୍କ ଉପରେ ଲାଠି ଚାର୍ଜ୍ କଲା । ଆଖି ପୋଡିବା ଗ୍ୟାସ୍ ବ୍ୟବହାର କଲେ ବିରୋଧୀମାନଙ୍କର ସଂଖ୍ୟା ବହୁତ ଥିଲା । ପୋଲିସ୍ ସେମାନଙ୍କୁ ଆୟତ କରିପାରୁନଥିଲା । ପୋଲିସ୍ ମଧ୍ୟ ଡରୁଥିଲା । ତେଣୁ ପୋଲିସ୍ ଆମକୁ ଏ ଉପଦେଶ ଦେଲେ କି ଆପଣମାନେ କିଛି ସମୟପାଇଁ ଏଠାରୁ ଚାଲିଯାଆନ୍ତୁ । ବର୍ତମାନ ଅବସ୍ଥା ଠିକ୍ ନାହିଁ । ପୁଣି ସେ କହୁଛନ୍ତି- ସେହି ରାତିରେ ହିଁ ଆମେ ସାହାରନ୍‌ପୁର୍‌କୁ ଛାଡି କାଦିଆନ୍ ନିମନ୍ତେ ବାହାରିପଡ଼ିଲୁ । କିନ୍ତୁ ଏହି ସବୁ ପରିସ୍ଥିତି ସତ୍ୱେ ମଧ୍ୟ ଆମେ ଦୃଢ଼ତା ପ୍ରଦର୍ଶନ କଲୁ । ସୁତରାଂ ଯେତେବେଳେ ଇମାନ୍ ମିଳିଯାଏ ଓ ଯଦି ତାହା ପ୍ରକୃତ ଇମାନ୍ ହୋଇଥାଏ ସେତେବଳେ ଧୈର୍ଯ୍ୟ ମଧ୍ୟ ମିଳିଯାଏ । ମହିଳା ଓ ପିଲାମାନଙ୍କର ଧୈର୍ଯ୍ୟ ଓ ଦୃଢ଼ତା ପୁରୁଷମାନଙ୍କଠାରେ ମଧ୍ୟ ସାହସ ସୃଷ୍ଟି କରିଥାଏ । ଯଦି ଏହି ମହିଳା ଓ ପିଲାମାନେ ଭୀରୁତା ଦେଖାଇବେ ତେବେ ପୁଣି ପୁରୁଷମାନେ ମଧ୍ୟ ବ୍ୟତିବ୍ୟସ୍ତ ହୋଇଯିବେ । ସୁତରାଂ ଏମାନେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ବାହାରକୁ ଯାଇପାରନ୍ତି ନାହିଁ କିନ୍ତୁ ସେଠାରେ ରହି ବିରୋଧକୁ ସାମ୍‌ନା କରୁଛନ୍ତି । ଅଧିକରୁ ଅଧିକ ଏମାନେ କାଦିଆନ୍ ଚାଲିଯାଇଛନ୍ତି । କ୍ରମଶଃ.... ।

**(ବହଓ୍ୱାଲା ଅଖ୍‌ବାର୍ ବଦର୍ ୮ ନଭେମ୍ବର୍ ୨୦୧୮)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 06 December 2018 Issue No.49

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

### ୧୨ ସେପ୍ଟେମ୍ବର ୨୦୧୮ (ବୁଧବାର)
### ଜର୍ମାନୀରୁ ରୱାନ୍‌ଗି ଏବଂ ବ୍ରିସେଲ୍‌ଜ୍ ବେଲ୍‌ଜିୟମ୍‌ଠାରେ ପଦାର୍ପଣ

ହଜୁର୍ ଅନୁୱର୍ ଅ:ବ:ଅ ୫:୫୦ରେ ଆସି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ । ।

ଆଜି ପ୍ରୋଗ୍ରାମ୍ ମୁତାବକ ଫ୍ରାଙ୍କଫର୍ଟ୍ ଜର୍ମାନୀରୁ ବ୍ରିସିଲ୍‌ଜ୍ (ବେଲ୍‌ଜିୟମ୍) ନିମନ୍ତେ ଯାତ୍ରା କରିବାର ଥିଲା । ଫ୍ରାଙ୍କଫର୍ଟ୍ ରିଜିଅନ୍ ଏବଂ ଆଖପାଖର ଜମାତ୍‌ର ପୁରୁଷ ଓ ମହିଳା, ଛୋଟଛୋଟ ପିଲାମାନେ ଓ ବୃଦ୍ଧ ଲୋକମାନେ ବହୁସଂଖ୍ୟାରେ ବଇତୁସ୍ ସବୁହୁର ପ୍ରାଙ୍ଗଣଠାରେ ଆସି ନିଜ ପ୍ରୀୟ ଆକାଙ୍କୁ ବିଦାୟ ଦେବାପାଇଁ ସକାଳରୁ ହିଁ ଏଠାରେ ଏକତ୍ରିତ ହେଉଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ସକାଳ ୧୦:୫୦ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ଛୋଟଛୋଟ ପୁଅଝିଅମାନେ ଦଳଦଳ ହୋଇ ବିଦାୟ ସମ୍ବର୍ଦ୍ଧନା ମୂଳକ ନଜମ ପାଠ କରୁଥିଲେ । ଜମାତ୍‌ର ଲୋକମାନେ ଦୁଇଧାଡି ହୋଇ ଛିଡା ହୋଇଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଜମାତ୍‌ର ଲୋକମାନଙ୍କ ଗହଣରେ କିଛି ସମୟ ବିତାଇଲେ । ସମସ୍ତ ଛୋଟ ବଡ ନିଜ ପ୍ରିୟ ଆକାଙ୍କ ଦର୍ଶନ କଲେ । ମହିଳାମାନେ ଗୋଟିଏ ପଟେ ରହି ହଜୁର୍‌ଙ୍କୁ ଦର୍ଶନ କରୁଥିଲେ ।

୧୦:୫୫ରେ ହଜୁର୍ ଅନୁୱର୍ ଅ:ବ:ଅ ଦୁଆ କରାଇଲେ । ତା'ପରେ ହଜୁର୍‌ଙ୍କ କାଫିଲା ଯାତ୍ରା କଲା । ଦୁଇପଟେ ଛିଡା ହୋଇଥିବା ଜମାତ୍‌ର ପୁରୁଷ ଓ ମହିଳାମାନେ ଅନବରତ ନିଜର ହାତକୁ ଉଠାଇ ନିଜ ପ୍ରିୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଥିଲେ । ଅନେକଙ୍କ ଆଖିରୁ ଅଶ୍ରୁ ବହୁଥିଲା । ବିଚ୍ଛେଦର ଏହି କ୍ଷଣ ହଜୁର୍‌ଙ୍କ ସଚ୍ଚା ପ୍ରେମୀଙ୍କ ପାଇଁ ବହୁତ କଷ୍ଟକର ଥିଲା । ଆଜି ପ୍ରୋଗ୍ରାମ୍ ମୁତାବକ ଫ୍ରାଙ୍କଫର୍ଟ୍ ଜର୍ମାନୀରୁ ବ୍ରୋସଲ୍‌ଜ୍ ଯିବା ସମୟରେ ଜର୍ମାନୀର ସୀମା ପାର ହେବା ପରେ ବେଲ୍‌ଜିୟମ୍‌ର ସହର ଆଲ୍‌କନ୍‌ଠାରେ ମସ୍‌ଜିଦ୍ ବଇତୁର୍ ରହିମ୍‌ର ଉଦ୍‌ଘାଟନ କରିବାର ପ୍ରୋଗ୍ରାମ୍ ରଖାଯାଇଥିଲା ।

ଫ୍ରାଙ୍କଫର୍ଟ୍‌ରୁ ଆଲ୍‌କନ୍ ସହରର ଦୂରତା ୩୫୦କି.ମି । ପାଖାପାଖି ୩:୧୫ ମିନିଟ୍ ସମୟ ଯାତ୍ରା କରିବା ପରେ ଯେତେବେଳେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଗାଡି ଆଲ୍‌କନ୍ ସହରର ସୀମାରେ ପ୍ରବେଶ କଲା, ସେଠାରେ ସହରର ପୋଲିସ୍ ହଜୁର୍‌ଙ୍କ କାଫିଲାକୁ ଏସ୍‌କର୍ଟ୍ କଲା । ତତ୍ ସହିତ ରାସ୍ତା ମଧ୍ୟ କ୍ଲିଅର୍ କରିଚାଲିଲେ । ୨:୧୦ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହିମ୍‌ଠାରେ ପଦାର୍ପଣ କଲେ । ସ୍ଥାନୀୟ ଜମାତ୍ ଏବଂ ବେଲ୍‌ଜିୟମ୍‌ର ଅନ୍ୟାନ୍ୟ ଜମାତ୍‌ରୁ ଆସିଥିବା ଜମାତ୍‌ର ପୁରୁଷ, ମହିଳା ଓ ପିଲାମାନେ ନିଜ ପ୍ରିୟ ଆକାଙ୍କ ଆଗମନର ଅପେକ୍ଷାରେ ଥିଲେ । ଯେଉଁକ୍ଷଣି ହଜୁର୍ ଅନୁୱର୍ ଅ:ବ:ଅ ଗାଡିରୁ ବାହାରକୁ ବାହାରିଲେ, ଜମାତ୍‌ର ଲୋକମାନେ ବହୁତ ଉତ୍ସାହିତ ହୋଇ ହଜୁର୍‌ଙ୍କୁ ସ୍ୱାଗତ କଲେ । ଛୋଟ ଛୋଟ ପୁଅ ଓ ଝିଅମାନେ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଦୁଆଇଆ ନଜମ୍ ପାଠ କରୁଥିଲେ । ସମସ୍ତ ଲୋକେ ନିଜର ହାତକୁ ଉପରକୁ ଉଠାଇ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ ଜଣାଉଥିଲେ । ମହିଳାମାନେ ହଜୁର୍‌ଙ୍କୁ ଗୋଟିଏପଟେ ଦର୍ଶନ କରୁଥିଲେ ।

ମୋକରମ୍ ଅମୀର୍ ସାହେବ୍ ଜମାତ୍ ଅହେମଦୀୟା ବେଲ୍‌ଜିୟମ୍ ଜନାବ୍ ଡାଃ ଇଦ୍‌ରିସ୍ ଅହେମଦ୍ ସାହେବ୍, ବେଲ୍‌ଜିୟମ୍‌ର ମୁବଲିଗ୍ ଇନ୍‌ଚାର୍ଯ୍ୟ ମୁକରମ୍ ହାଫିଜ୍ ଏହ୍‌ସାନ୍ ସିକନ୍ଦର୍ ସାହେବ୍ ଏବଂ ସ୍ଥାନୀୟ ଜମାତ୍‌ର ମୁବଲିଗ୍ ମୋକରମ୍ ହସିବ୍ ଅହେମଦ୍ ସାହେବ୍ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଏବଂ ହଜୁର୍ ଅନୁୱର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହି ଅବସରରେ ଆଲ୍‌କନ୍ ସହରର ମେୟର୍ Mr. Marc Penxten ସାହେବ୍ ମଧ୍ୟ ଏଠାରେ ଆସି ପହଂଚିଥିଲେ । ସେ ମଧ୍ୟ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁର୍ ଅନୁୱର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ହଜୁର୍ ଅନୁୱର୍‌ଙ୍କ ଆଗମନ ହେବାର ୪୫ମିନିଟ୍ ପୂର୍ବରୁ ହିଁ ବଇତୁର୍ ରହିମ୍‌ଠାରେ ପହଂଚିସାରିଥିଲେ । ମେୟର୍ ସାହେବ୍ କହିଲେ କି ମୁଁ ଯାହାଙ୍କ ଠାରୁ ମଧ୍ୟ ଅହେମଦୀ ଲୋକଙ୍କ ସମ୍ବନ୍ଧରେ ପଚାରୁଛି ସେମାନେ ସମସ୍ତେ ଆପଣମାନଙ୍କ ସମ୍ବନ୍ଧରେ ଭଲ ମନୋଭାବ ପ୍ରକାଶ କରୁଛନ୍ତି । ତେଣୁ ମୁଁ ମୋ ନିଜ ପାଇଁ ସମ୍ମାନର କଥା ଜାଣୁଛି କି ମୋତେ ମସ୍‌ଜିଦ୍‌ର ଉଦ୍‌ଘାଟନ ଅବସରରେ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ ଦିଆଯାଇଛି । ଏବଂ ଆଜି ମୋତେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବାର ଅବସର ମିଳିଛି । ଏହା ଆମର ସୌଭାଗ୍ୟ ଯେ ମୁଁ ଆପଣଙ୍କ ଖଲିଫାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ଉପସ୍ଥିତ ହୋଇଛି ଏବଂ ଏକଥା ମଧ୍ୟ କହିରଖେ କି ମୁଁ ମୋର ଜରୁରୀ ମିଟିଂକୁ ଛାଡି ଏଠାରେ ଆସି ପହଂଚିଛି ।

ହଜୁର୍ ଅନୁୱର୍ ମେୟର୍ ସାହେବ୍‌ଙ୍କୁ କହିଲେ- ଆପଣ ଏଠାକୁ ଆସିଥିବାରୁ ଆପଣଙ୍କୁ ବହୁତ ଧନ୍ୟବାଦ ଏବଂ ଆପଣ ଏଠାରେ ଆସି ମୋତେ ପାଛୋଟି ନେଇଥିବାରୁ ଆପଣଙ୍କୁ ପୁଣି ଧନ୍ୟବାଦ ଜଣାଉଛି । ଏଥିରେ ମେୟର୍ ସାହେବ୍ ଉତର ଦେଲେ କି ଏହା ମୋ ପାଇଁ ସମ୍ମାନ ଓ ଆନନ୍ଦର ବିଷୟ ।

### ମସ୍‌ଜିଦ୍ ବଇତୁର୍ ରହିମ୍‌ର ଉଦ୍‌ଘାଟନ

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକଟିକୁ ଉନ୍ମୋଚନ କଲେ ଓ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଗୋଟିଏ ଚାରା ବୃକ୍ଷ ରୋପଣ କଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ମସ୍‌ଜିଦ୍ ବଇତୁର୍ ରହିମ୍‌ର କୱାଇଫ୍ (Bio-Data)

ମସ୍‌ଜିଦ୍ ବଇତୁର୍ ରହିମ୍‌ର ଏହି ଅଟ୍ଟାଳିକାଟି ୧୫ ଏପ୍ରିଲ୍ ୨୦୧୬ ମସିହାରେ କିଣାଯାଇଥିଲା । ଏହି ସ୍ଥାନର ମୋଟ କ୍ଷେତ୍ରଫଳ ହେଉଛି ୧୫୦୦୦ ସ୍କୋୟାର୍ ମିଟର୍ । ବିଲ୍‌ଡିଂର ସମ୍ମୁଖରେ ଥିବା ବ୍ଲକ୍‌ରେ ଗ୍ରାଉଣ୍ଡ ଫ୍ଲୋର୍‌ଠାରେ ଗୋଟିଏ ଆବାସସ୍ଥଳୀ ନିର୍ମାଣ କରାଯାଇଛି । ସେଥିରେ ହଜୁର୍ ଅନୁୱର୍ ସିମୀତ ସମୟ ପାଇଁ ରହିଥିଲେ । ସେହି ଗ୍ରାଉଣ୍ଡ୍ ଫ୍ଲୋର୍ ଉପରେ ଥିବା ପ୍ରଥମ ମହଲାରେ ମୁରବୀ ହାଉସ୍ ନିର୍ମାଣ କରାଯାଇଛି ଏବଂ ସେହିପରି ଦ୍ୱିତୀୟ ମହଲାରେ ଦୁଇଟି କୋଠରୀ, କିଚେନ୍, ବାଥ୍‌ରୁମ୍, ସିଟିଂ ଏବ ଡାଇନିଂ ରୁମ୍‌ରେ ପରିବେଷ୍ଟିତ ଗୋଟିଏ ଗେଷ୍ଟ୍ ହାଉସ୍ ମଧ୍ୟ ରହିଛି । ମଝି ବ୍ଲକ୍‌ରେ ପୁରୁଷ ମାନଙ୍କ ପାଇଁ ନିର୍ମାଣ ହୋଇଥିବା ମସ୍‌ଜିଦ୍ ହଲ୍ ରହିଛି, ଯାହାର କ୍ଷେତ୍ରଫଳ ହେଉଛି ୨୫୦କି.ମି । ସେଥିରେ ଗୋଟିଏ ପଟର କାନ୍ଥ ଓ ଛାତର କିଛି ଭାଗ କାଚ ଦ୍ୱାରା ନିର୍ମାଣ କରାଯାଇଛି । ଯେଉଁଥି ଯୋଗୁ ଏହା ଆଲୋକମୟ ଓ ସୁନ୍ଦର ଦେଖାଯାଉଛି । ହଲ୍‌ର ଶେଷରେ ନୂଆ ୱାସ୍‌ରୁମ୍ ନିର୍ମାଣ କରାଯାଇଛି । ପୁରୁଷମାନଙ୍କ ନିମନ୍ତେ ଥିବା ମସ୍‌ଜିଦ୍ ଉପରେ ପ୍ରଥମ ମହଲାଠାରେ ଗୋଟିଏ ଲାଇବ୍ରେରି ଓ ଗୋଟିଏ ସୁନ୍ଦର୍ ହଲ୍ ମଧ୍ୟ ରହିଛଇ । ତୃତୀୟ ଓ ଶେଷ ବ୍ଲକ୍‌ରେ ମହିଳାମାନଙ୍କ ନିମନ୍ତେ ମସ୍‌ଜିଦ୍ ହଲ୍ ଅଛି ଓ ପିଲାମାନଙ୍କ ପାଇଁ ଗୋଟିଏ କୋଠରୀ ମଧ୍ୟ ରହିଛି । ଏହି ହଲ୍‌ରେ ଶେଷରେ ମଧ୍ୟ ନୁଆ ୱାସ୍‌ରୁମ୍ ତିଆରି ହୋଇଛି । ମହଲାମାନଙ୍କ ନିମନ୍ତେ ଥିବା ଏହି ହଲ ଉପରେ ଗୋଟିଏ ବହୁତ ବଡ ପ୍ରଫେସନାଲ୍ କିଚେନ୍ ରହିଛି ଯେଉଁଠି ହଜାର ହଜାର ଲୋକମାନଙ୍କ ପାଇଁ ବହୁତ ସହଜରେ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ଏହି କିଚେନ୍ ରୁମ୍ ସହିତ ସଂଲଗ୍ନ ଗୋଟିଏ Chiller Room ମଧ୍ୟ ଅଛି ଯେଉଁଥିରେ ବହୁତ ଗୁଡିଏ ମାଂସ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଫ୍ରିଜ୍ କରାଯାଇପାରିବ ।

ବଇତୁର୍ ରହିମ୍‌ର ପୁନଃ ନିର୍ମାଣ ଓ ପ୍ରସ୍ତୁତି ନିମନ୍ତେ ମୋକରମ୍ ଅମୀର୍ ସାହେବ୍ ବେଲ୍‌ଜିୟମ୍ ଏବଂ ନ୍ୟାସ୍‌ନାଲ୍ ସେକ୍ରେଟାରୀ ସାହେବ୍ ଜାଏଦାଦ୍‌ଙ୍କ ତତ୍ତ୍ୱାବଧାନରେ ସମସ୍ତ ଜମାତ୍‌ର ଖୁଦାମ୍, ଅନ୍‌ସାର୍ ଏବଂ ଅତ୍‌ଫାଲ୍ ପିଲାମାନେ ୱକାରେ ଅମଲ୍ ମାଧ୍ୟମରେ ସ୍ୱେଚ୍ଛାସେବକ ମୂଳକ ଏହି କାର୍ଯ୍ୟରେ ଭାଗ ନେଇ ଭରପୁର୍ ସାହାଯ୍ୟ କରିଛନ୍ତି ।

ମସ୍‌ଜିଦ୍ ବଇତୁର୍ ରହିମ୍‌ର ଏହି ଜମି ଖଣ୍ଡକର କ୍ଷେତ୍ରଫଳ ବହୁତ ବଡ ଅଟେ । ଏଠାରେ ଦେଢ଼ଶହ ଗାଡିପାଇଁ ନିୟମିତ ଏକ ପକ୍କା ପାର୍କିଂ ରହିଛି । ଏତଦ୍ ବ୍ୟତୀତ ଗୋଟିଏ ବଡ ପଡ଼ିଆ ମଧ୍ୟ ଏହି ଜମି ସହିତ ସାମିଲ୍ ହୋଇଛି ଯେଉଁଠାରେ ଆବଶ୍ୟକ ସ୍ଥଳେ ଶହ ଶହ ଗାଡି ପାର୍କିଂ କରାଯାଇପାରିବ ।

ଏହି ଅଟ୍ଟାଳିକାଟିକୁ ଚାରିଲକ୍ଷ ପନ୍ଦର ହଜାର ୟୁରେ ଦେଇ କିଣାଯାଇଥିଲା । ଏହାର ପୁନନିର୍ମାଣ ଏବଂ ଫର୍ଣ୍ଣିସିଂ କରିବା ପାଇଁ ପାଖାପାଖି ୧ଲକ୍ଷ ପଚାଶ ହଜାର ଖର୍ଚ୍ଚ କରାଯାଇଛି । ଏହି ଅଟ୍ଟାଳିକାଟିର ରେନୋଭେସନ୍‌ର କାର୍ଯ୍ୟର ଅତି କମ୍‌ରେ ୭୦ ପ୍ରତିଶତ କାର୍ଯ୍ୟ ୱକାରେ ଅମଲ୍ ଦ୍ୱାରା କରାଯାଇଛି । ଏହିପରି ପାଖାପାଖି ୧ଲକ୍ଷ ପଚାଶ ହଜାର ୟୁରୋ ସଂଚୟ କରାଯାଇଛି ।

୨:୪୦ରେ ହଜୁର୍ ଅନୁୱର୍ ଅ:ବ:ଅ ପୁରୁଷ ମାନଙ୍କ ନିମନ୍ତେ ଥିବା ମସ୍‌ଜିଦ୍ ହଲ୍ ଭିତରେ ପଦାର୍ପଣ କରି ନମାଜ ଜୋହର ଏବଂ ଅସର୍ ଜମା କରି ପଢ଼ାଇଲେ । ଏହି ନମାଜ ସହିତ ହିଁ ମସ୍‌ଜିଦ୍ ଉଦ୍‌ଘାଟନର କାର୍ଯ୍ୟ ଆରମ୍ଭ ହୋଇଗଲା । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

### ମସ୍‌ଜିଦ୍ ବଇତୁର୍ ରହିମ୍‌ର ଉଦ୍‌ଘାଟନ ଅବସରରେ ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣ

ତଶହୁଦ୍ ଏବଂ ତଉଜ୍ଜୁ ପାଠ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍‌ହମ୍‌ଦୋଲିଲ୍ଲାଃ କି ଆଜି ଏହି ସହରର ଜମାତ୍‌କୁ ଅଲ୍ଲାଃତାଲା ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି ବା ଏପରି ଗୋଟିଏ ସେଂଟର୍ ପ୍ରଦାନ କରିଛନ୍ତି ଯାହାକୁ ଆପଣମାନେ ମସ୍‌ଜିଦ୍‌ର ରୂପ ଦେଇଛନ୍ତି । ମସ୍‌ଜିଦ୍‌ଟି ନିର୍ମାଣ କରିବା ପରେ ଜଣେ ଅହେମଦୀ ଏବଂ ଜଣେ ସଚ୍ଚା ମୁସଲ୍‌ମାନ୍‌ର ଅଲ୍ଲାଃତାଲାଙ୍କ ଶିକ୍ଷା ଉପରେ ପୂର୍ବଅପେକ୍ଷା ଅମଳ କରିବାର ପରିପ୍ରକାଶ ବହୁତ ହେବା ଉଚିତ୍ ଯଦ୍ୱାରା ଆଖପାଖର ଲୋକମାନଙ୍କୁ ଇସ୍‌ଲାମ୍ ଶିକ୍ଷା ବିଷୟରେ ଜ୍ଞାନ ମିଳିବ । ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏହା କହିଛନ୍ତି କି ଯେଉଁଠି ଇସ୍‌ଲାମ୍‌ର ଶିକ୍ଷାକୁ ପ୍ରଚାର ପ୍ରସାର କରିବାକୁ ଅଛି, ଅଲ୍ଲାଃତାଲାଙ୍କ ବାର୍ତ୍ତାକୁ ପହଂଚାଇ ଦେବାର ଅଛି ସେଠାରେ ମସ୍‌ଜିଦ୍ ନିର୍ମାଣ କରିଦିଅ । ସୁତରାଂ ମସ୍‌ଜିଦ୍ ନିର୍ମାଣ କରିବା ପରେ ଆପଣମାନଙ୍କର ଦାୟିତ୍ୱ ପୂର୍ବାପେକ୍ଷା ଅଧିକା ବଢ଼ିଯାଇଛି । ଏଠିକାର ମେୟର୍ ସାହେବ୍ ମଧ୍ୟ ଆସିଛନ୍ତି ଓ ସେ ଯେଉଁ ଶୈଳୀରେ ନିଜର ଭାବନାକୁ ପରିପ୍ରକାଶ କଲେ ତାହା ଆମପାଇଁ ସମ୍ମାନର କଥା । ସାଧାରଣତଃ ଇସ୍‌ଲାମ୍ ସମ୍ବନ୍ଧରେ ଏ ପୃଥିବୀରେ ବିଶେଷ ରୂପେ ପାଶ୍ଚାତ୍ୟ ଦେଶଗୁଡିକରେ ବହୁତ ଭୁଲ୍ ଧାରଣା ସୃଷ୍ଟି ହୋଇସାରିଛି । ଏପରି ପରିସ୍ଥିତିରେ ସରକାର ଏବଂ ସ୍ଥାନୀୟ ବ୍ୟବସ୍ଥା ତରଫରୁ ସାହାଯ୍ୟ ସହଯୋଗ କରିବା, ସେମାନଙ୍କର ତରଫରୁ ଗୋଟିଏ ବହୁତ ଉତମ ଚରିତ୍ରର ପରିପ୍ରକାଶ । ଏହାକୁ କାଏମ୍ ରଖିବା ପାଇଁ ଆପଣ ଅହେମଦୀ ମାନଙ୍କୁ ପୂର୍ବଠାରୁ ବଳି ନିଜର ଦାୟିତ୍ୱ ଗୁଡିକୁ ତୁଲାଇବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହି ଦାୟିତ୍ୱ ଗୁଡିକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରିଛନ୍ତି ଓ ଅଧିକାଂଶ ସମୟ ମୁଁ ମଧ୍ୟ ବର୍ଣ୍ଣନା କରୁଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଆବିର୍ଭାବ ହେବାର ଉଦ୍ଦେଶ୍ୟ ଓ କାରଣକୁ ଦୁଇଗୋଟି ବୋଲି ଅଭିହିତ କରିଛନ୍ତି । ପ୍ରଥମଟି ହେଉଛି ଏହା କି ଭକ୍ତ ଓ ଇଶ୍ୱରଙ୍କ ମଧ୍ୟରେ ଯେଉଁ ଦୂରତା ସୃଷ୍ଟି ହୋଇଯାଇଛି ତାହା ଦୂର କରିବା ଏବଂ ଭକ୍ତକୁ ଅଲ୍ଲାଃତାଲାଙ୍କ ହକ୍ ପ୍ରଦାନ କରି ବନାଇବା । ଅଲ୍ଲାଃତାଲାଙ୍କର ହକ୍ କଣ ? ଏହା କି ତା'ର ଉପାସନା କରାଯାଉ ଓ ଉପାସନା କରିବାର ହକ୍ ସେତେବେଳେ ପ୍ରଦାନ କରାହୋଇଥାଏ ଯେତେବେଳେ ପୁଣ୍ୟବନ୍ତ ହୋଇ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କ ଉପାସନା ପାଇଁ ହାଜିର୍ ହେବ । ସେ ଲୋକମାନଙ୍କ ପରି ନୁହେଁ ଅର୍ଥାତ୍ ଯାହାଙ୍କ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan